


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୩ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 13 July 2026
Vol.No. 36 ■ No.183 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026
SAI SADHANA SCIENCE COLLEGE
+2 Sc. & +2 Arts
SAI SADHANA COLLEGE OF BASIC SCIENCE (+3)
(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)
Dibyasingpur, UDALA
100% first class result-2026
Contact No: 9437294587, 9437443950, 9937557158


## ସୁସ୍ଥ ହେଲେ ଶ୍ରୀଜିଉ: ସରିଲା ରାଜପ୍ରାସାଦ ବିଜେ ନୀତି

ନୂଆଦିଲ୍ଲୀ,୧୨/୭ : ଲକ୍ଷଲକ୍ଷ ଭକ୍ତଙ୍କ ପାଇଁ ଆଶ୍ୱସ୍ତିକର ଖବର। ଅଣସର ଘରେ ଦୀର୍ଘ ଦିନର ଗୁପ୍ତ ଉପଚାର ପରେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ମହାବାହୁ। ବୈଦ୍ୟଙ୍କ ପରାମର୍ଶକ୍ରମେ ମହାପ୍ରଭୁଙ୍କୁ ବିଶେଷ 'ଦଶମୂଳ ଓଷୁଅ' ଲାଗି ହେବା ପରେ ଶ୍ରୀଜିଉମାନେ ଆରୋଗ୍ୟ ଲାଭ କରିଛନ୍ତି। ମହାପ୍ରଭୁଙ୍କ ସୁସ୍ଥତାର ଶୁଭ ଖବର ଗଜପତି ମହାରାଜାଙ୍କ ପାଖରେ ପହଞ୍ଚିବା ପରେ ସରିଛି ରାଜପ୍ରସାଦ ବିଜେ। ସେପଟେ ରଥଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ଦିନକ ପରେ ନବଯୌବନ ଦର୍ଶନ। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ସଜେଇ ହେଲାଣି ପୁରୀ ସହର। ଅଣସର ଘରେ ବୈଦ୍ୟଙ୍କ ପରାମର୍ଶରେ ମହାପ୍ରଭୁଙ୍କୁ ଦଶମୂଳ ଓଷୁଅ ଦିଆଯିବା ପରେ ସୁସ୍ଥ ହୋଇଛନ୍ତି ମହାବାହୁ। ପରମ୍ପରା ଅନୁସାରେ ସମ୍ପର୍ଣ୍ଣ ହୋଇଛି ରାଜପ୍ରସାଦ ବିଜେ ନୀତି । ଅନବସର ସମୟରେ ଶ୍ରୀଅଂଗରୁ ବାହାରିଥିବା ପ୍ରସାଦ ଚନ୍ଦନ, କରାଳ ଓ ପାଟଡୋରିକୁ ଧରି ଦଇତାପତିମାନେ ଶ୍ରୀନଅର ବିଜେ କରିଛନ୍ତି। ଗଜପତି ମହାରାଜାଙ୍କୁ ଦିଆଯାଇଛି ମହାପ୍ରଭୁଙ୍କ ସୁସ୍ଥ ହେବା ଖବର। ରାଜପ୍ରସାଦ ବିଜେ ନୀତି ସମ୍ପନ୍ନ ପରେ ଦଇତାପତି ସେବାୟତଙ୍କ ସହ ଆଲୋଚନା କରିଛନ୍ତି ଗଜପତି ମହାରାଜା। ରଥଯାତ୍ରା କିଭଳି ଶାନ୍ତିଶୃଂଖଳାର ସହ ହେବ ସେ ନେଇ ଆଲୋଚନା କରିଛନ୍ତି। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁପାଳନ କରିବା ପାଇଁ ଗଜପତି ପରାମର୍ଶ ଦେଇଛନ୍ତି। ମହାପ୍ରଭୁଙ୍କ ସୁସ୍ଥତା ଖବର ପରେ ଏବେ ଶ୍ରୀକ୍ଷେତ୍ର ପୁରୀ ସମ୍ପୂର୍ଣ୍ଣ ଚଳଚଞ୍ଚଳ ହୋଇଉଠିଛି। ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ରଥର 'ପ୍ରଭା' ଏବଂ 'ସିଂହାସନ' କାର୍ଯ୍ୟ ଜୋରସୋରରେ ଚାଲିଥିବା ବେଳେ ଆସନ୍ତା ଦୁଇ ଦିନ ମଧ୍ୟରେ ତିନି ରଥର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହେବ। ଅନ୍ୟପକ୍ଷରେ ଆସନ୍ତା ୧୪ ତାରିଖ ନବଯୌବନ ଦର୍ଶନ। ତେବେ ସୀମିତ ତଥା କମ୍ ସମୟ ପାଇଁ ଭକ୍ତ ମାନେ ନବଯୌବନ ଦର୍ଶନ କରିବେ।

# ପୁଣି ରଣକ୍ଷେତ୍ର ପାଲଟିଲା ମଧ୍ୟପ୍ରାଚ୍ୟ: ଆମେରିକା ଆକ୍ରମଣର ଜବାବ ଦେଉଛି ଇରାନ



ନୂଆଦିଲ୍ଲୀ,୧୨/୭ : ପୁଣି ଡରାଉଛି ଯୁଦ୍ଧର ଘନଘଟା । ଆମେରିକା ସେନା ଇରାନର ବିଭିନ୍ନ ଠିକଣାକୁ ଟାର୍ଗେଟ କରି ଆକ୍ରମଣ କରୁଛନ୍ତି। ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ସେନା ଶିବିରକୁ ଟାର୍ଗେଟ କରି ଆଇଆରଜିସି ହମଲା କରୁଛି । ଏହାରି ଭିତରେ ପୁଣି ହର୍ମୁଜକୁ ବନ୍ଦ କରିଦେଇଛନ୍ତି ଇରାନ ସେନା। ହର୍ମୁଜରେ ମାଲବାହୀ ଜାହାଜ ଉପରେ ଇରାନ ସେନାର ଆକ୍ରମଣରେ ଜଣେ ଭାରତୀୟ ନିଖୋଜ ଥିବା ଖବର ମିଳିଛି । ଆକ୍ରମଣ-ପ୍ରତିଆକ୍ରମଣରେ ଥରୁଛି ପଶ୍ଚିମ ଏସିଆ। ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦରେ କମ୍ପୁଛି ସହର। ଆକାଶକୁ ଛୁଉଁଛି ନିଆଁ ଗୋଳା, କଳାଧୁଆଁରେ ପୋତି ହେଉଛି ଅଞ୍ଚଳ। ଆମେରିକା-ଇରାନ ସଂଘର୍ଷ ଭୟଙ୍କର ରୂପ ନେଇଛି। ହର୍ମୁଜ ଖୋଲିବାକୁ ୨୪ ଘଣ୍ଟାର କଣ୍ଟକୁ ଇରାନ ଅଣଦେଖା କରିବା ପରେ ଆକ୍ରମଣକୁ ଜୋରଦାର କରିଛି ଆମେରିକା। ଇରାନର ୧୨ ପ୍ରମୁଖ ସାମରିକ ଶିବିର ଓ ୭ ବଡ଼ ସହରକୁ ଟାର୍ଗେଟ୍ କରି ଘନ ଘନ ବୋମା, ଡ୍ରୋନ ଓ ମିଶାଇଲ ଆକ୍ରମଣ କରିଛି। ସେପଟେ ଉପସାଗରୀୟ ଦେଶଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟି ଇରାନ ଟାର୍ଗେଟରେ। ଏକାଧିକ ଆକ୍ରମଣ କରିଛି ଇରାନ। ଜୋର୍ଡାନର ଏକ ଘାଟିରେ ଥିବା ୟୁଏସ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର ଏବଂ ଡ୍ରୋନ୍ ହ୍ୟାଙ୍ଗରକୁ ଧ୍ୱଂସ କରିଥିବା ଦାବି କରିଛି ଆଇଆରଜିସି। ପ୍ରଚଣ୍ଡ ଯୁଦ୍ଧ ଭିତରେ ପୁଣି ଥରେ ହର୍ମୁଜ ପ୍ରଣାଳୀ ବନ୍ଦ କରିବା ନେଇ ଇରାନରେ ମତଭେଦ ସାମ୍ନାକୁ ଆସିଛି। ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ ସେନା ହର୍ମୁଜକୁ ବନ୍ଦ କରିବା ସହ ପ୍ରତିଶୋଧ ନେବାକୁ କହୁଥିବା ବେଳେ ରାଷ୍ଟ୍ରପତି ପେଜେସକିୟାନ କଥାବାର୍ତ୍ତା ଜରିଆରେ ସମାଧାନ କଥା କହୁଛନ୍ତି । ସେପଟେ ମଧ୍ୟପ୍ରାଚ୍ୟ ସ୍ଥିତି ଆମେରିକୀୟ ଘାଟି ଉପରେ ଆକ୍ରମଣ ପରେ ଇରାନ ହର୍ମୁଜରେ ଦ୍ୱିତୀୟ ଜାହାଜ ଉପରେ ଆକ୍ରମଣ କରିଛି। ଓମାନ ତଟରେ ବାଣିଜ୍ୟ ଜାହାଜ ଜିଏଫସି ଗ୍ୟାଲେକ୍ସି ଉପରେ ଆକ୍ରମଣକୁ ନିନ୍ଦା କରିଛି ଭାରତର ବିଦେଶ ମନ୍ତ୍ରାଳୟ। ଜାହାଜରେ ୧୧ ଜଣ ଭାରତୀୟ ନାଗରିକଙ୍କୁ ମଧ୍ୟରୁ ୧୦ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଜଣେ ନିଖୋଜ ହୋଇଯାଇଛନ୍ତି । ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଉତ୍ତେଜନାକୁ ଆହୁରି ବଢ଼ାଇଛି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବୟାନ। କହିଛନ୍ତି ତାଙ୍କୁ ହତ୍ୟା ଉଦ୍ୟମ କଲେ ଇରାନ ପାଇଁ ହଜାରେ କ୍ଷେପଣାସ୍ତ୍ର ପ୍ରସ୍ତୁତ ହୋଇ ରହିଛି ଓ ଏଥିପାଇଁ ସେନାକୁ ସଂପୂର୍ଣ୍ଣ ସ୍ୱାଧିନତା ଦିଆଯାଇଛି । ସେପଟେ ଇରାନ କହିଛି ଚୁକ୍ତିର ଖିଲାପ କଲେ ଭୟାନକ ଜବାବ ମିଳିବ ।

## ବିଜେପିରେ ମିଶିଲେ ପ୍ରଭାତ ବିଶ୍ୱାଳ



ଭୁବନେଶ୍ୱର, ୧୨/୭ (ନି.ପ୍ର): ବିଜେପିରେ ମିଶିଲେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ। ଭୁବନେଶ୍ୱର ସ୍ଥିତ ବିଜେପିର ରାଜ୍ୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ପଦ୍ମ ଧରିଲେ ପ୍ରଭାତ। ତାଙ୍କ ସହିତ ତାଙ୍କର ବହୁ ସମର୍ଥକ ବିଜେପିରେ ସାମିଲ ହୋଇଛନ୍ତି। ସମର୍ଥକଙ୍କ ସହିତ ଏକ ବଡ଼ ଶୋଭାଯାତ୍ରାରେ ଆସି ବିଜେପିରେ ମିଶିଛନ୍ତି ପ୍ରଭାତ। ମିଶ୍ରଣ ମଞ୍ଚରୁ ବିଜେଡିକୁ କଡା କାଉଣ୍ଟର କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ପ୍ରଭାତ ବାବୁ ବିଜେପିରେ ମିଶିବା ବିଜେଡିରେ ଭୂକମ୍ପ ସୃଷ୍ଟି କରିଛି। ୬ ଦିନ ହେଲା ବିଜେଡି ନେତା କଟକରେ ଡେରା ପକାଇଛନ୍ତି। କେହି ଯେମିତି ନ ଯିବେ ସେନେଇ ଚେଷ୍ଟା କରୁଛନ୍ତି। ଯେତେ ବନ୍ଧ ବାନ୍ଧିଲେ ବି କାଠଯୋଡ଼ି ଦେଇ ପାଣି ବିଜେପି କାର୍ଯ୍ୟାଳୟରେ ପଶିଛି। ଲୋକେ ଆଉ ବିଜେଡିକୁ ଚାହିଁ ନାହାନ୍ତି। ଆମ ସରକାର ଲୋକଙ୍କ ସରକାର। ଗତ ଫେବୃଆରୀ ମାସରେ ବିଜେଡିରୁ ବହିଷ୍କୃତ ହୋଇଥିଲେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ। ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ଦଳରୁ ବିଦା କରାଯାଇଥିଲା। ବିଜେଡି ସଂତୃପ୍ତ ମିଶ୍ରଙ୍କୁ ରାଜ୍ୟସଭା ପ୍ରାର୍ଥୀ କରିବାରୁ ସେ ଖୋଲାଖୋଲି

◆◆ପୃଷ୍ଠା ୭

## ବସ୍ତା ବ୍ଲକ ୧୪ ନମ୍ବର ଜୋନ ଜିଲ୍ଲାପରିଷଦ ସ୍ୱାମୀଙ୍କୁ ଆକ୍ରମଣ: ଦଉଡ଼ିରେ ବାନ୍ଧି ପିଟିଲେ



ବସ୍ତା, ୧୨/୭ (ନି.ପ୍ର): ଜିଲ୍ଲାପରିଷଦଙ୍କ ସ୍ୱାମୀଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିବା ସହିତ ଦଉଡ଼ିରେ ବାନ୍ଧି ଘୋଷାରିଲେ ଆକ୍ରମଣକାରୀ। ଆକ୍ରମଣ କରିବା ସମୟରେ ଭିଡ଼ିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ କଲେ ଭାଇରାଲ, ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ୧୪ ନମ୍ବର ଜୋନର ଜିଲ୍ଲାପରିଷଦଙ୍କ ସ୍ୱାମୀ ସଞ୍ଜୟ କୁମାର ବୁଗୁଡିଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିବା ସହିତ ଦଉଡିରେ ବାନ୍ଧି ଘୋଷାରି ଘୋଷାରିଲେ ଆକ୍ରମଣକାରୀ। କୁଣ୍ଡ ପର ଗ୍ରାମର ଜୈନିକ ବ୍ୟକ୍ତିଙ୍କ ମୃତ୍ୟୁର ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ପାଇଁ ଡକ୍ୟୁମେଣ୍ଟ ଆଣିବାକୁ ଯାଇଥିବା ବେଳେ ହୋଇଛି ଆକ୍ରମଣ । ଫଳରେ ତାଙ୍କ ଛାତିରେ ଗଭିର ଆଘାତ ଲାଗିଛି, ଖବରରୁ ପ୍ରକାଶ ଶ୍ରୀ ବୁଗୁଡି ଏବଂ କୁଣ୍ଡପୁର ଗ୍ରାମର ବିଜୟ କୁମାର ବେହେରା ମିଳିତ ଭାବରେ ଠିକାଦାରୀ କାମ କରିଥିଲେ,ଏହି କାମରେ ଆର୍ଥିକ ଅନିୟମିତତା ନେଇ ଉଭୟଙ୍କ ମଧ୍ୟରେ ଶତ୍ରୁତା ଆରମ୍ଭ ହୋଇଥିଲେ । ଏନେଇ ବସ୍ତା ଥାନାରେ ଲିଖିତ ଅଭିଯୋଗ ପରେ ଆପୋଷ ସମାଧାନ ହୋଇଥିଲା । କିନ୍ତୁ ଉଭୟଙ୍କ ମଧ୍ୟରେ ଶତ୍ରୁତା କମି ନଥିଲା, ଯାହାକୁ ନେଇ ଏହି ସଙ୍ଘବଦ୍ଧ ଆକ୍ରମଣ ହୋଇଥିବା କୁହା ଯାଉଛି । ଏନେଇ ଉଭୟଙ୍କ ପକ୍ଷରୁ ବସ୍ତା ଥାନାରେ ପୃଥକ ପୃଥକ ଅଭିଯୋଗ ହୋଇଛି।

## ନିଶାମୁକ୍ତ ଓଡ଼ିଶା ପାଇଁ ମାଷ୍ଟରପ୍ଲାନ: ସ୍କୁଲରୁ ପଞ୍ଚାୟତ ଯାଏଁ ସଚେତନତା ଅଭିଯାନ

ଭୁବନେଶ୍ୱର, ୧୨/୭ (ନି.ପ୍ର):ରାଜ୍ୟକୁ ନିଶାମୁକ୍ତ କରିବା ପାଇଁ ବଡ଼ ପଦକ୍ଷେପ ନେଇଛନ୍ତି ଓଡ଼ିଶା ସରକାର । ନିଶାଦ୍ରବ୍ୟର ବ୍ୟବହାର ହ୍ରାସ, ସଚେତନତା ବୃଦ୍ଧି ଚିକିତ୍ସା, ପୁର୍ନବାସ ଆଦି ଯୋଜନା ପାଇଁ ଚଳିତ ଆର୍ଥିକ ବର୍ଷରେ ୪ କୋଟି ୬୨ ଲକ୍ଷ ଟଙ୍କାର ଯୋଜନା ପ୍ରସ୍ତୁତ କରାଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନ୍ୟାସନାଲ ଆକ୍ସନ ପ୍ଲାନ୍ ଫର୍ ଡ୍ରଗ୍ ଡିମାଣ୍ଡ ରିଡକ୍ସନ୍ ଅଧୀନରେ ଏହି ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି। ସାରା ରାଜ୍ୟକୁ ନିଶାମୁକ୍ତ କରିବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଯୁବବର୍ଗ ଓ ଛାତ୍ରଛାତ୍ରୀ ନିଶା କବଳରେ ପଡ଼ି ଭୁଲ ବାଟରେ ଯାଉଛନ୍ତି । ତେଣୁ ୧୫୦ଟି ସ୍କୁଲ ଓ କଲେଜରେ ନିଶାବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସେହିପରି ସଚେତନତା ପାଇଁ 'ଗୁଡ୍ ଚଏସ୍ କ୍ଲବ୍' ବା ଆଣ୍ଟି-ଡ୍ରଗ୍ କ୍ଲବ୍ ଗଠନ, ପ୍ରବନ୍ଧ, ବିତର୍କ, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାର ବ୍ୟବସ୍ଥା କରାଯିବ। ଏହାଛଡ଼ା ୩୦ଟି ଜିଲ୍ଲାରେ ସଚେତନତା ରାଲି, ମାରାଥନ, ୱାକାଥନ ଓ ସାଇକେଲ ରାଲି ଆୟୋଜନ କରିବେ ସରକାର। ବିଶ୍ୱବିଦ୍ୟାଳୟ ଓ ମେଡିକାଲ କଲେଜଗୁଡ଼ିକରେ ଯୁବ ସମ୍ପୃକ୍ତି କାର୍ଯ୍ୟକ୍ରମ ମଧ ଚାଲିବ। ଏନେଇ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୪ କୋଟି ୬୨ ଲକ୍ଷ ଟଙ୍କାର ସଂଶୋଧିତ ରାଜ୍ୟ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଛି। ନିଶା ଯୁବ ପୀଢ଼ିଙ୍କୁ ପଥଭ୍ରଷ୍ଟ କରୁଛି। ଦେଶରେ ଭବିଷ୍ୟତକୁ ନଷ୍ଟ କରୁଛି । ଏଣୁ ନିଶା ମୁକ୍ତ ଓଡ଼ିଶା ଗଠନ ଦିଗରେ ପାଦ ବଢ଼ାଇଛନ୍ତି ରାଜ୍ୟ ସରକାର। ନିଶା ନିରାକରଣକୁ ସୁଦୃଢ଼ କରିବା ପାଇଁ ରାଜ୍ୟର ୩୧୪ଟି ବ୍ଲକରେ ଆଣ୍ଟି-ଡ୍ରଗ୍ କମିଟି ବୈଠକ ଆୟୋଜନ କରାଯିବ। ୩୦୦ଟି ପଞ୍ଚାୟତରେ ସଚେତନତା ଅଭିଯାନ ।

◆◆ପୃଷ୍ଠା ୭

## ଇସ୍କନ ବିରୋଧରେ ବଢୁଛି ଅସନ୍ତୋଷ: ପରମ୍ପରା ବିରୋଧୀ କାର୍ଯ୍ୟ ବନ୍ଦ କରିବାକୁ ଦାବି



ଭୁବନେଶ୍ୱର, ୧୨/୭ (ନି.ପ୍ର): ଇସ୍କନର ଅଦିନିଆ ରଥଯାତ୍ରାକୁ ନେଇ ବଢ଼ିବାରେ ଲାଗିଛି ବିରୋଧ। ବିଭିନ୍ନ ସଂଗଠନ ପକ୍ଷରୁ ଇସ୍କନର ଏଭଳି ପରମ୍ପରା ବିରୋଧୀ କାର୍ଯ୍ୟକୁ ନିନ୍ଦା କରି ପ୍ରତିବାଦ କରିଛନ୍ତି ବିଭିନ୍ନ ସଂଗଠନ। କଳିଙ୍ଗ ସେନା ପରେ ଓ ଫର ଭୁବନେଶ୍ୱର ଅନୁଷ୍ଠାନ ପକ୍ଷରୁ ଇସ୍କନ ସମ୍ମୁଖରେ ପ୍ରତିବାଦ କରାଯାଇଛି। ବିରୋଧ ବଢୁଥିବାବେଳେ ଅଡୁଆରେ ପଡିଛନ୍ତି ଓଡ଼ିଶା ଇସ୍କନ କର୍ତ୍ତୃପକ୍ଷ। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଖାତିର ନକରି ଇସ୍କନ ବିଦେଶରେ ଅଦିନିଆ ରଥଯାତ୍ରା ପାଳନ କରିବାକୁ ନେଇ ଓଡ଼ିଶାରେ ତେଜୁଛି ବିଦ୍ରୋହ। ଶନିବାର ଶ୍ରୀକ୍ଷେତ୍ର ବଡଦାଣ୍ଡରେ ବିରୋଧ କରିଥିଲେ ବୁଦ୍ଧିଜୀବୀ। ରବିବାର ଭୁବନେଶ୍ୱରରେ ଜୋରଦାର ପ୍ରତବାଦ କରିଛନ୍ତି ଓ୍ୱି ଫର ଭୁବନେଶ୍ୱର ଅନୁଷ୍ଠାନର ସଦସ୍ୟ। ଭୁବନେଶ୍ୱର ଇସ୍କନ ମନ୍ଦିର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ସହ ହାତରେ ପ୍ଲାକାର୍ଡ ଧରି କରିଛନ୍ତି ଆନ୍ଦୋଳନ । ବିଦେଶରେ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ବନ୍ଦ କରିବାକୁ ରଖିଛନ୍ତି ଦାବି। ଏଥିସହ ଗଜପତିଙ୍କ ଚିଠିରେ ଇସ୍କନ ରଖିଥିବା ମନ୍ତବ୍ୟକୁ ଘୋର ବିରୋଧ କରିଛନ୍ତି। ଜଗନ୍ନାଥ ସଂସ୍କୃତି ପ୍ରତି ଅପମାନକୁ ସହ୍ୟ କରାଯିବ ନାହିଁ ଏବଂ

### ସାଲସା ମହୋତ୍ସବରେ ଗୁଳିକାଣ୍ଡ: ଦୁଇ ମୃତ, ୬ ଆହତ

ନୂଆଦିଲ୍ଲୀ,୧୨/୭ : କାନାଡାର ଟରୋଂଟୋ ସହରରେ ଶନିବାର ସନ୍ଧ୍ୟାରେ ଆୟୋଜିତ 'ସାଲସା ଅନ୍ ସେଂଟ କ୍ଲେୟାର' ଷ୍ଟ୍ରିଟ୍ ଫେଷ୍ଟିଭାଲ ସମୟରେ ଗୁଳିକାଣ୍ଡରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଛଅ ଜଣ ଆହତ ହୋଇଛନ୍ତି। ପୋଲିସ କହିବା ଅନୁଯାୟୀ, ଘଟଣା ପରେ ସନ୍ଦିଗ୍ଧ ବ୍ୟକ୍ତି ଜଣକ ଫେରାର ହୋଇଯାଇଛନ୍ତି ।


BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
MUST BE QUALIFIED IN CET ENTRANCE
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE (Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681


## ତାମିଲନାଡୁରେ ଇଣ୍ଡି ମେଣ୍ଟ ଫାଟ ଦୂର କରିବାକୁ ଭିସିକେର ପ୍ରସ୍ତାବ



ନୂଆଦିଲ୍ଲୀ,୧୨/୭ : ତାମିଲନାଡୁରେ ଇଣ୍ଡି ମେଣ୍ଟ ଫାଟ ଅଧିକ ସ୍ପଷ୍ଟ ହୋଇଛି। ଏମ୍ କେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମ୍‌କେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଟିଭିକେ ଦଳ ସହିତ ମିଶିବାକୁ ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି। ଡିଏମ୍‌କେର ପୂର୍ବତନ ମେଣ୍ଟ ସହଯୋଗୀ ଦଳ ଭିସିକେ ଷ୍ଟାଲିନଙ୍କୁ ଜାତୀୟସ୍ତରରେ ବିଜେପିର ମୁକାବିଲା କରିବାକୁ ବିରୋଧୀ ମେଣ୍ଟରେ ସାମିଲ ହେବାକୁ ଦେଇଥିବା ଆହ୍ୱାନକୁ ଡିଏମ୍‌କେ ପ୍ରତ୍ୟାଖ୍ୟାନ କରିଦେଇଛି। ଭିସିକେ ମୁଖ୍ୟ ଥୋଲ ଥିରୁମାଭାଲାଭନ ଡିଏମ୍‌କେକୁ କେରଳ ଓ ପଶ୍ଚିମବଙ୍ଗରେ ଯେପରି ଇଣ୍ଡି ମେଣ୍ଟ ସହଯୋଗୀ ଦଳ ପରସ୍ପର ବିରୋଧରେ ରାଜ୍ୟରେ ଲଢୁଥିଲେ ମଧ୍ୟ ଜାତୀୟ ରାଜନୀତିରେ ଏକାଠି ଅଛନ୍ତି ସେହିପରି ଡିଏମ୍‌କେ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ହେଲେ ମଧ୍ୟ ଜାତୀୟ ସ୍ତରରେ ଇଣ୍ଡି ମେଣ୍ଟ ସହିତ ରହିବାକୁ କହିଥିଲେ। ଭିସିକେର ଏହି ପ୍ରସ୍ତାବକୁ କଂଗ୍ରେସ ମଧ୍ୟ ସମର୍ଥନ କରିଥିଲା। ବିଜେପି ବିରୋଧରେ ବିରୋଧୀ ଏକତା ରାଜନୈତିକ ମତଭେଦ ଅପେକ୍ଷା ଅଧିକ ପ୍ରାଧାନ୍ୟ ପାଇବା ଉଚିତ ବୋଲି କଂଗ୍ରେସ କହିଥିଲା। କିନ୍ତୁ ଡିଏମକେ କଂଗ୍ରେସର ଏହି ପରାମର୍ଶକୁ ଖାରଜ କରିଦେଇଛି। ଅପରପକ୍ଷେ ତାମିଲନାଡୁରେ କ୍ଷମତା ହାସଲ କରିବାକୁ କଂଗ୍ରେସ ଡିଏମ୍‌କେ ସହିତ ବିଶ୍ୱାସଘାତକତା କରିଥିବା ଅଭିଯୋଗ କରିଛି। ତେବେ ଏନ୍‌ଡିଟିଭିକୁ ସ୍ୱତନ୍ତ୍ର ସାକ୍ଷାତକାର ଦେଇ ଡିଏମ୍‌କେ ସାଂସଦ ଗଣପଥି ପି ରାଜକୁମାର କହିଛନ୍ତି, କଂଗ୍ରେସ ଟିଭିକେ ସରକାରରେ ମନ୍ତ୍ରିପଦ ପାଇବାକୁ ଟିଭିକେ ସହିତ ହାତ ମିଳାଇ

◆◆ପୃଷ୍ଠା ୭

# ପ୍ରାକୃତିକ ଚାଷର ପ୍ରସାର ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ

ଝାରସୁଗୁଡ଼ା, ୧୨/୦୭ (ନି.ପ୍ର): କୃଷି ଉତ୍ପାଦନ କ୍ଲଷ୍ଟର କାର୍ଯ୍ୟକ୍ରମ ଅଧୀନରେ ପ୍ରାକୃତିକ ଚାଷର ବ୍ୟାପକ ପ୍ରସାର ଓ ସଫଳ କାର୍ଯ୍ୟକାରିତା ନିମନ୍ତେ ଏକ ଜିଲ୍ଲା ସ୍ତରୀୟ ସମନ୍ୱୟ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ଡ. ପୁଷ୍ପଶ୍ରୀ ନାୟକ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସମସ୍ତ ବ୍ଲକର ସହକାରୀ ଉଦ୍ୟାନ କୃଷି ଅଧିକାରୀ, ସମସ୍ତ ବ୍ଲକ ପ୍ରକଳ୍ପ ପ୍ରବନ୍ଧକ,ଏପିସି ବ୍ଲକଗୁଡ଼ିକର ପ୍ରୋଗ୍ରାମ ମ୍ୟାନେଜର ଏବଂ ସହଯୋଗୀ ବେସରକାରୀ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଆଗାମୀ ଦିନରେ ପ୍ରାକୃତିକ ଚାଷକୁ ଆହୁରି ସୁଦୃଢ଼ କରିବା ପାଇଁ କେତେକ ପ୍ରମୁଖ ନିଷ୍ପତି ନିଆଯାଇଛି। ସ୍ଥିର ହୋଇଥିବା କାର୍ଯ୍ୟଯୋଜନା ଅନୁଯାୟୀ ପ୍ରତ୍ୟେକ ବ୍ଲକରେ ପ୍ରାକୃତିକ ଚାଷ କାର୍ଯ୍ୟକାରୀ କରାଯିବ। ଚାଷର ଅଗ୍ରଗତି ଏବଂ ଏହାର ପ୍ରଣାଳୀକୁ ସଠିକ୍ ଭାବେ ତଦାରଖ କରିବା ପାଇଁ ବ୍ଲକ ସ୍ତରୀୟ ଏକ ସ୍ୱତନ୍ତ୍ର ଟ୍ରାକିଂ ଶିଟ୍ ବିକଶିତ କରାଯିବ, ଯାହା ଦ୍ୱାରା ପ୍ରତିଟି କାର୍ଯ୍ୟ ଉପରେ ନଜର ରଖାଯାଇପାରିବ। ଏହା ସହିତ ଚଳିତ ଋତୁରେ ପ୍ରାକୃତିକ ଚାଷ ସହ ଜଡ଼ିତ ହେବାକୁ ଥିବା ଚାଷୀମାନଙ୍କର ଏକ ବ୍ଲକ-ୱାରୀ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀଙ୍କ ପରିବାରର ପୋଷଣ ନିରାପତାକୁ ଦୃଷ୍ଟିରେ ରଖି ଚିହ୍ନିତ ପ୍ରାକୃତିକ ଚାଷ କ୍ଲଷ୍ଟର ମଧ୍ୟରେ ଥିବା ପ୍ରତ୍ୟେକ ପରିବାରରେ 'ପୋଷଣ ବଗିଚା' ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରାଯିବ। ପ୍ରାକୃତିକ ଚାଷ କରୁଥିବା ସଫଳ ଚାଷୀଙ୍କ ଅଭିଜ୍ଞତାକୁ ନେଇ ପ୍ରତ୍ୟେକ ବ୍ଲକରୁ ୪ ରୁ ୫ ଟି ସଫଳ କାହାଣୀର ଦସ୍ତାବିଜ ପ୍ରସ୍ତୁତ କରାଯିବ, ଯାହା ଅନ୍ୟ ଚାଷୀମାନଙ୍କ ପାଇଁ ପ୍ରେରଣା ସାଜିବ ବୋଲି ବୈଠକରେ ଆଲୋଚନା ହୋଇଛି।

ଏହି ପରିପ୍ରେକ୍ଷୀରେ, ଜୈବିକ ସମ୍ବଳ କେନ୍ଦ୍ର ଗୁଡ଼ିକର ସୁଦୃଢ଼ୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। କ୍ଲଷ୍ଟର ଅଧୀନରେ ଥିବା ଏବଂ କ୍ଲଷ୍ଟର ବାହାରେ ଥିବା ଚାଷୀମାନଙ୍କୁ ଯେପରି ସଠିକ୍ ଭାବେ ଜୈବିକ ଉପାଦାନ ଉତ୍ପାଦନ ଓ ବଂଟନ କରାଯାଇପାରିବ, ତାହାର ନିୟମିତ ତଦାରଖ କରାଯିବ। ପ୍ରାକୃତିକ ଚାଷର ସଫଳ ପରିଚାଳନା ନିମନ୍ତେ ପ୍ରୋଗ୍ରାମ ମ୍ୟାନେଜର, କମ୍ୟୁନିଟି କୋଅର୍ଡିନେଟର, କମ୍ୟୁନିଟି ରିସୋର୍ସ ପର୍ସନ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ପାଇଁ ଏକ ଦିନିଆ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବା ନେଇ ବୈଠକରେ ନିଷ୍ପତି ହୋଇଛି। ଏହା ବ୍ୟତୀତ, ଉଦ୍ୟାନ କୃଷି ବିଭାଗ, ଏପିସି କାର୍ଯ୍ୟକ୍ରମ ଏବଂ ଓଡ଼ିଶା ଜୀବିକା ମିଶନ ମଧ୍ୟରେ ସମନ୍ୱୟକୁ ଆହୁରି ମଜବୁତ କରିବା ସହ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ପାଇଁ ନିୟମିତ ଭାବେ ମିଳିତ ସମୀକ୍ଷା ଓ କନଭରଜେନ୍ସ ବୈଠକ ଅନୁଷ୍ଠିତ ହେବ।

# ଅଜଣା ଗାଡି ଧକ୍କାରେ ଜଣେ ମୃତ : ସ୍ଥାନୀୟ ପୁଲିସର ତଦନ୍ତ

ଧର୍ମଶାଳା, ୧୨/୦୭ (ନି.ପ୍ର): ଶନିବାର ପୂର୍ବାହ୍ନରେ ଏକ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥ ଡୁବୁରୀ-ପାରାଦ୍ୱୀପ ଆରୁହା ନିକଟରେ । ମୃତକ ଜଣକ ହେଲେ ସ୍ଥାନୀୟ ଆରୁହା ଅଂଚଳର ଶଶିକାନ୍ତ ବଳ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଏହି ଘଟଣା ଘଟିବା ପରେ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପଂହଚି ବୁଝାଶୁଝା କରୁଛି । ଶଶିକାନ୍ତ କୌଣସି କାମକୁ ନେଇ ବାଇକ୍ ଯୋଗେ ଏହି ରାସ୍ତା ଯିବା ସମୟରେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି ।

# ପରିବେଶ ସଚେତନତା କାର୍ଯ୍ୟକ୍ରମ ଓ କବିତା ପାଠୋତ୍ସବ

ବଲାଙ୍ଗୀର, ୧୨/୦୭ (ନି.ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଶାଖା ତରଫରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଓ କବିତା ପାଠୋତ୍ସବ ଯଥାକ୍ରମେ ପରିବେଶ ସୁରକ୍ଷା ଓ କବିତା କବିତା ଗଛକୁ ନେଇ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏହି ସଭାରେ ସଭାପତିତ୍ୱ କରିଥିଲେ ଡ. ଭବାନୀ ଶଙ୍କର ପଟେଲ (ସଭାପତି), ସମ୍ମାନିତ ଅତିଥି ଭାବରେ କଲେଜର ଅଧକ୍ଷ ଡ. ମନସ୍ୱିତା ମିଶ୍ର, ବକ୍ତା ଭାବରେ କଲେଜର ଇଂରାଜୀ ଅଧାପିକା ଏ.ବି.ରାମ ଲେସ୍ନା, ଓଡିଆ ଅଧାପିକା ଅନୁସୂୟା ଚାନ୍ଦ, ପରିବେଶ ସଂବନ୍ଧରେ ଅତି ସୁନ୍ଦର ମତ ସବୁ ରଖିଥିଲେ। ସେମାନଙ୍କ ବକ୍ତବ୍ୟ ଥିଲା ଯେ ପରିବେଶ ହିଁ ଜୀବନ, ବିନା ପରିବେଶ ରେ ଆମେ ଚଳି ପାରିବା ନାହିଁ। ଗଛ ହିଁ ଆମକୁ ସୁରକ୍ଷା ରଖିଛି। ତେଣୁ ସମସ୍ତଙ୍କ ଏକ ଗଛ ଲଗାଇବା ଏକ ଦାୟିତ୍ୱ ରହିଛି। ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଚୁମକୀ ଦାଶ ଯେ କି ଜଣେ କବି ତଥା କଣ୍ଠ ଶିଳ୍ପୀ। କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ ରଶ୍ମି ପାତ୍ର, କବି ଓ ସଂଗଠକ ତଥା ସଭ୍ୟା ଅଖିଳ ଭାରତୀୟ ସାହିତ୍ୟ ପରିଷଦ କବିତା ତଥା ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମ ରେ କବିତା ଓ ବକ୍ତବ୍ୟ ରଖିଥିଲେ ଛାତ୍ର ଛାତ୍ରୀ ତଥା କବି ବୃନ୍ଦ। ସେମାନେ ହେଲେ ସୁମିତ୍ରା ଭଂଜ, ଖୁସି ଷଡଙ୍ଗୀ, ରଚନା ନେପାକ, ସରୋଜ ପ୍ରଧାନ, ସରସ୍ୱତୀ ସାହୁ, ଡ. ଭବାନୀ ଶଙ୍କର ପଟେଲ, ରାମ ଶଙ୍କର ଶତପଥି, ବଳିଷ୍ଠ ପ୍ରଧାନ, ନିର୍ଦ୍ଦେଶକ ଅଶୋକ ମିଶ୍ର, ଚୁମକୀ ଦାଶ, ରଶ୍ମି ପାତ୍ର, ଏ.ବି.ରାମ ଲିସ୍ନା, ଅଧାପିକା, ଛାତ୍ର ଛାତ୍ରୀମାନଙ୍କୁ ପରିଷଦ ତରଫରୁ ମାନପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଶେଷରେ ସଭାପତିଙ୍କ ଅଭିଭାଷଣରେ ସେ ପରିବେଶ ର ଗୁରୁତ୍ୱ ପ୍ରଦାନ କରିଥିଲେ। ଧନ୍ୟବାଦ ତଥା ପରିଷଦର ଇତିହାସ ପ୍ରଦାନ କରିଥିଲେ ଗିରିଜା ଶଙ୍କର ରଥ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଓ ସଭାପତିଙ୍କ ସୂଚନା ଅନୁସାରେ ସଭା ସାଙ୍ଗ ହୋଇଥିଲା। ମୋଟା ମୋଟି ଭାବରେ ସଭା ଶୃଙ୍ଖଳିତ ତଥା ସୁନ୍ଦର ଭାବରେ ସଂପନ୍ନ ହୋଇଥିଲା।

# ମାଲକାନଗିରି ଜିଲ୍ଲାସ୍ତରୀୟ ଶିକ୍ଷକ ବଦଳି କମିଟି ବୈଠକ ଅନୁଷ୍ଠିତ : ଶିକ୍ଷା ବ୍ୟବସ୍ଥାର ସୁଧାର ଓ ଦୂରବର୍ତ୍ତୀ ଅଂଚଳର ବିଦ୍ୟାଳୟକୁ ପ୍ରାଥମିକତା

ମାଲକାନଗିରି, ୧୨/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ଶିକ୍ଷକ ବଦଳି କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ଏବଂ ଶିକ୍ଷକମାନଙ୍କର ଉଚିତ ଅଦଳବଦଳ ପ୍ରକ୍ରିୟାକୁ ସୁଦୂରପ୍ରସାରୀ କରିବା ପାଇଁ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି । ବୈଠକରେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି, 'ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ର-ଶିକ୍ଷକ ଅନୁପାତ ସନ୍ତୁଳନ ରଖିବା ଆମର ମୁଖ୍ୟ ଲକ୍ଷ୍ୟ। ସମ୍ପୂର୍ଣ୍ଣ ବଦଳି ପ୍ରକ୍ରିୟାରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ ସରକାରୀ ନିୟମାବଳୀର କଠୋର ଅନୁପାଳନ କରାଯିବ। ବିଶେଷ କରି ଜିଲ୍ଲାର ଦୂରବର୍ତ୍ତୀ ଏବଂ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଥିବା ଏକକ ଶିକ୍ଷକ ବିଦ୍ୟାଳୟଗୁଡ଼ିକର ସମସ୍ୟା ଦୂର କରିବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ, ଯେପରି କୌଣସି ବି ଶିଶୁ ଗୁଣାତ୍ମକ ଶିକ୍ଷାରୁ ବଂଚିତ ହେବେ ନାହିଁ।' ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ, ଶିକ୍ଷକମାନଙ୍କ ବୃତିଗତ ତଥ୍ୟ, ସେବା ଅବଧି ଏବଂ ଅନଲାଇନ ପ୍ରୋଫାଇଲକୁ ଆଧାର କରି ଏହି ବଦଳି ତାଲିକା ପ୍ରସ୍ତୁତ କରାଯାଇଛି। ଯେଉଁ ବିଦ୍ୟାଳୟ ଗୁଡ଼ିକରେ ଆବଶ୍ୟକତା ଠାରୁ ଅଧିକ ଶିକ୍ଷକ ଅଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇ ଶିକ୍ଷକ ଅଭାବ ଥିବା ବିଦ୍ୟାଳୟକୁ ବଦଳି କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ଏହି ବଦଳି ପ୍ରକ୍ରିୟା ଦ୍ୱାରା ଜିଲ୍ଲାର ବିଦ୍ୟାଳୟଗୁଡ଼ିକରେ ଲାଗି ରହିଥିବା ଶିକ୍ଷକ ସମସ୍ୟାର ସମାଧାନ ହେବା ସହ ଶୈକ୍ଷିକ ବାତାବରଣରେ ଉନ୍ନତି ଆସିବ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ଖାଦ୍ୟ ସୁରକ୍ଷା ଯାଂଚ୍ ପ୍ରକ୍ରିୟା ତ୍ୱରାନ୍ୱିତ

ପୁରୀ, ୧୨/୦୭ (ନି.ପ୍ର): ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ରଥଯାତ୍ରା ପରିପ୍ରେକ୍ଷୀରେ ପୁରୀ ଜିଲ୍ଲାର ସମସ୍ତ ଅଂଚଳରେ ଖାଦ୍ୟ ସୁରକ୍ଷା ଯାଂଚ୍ ଅଭିଯାନ ଜାରି ରହିଛି। ଏହାକୁ କଡାକଡି ଅନୁପାଳନ ସହ ନିୟମିତ ଯାଂଚ୍ କରିବାକୁ ଉପଜିଲ୍ଲାପାଳ ଓ ଖାଦ୍ୟ ସୁରକ୍ଷା ଯାଂଚ୍ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ପୁରୀ ମହାନଗର ନିଗମ, ବ୍ରହ୍ମଗିରି, ପିପିଲି, କୋଣାର୍କ ଭଳି ଅଂଚଳକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଉପଜିଲ୍ଲାପାଳ ରାଜ କିଶୋର ଜେନାଙ୍କ ନିର୍ଦ୍ଦେଶ ଆଧାରରେ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଏବଂ ତଦାରଖ ପାଇଁ ୪ଟି ଦଳ ଗଠନ କରାଯାଇଛି। ପୁରୀ ଜିଲ୍ଲା ଏବଂ ବ୍ରହ୍ମଗିରିର ବିଭିନ୍ନ ଅଂଚଳରେ ଦୁଇଟି ଦଳ ନିୟୋଜିତ ହୋଇଥିବା ବେଳେ ବାକି ଦୁଇଟି ଦଳ ପୁରୀ ମହାନଗର ନିଗମ ଅଂଚଳ ମଧ୍ୟରେ ନିୟୋଜିତ ହୋଇଛନ୍ତି। ପୁରୀ ପୌରପାଳିକା ଦଳ ପୁରୀ ପୌରପାଳିକାର ବିଭିନ୍ନ ଅଂଚଳରେ ଉପ-ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ବହୁମୁଖୀ ସ୍କ୍ୱାଡ୍ ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଆଜି ଖାଦ୍ୟ ଯାଂଚ୍ ଟିମ୍ ଗୁଡ଼ିକ ହୋଟେଲ, ରେଷ୍ଟୁରାଂଟ, ମିଠା ଦୋକାନ, ଉତ୍ପାଦନ ୟୁନିଟ୍, ଷ୍ଟ୍ରିଟ୍ ଫୁଡ୍, ଖୁଚୁରା କାଉଂଟର ଏବଂ ଅନ୍ୟାନ୍ୟ ଖାଦ୍ୟ ଦୋକାନ ସମେତ ବିଭିନ୍ନ ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନ ଯାଂଚ୍ କରିଥିଲେ।

# ବେଆଇନ୍ ନିଶା କାରବାର ବିରୁଦ୍ଧରେ ଅବକାରୀ ବିଭାଗର ଚଢାଉ: ଗତ ଆର୍ଥିକ ବର୍ଷରେ ୫ କୋଟି ୩୩ ଲକ୍ଷ ୫୯ ହଜାର ଟଙ୍କାର ସାମଗ୍ରୀ ଜବତ

ଭଦ୍ରକ, ୧୨/୦୭ (ନି.ପ୍ର): ଜିଲାରେ ବେଆଇନ୍ ନିଶା କାରବାର ବିରୁଦ୍ଧରେ ଅବକାରୀ ବିଭାଗ ପ୍ରତି ମାସ ଚଢାଉ କାର୍ଯ୍ୟ ଜାରି ରଖିଛି। ଅନ୍ୟପଟେ ନିଶା କାରବାର ଜିଲାରେ ବ୍ୟାପକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ ଆଶାନୁରୂପ ସଫଳତା ମିଳୁନଥିବାରୁ ସୂଚନା ମିଳିଛି। ବିଶେଷକରି ବ୍ରାଉନସୁଗାର କାରବାର ଜିଲାର ସହରାଂଚଳ ଠାରୁ ଆରମ୍ଭ କରି ଗ୍ରାମାଂଚଳର ଗଳିକନ୍ଦିରେ ବଢିଚାଲିଛି। ଯାହାଫଳରେ ଜିଲା ଏବେ ଅପରାଧ ପ୍ରବଣ ହୋଇପଡିଛି। ନିଶା କାରବାର ବୃଦ୍ଧି ଯୋଗୁଁ ଜିଲା ଅଶାନ୍ତ ହୋଇପଡିଛି। ପୁଲିସ୍ ଓ ଅବକାରୀ ବିଭାଗ ନିଶା କାରବାର ରୋକିବା ଦିଗରେ ବିଫଳ ହୋଇଛି। ବିଭାଗୀୟ ସୂଚନା ଅନୁଯାୟୀ ମାର୍ଚ୍ଚ ୨୦୨୫-ମାର୍ଚ୍ଚ ୨୦୨୬ ଗତ ଆର୍ଥିକ ବର୍ଷରେ ବେଆଇନ୍ ନିଶା କାରବାର ବିରୁଦ୍ଧରେ ୧୯୯୬ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୨୧୯୭ ଟି କେଶ୍ ଅବକାରୀ ବିଭାଗ ପକ୍ଷରୁ ରୁଜୁ କରାଯାଇଛି। ୧୫୫ ଟି ଦାବେଦାର ନଥିବା କେଶ୍ ରୁଜୁ ହୋଇଛି। ଏହାମଧ୍ୟରୁ ୧୫୨୮ ଟି ମାମଲା ଚାର୍ଜସିଟ୍ ହୋଇଛି। ଗତ ଆର୍ଥିକ ବର୍ଷରେ ୭୪୦୯୪.୦୦୦ ଲିଟର ଆଇଡି ଲିକର (ଦେଶୀ ରନ୍ଧାମଦ), ୩୫୧୩୬୦.୦୦୦ କେଜି ଆଇଡି ୱାସ୍ (ପୋଚ), ୫୩୨.୯୮୦ ଲିଟର ଆଇଏମଏଫଏଲ (ବିଦେଶୀ), ୧୯୩୫.୫୦୦ ଲିଟର ସିଏସ୍ ଲିକର (ଦେଶୀ), ୯୯୦.୮୫୦ ଲିଟର ବିୟର, ୨.୮୮୦ ଲିଟର ଡୁପ୍ଲିକେଟ୍ ଆଇଏମଏଫଏଲ, ୮୪.୦୦ କଫ ସିରଫ, ୮୬ କେଜି ଗଂଜେଇ, ୬୩ ଲିଟର ଅନ୍ୟାନ୍ୟ ମାଦକ ଦ୍ରବ୍ୟ, ୬୨୩ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୬୨ ଲକ୍ଷ ୩୦ ହଜାର ଟଙ୍କା। ଚଢାଉ ସମୟରେ ୧୧୭ ଟି ଦୁଇଚକିଆ, ୫ଟି ଚାରି ଚକିଆ, ଗୋଟିଏ ତିନି ଚକିଆ, ୧୨ ଟି ଡେକ୍‌ଚି, ବ୍ରାଉନସୁଗାର ବାବଦରେ ୯୪୧୦ ଟଙ୍କା ଜବତ ହୋଇଛି। ଏହିସବୁ ଚଢାଉରେ ମାଦକ ଦ୍ରବ୍ୟର ଆନୁମାନିକ ମୂଲ୍ୟ ୧ କୋଟି ୨୭ ଲକ୍ଷ ୮୬ ହଜାର ୭୫୪ ଟଙ୍କା ହେବ। ସମୁଦାୟ ଜବତ ହୋଇଥିବା ମାଦକ ଦ୍ରବ୍ୟ ଓ ବ୍ୟବହୃତ ଆଦିର ମୂଲ୍ୟ ୫ କୋଟି ୩୩ ଲକ୍ଷ ୫୯ ହଜାର ୮୯୪ ଟଙ୍କା। ଚଳିତବର୍ଷ ମାର୍ଚ୍ଚ ୧ ରୁ ଜୁନ୍ ୩୦ ୨୦୨୬ ତିନି ମାସ ମଧ୍ୟରେ ବେଆଇନ୍ ନିଶା କାରବାରରେ ସଂପୃକ୍ତ ୫୩୧ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୫୭୬ ଟି ମାମଲା ରୁଜୁ କରାଯାଇଛି। ଏହି ଚଢାଉ କାର୍ଯ୍ୟରେ ୧୫୪୯୮ ଲିଟର ଦେଶୀ ମଦ, ୬୯୭୦୦ ପୋଚ, ୧୯୦.୮୦୦ ବିଦେଶୀ ମଦ, ୫୨୦.୨୫୦ ଲିଟର ବିୟର, ୫୮୪.୮୦୦ ଦେଶୀ ମଦ, ୨୨.୫୦୦ ଜିଞ୍ଜର, ୨.୦୨ କେଜି ଗଂଜେ, ୨୧୫ ଗ୍ରାମ ବ୍ରାଉନସୁଗାର, ୩୦ ଟି ମୋଟର ସାଇକେଲ୍, ଗୋଟିଏ ଅଟୋ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୨୨ ଲକ୍ଷ ୩୧ ହଜାର ୬୮୮ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଡମଶାଳ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠିତ

ଭୁବନ , ୧୨/୦୭ (ନି.ପ୍ର): ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିଭାଗ ଅଧୀନରେ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ଓଡ଼ିଶ ପଂଚାୟତର ଡମଶାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଗଠନ ହୋଇଯାଇଛି । ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅଭିଭାବକ ମାନଙ୍କର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ସେଥି ମଧ୍ୟରୁ ୧୫ ଜଣଙ୍କୁ କମିଟି ସଭ୍ୟ/ସଭ୍ୟା ଭାବେ ଚୟନ କରାଯାଇଥିଲା । ପରେ ୯ ଜଣ ସଭ୍ୟ/ସଭ୍ୟା ଙ୍କ ସମର୍ଥନରେ ପଦ୍ମ ଚରଣ ନାଏକ ପରିଚାଳନା କମିଟି ଅଧ୍ୟକ୍ଷ ଏବଂ ପାନ ହେମ୍ବ୍ରମ ଉପାଧକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହାକିମ ସୋରେନ, ରଞ୍ଜନ ସାହୁ, ମଦନ ମହାନ୍ତ, ଦମୟନ୍ତୀ ମୁଣ୍ଡା, ସୁଚିସ୍ମିତା ଷଣ୍ଢ, ଚନ୍ଦ୍ରାବତୀ ସୋରେନ,ଅପରାଜିତା ଷଣ୍ଢ,ନମିତା ପାତ୍ର,ଜୟନ୍ତୀ ମୁର୍ମୁ,ଧର୍ମେନ୍ଦ୍ର ଷଣ୍ଢ,ଶ୍ରୀକାନ୍ତ କୁମାର ପାତ୍ର, ମଲି ହାଁସଦା, ଲିଲି ମହାନ୍ତ ପରିଚାଳନା କମିଟି ସଦସ୍ୟ ଭାବେ ଚୟନ ହୋଇଛନ୍ତି ।

# ଆନ୍ତଃରାଜ୍ୟ ଏଟିଏମ୍ କାର୍ଡ୍ ବଦଳାଇ ଲୁଟ୍ ଗ୍ୟାଙ୍ଗର ପର୍ଦ୍ଦାଫାସ କଲା ଟାଉନ ପୋଲିସ: ୪ ଗିରଫ

କେନ୍ଦୁଝର, ୧୨/୦୭ (ନି.ପ୍ର): ଟେବୁଲ୍ ଉପରେ ତାସ ଭଳି ପଡ଼ିଥିବା ମାଳମାଳ କାର୍ଡ କୌଣସି ସାଧାରଣ କାର୍ଡ ନୁହେଁ। ଇଏ ହେଉଛି ବିଭିନ୍ନ ବ୍ୟାଙ୍କର ଏଟିଏମ୍ କାର୍ଡ। ଗୋଟେ କି ଦୁଇଟି ନୁହେଁ ଦୁଇଶହ ବତିଶଟି ଡେଭିଟ ଓ କ୍ରେଡିଟ କାର୍ଡ ଜବତ୍ କରିଛି ଟାଉନ ପୋଲିସ। ଏହି କାର୍ଡଗୁଡିକ ସାହାଯ୍ୟରେ ବୟସ୍କ ବୃଦ୍ଧ ଓ ବୃଦ୍ଧା ଏବଂ ନୀରିହ ସରଳ ଲୋକଙ୍କ ଏଟିଏମ୍ କାର୍ଡକୁ ବଦଳାଇ ଅନ୍ୟ ଏଟିଏମ୍‌ରୁ ଲୁଟ୍ ହେଉଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥଲା। ସେବେଠାରୁ ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିଲା। ପରେ ଜଣାପଡ଼ିଲା କଟକ ଜିଲ୍ଲା ନେମାଳର ବଳରାମ ସାହୁ ଏହି ଏଟିଏମ୍ ଲୁଟ୍ ଗ୍ୟାଙ୍ଗର ମୁଖ୍ୟ ଓ ଚାରି ଜଣ ମିଶି ଏହି ଗ୍ୟାଙ୍ଗକୁ ଚଳାଉଛନ୍ତି। ପୋଲିସ ନିଜର ସମସ୍ତ ସାମର୍ଥ୍ୟ ଲଗାଇ ଏହି ଗ୍ୟାଙ୍ଗର ସମସ୍ତ ଚାରି ଜଣକୁ ଗିରଫ କରିବାର ସଫଳ ହୋଇଛି। ଏମାନେ ହେଲେ କଟକ ନେମାଳର ବଳରାମ ସାହୁ ମୁଖ୍ୟ ଅଭିଯୁକ୍ତ, ମୃତ୍ୟୁଞ୍ଜୟ ମହାପାତ୍ର, ମାନସ ରଞ୍ଜନ ପାଣି ଓ କେନ୍ଦ୍ରାପଡ଼ା ର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ। ଏମାନେ ରାଜ୍ୟ ତଥା ରାଜ୍ୟ ବାହାରେ ବହୁ ଠକେଇ କରିଛନ୍ତି। ଏମାନଙ୍କ ନାଁ ରେ ରାଜ୍ୟ ର ବିଭିନ୍ନ ଥାନାରେ ଶହେରୁ ଉର୍ଦ୍ଧ୍ୱ ମାମଲା ରହିଛି। ଗିରଫ ସମୟରେ ଏମାନଙ୍କ ନିକଟରୁ ୨୩୨ଟି ଏଟିଏମ୍ କାର୍ଡ, ୯ଟି ମୋବାଇଲ, ୧୨ହଜାର ଟଙ୍କା ଓ ଏକ ମାରୁତି ଫୋନିକ୍ସ କାର ଟାଉନ ପୋଲିସ ଜବତ୍ କରିଥିବା ସଦର ଏସଡିପିଓ ସୁଦର୍ଶନ ଗାଙ୍ଗୋଇ ଏକ ସାମ୍ବାଦିକ ସମ୍ମିଳନୀ ପ୍ରକାଶ କରିଛନ୍ତି।

# କରଞ୍ଜମାଳ ପଂଚାୟତରେ ୧୦୦ହେକ୍ଟର ବନୀଜଙ୍ଗଲ ଏବଂ ଗ୍ରାମ୍ୟ ଜଙ୍ଗଲକୁ ଉଜାଡି ଦେଲା ସୂର୍ଯ୍ୟ ଫୁଡ୍‌ସ ଏଣ୍ଡ ଇଣ୍ଡଷ୍ଟ୍ରିଜ: ସରକାରୀ ପଦକ୍ଷେପ ଅବିଳମ୍ବେ ଦାବି

ଭଦ୍ରକ, ୧୨/୦୭ (ନି.ପ୍ର): ଏହି ଜିଲାର ଚାନ୍ଦବାଲି ତହସିଲ ଅଧିନସ୍ଥ କରଞ୍ଜମାଳ ରାଜସ୍ୱ ନିରୀକ୍ଷକ ଏବଂ ଭଦ୍ରକ ଡିଏଫଓ ଙ୍କ ଅଧିନରେ ଥିବା ଜଙ୍ଗଲ ଜମିକୁ ଦିନ ଦ୍ୱିପ୍ରହରରେ ରାଜ୍ୟ ସରକାର ଏବଂ ବନବିଭାଗ ର ଅଧିକାରୀଙ୍କ ଆଖିରେ ଆଙ୍ଗୁଳି ଗେଞ୍ଜି ଶହ ଶହ ହେକ୍ଟର ଜମିକୁ ହାତେଇ ନେଇଛି ସୂର୍ଯ୍ୟ ଫୁଡସ ଏଣ୍ଡ ଇଣ୍ଡଷ୍ଟ୍ରିଜ। ପ୍ରାପ୍ତ ଖବରରୁ ଜଣାଯାଇଛି ୧୯୯୫ ମସିହାରେ ସଂପୃକ୍ତ କମ୍ପାନୀ ସ୍ଥାନୀୟ ଲୋକଙ୍କ ନିକଟରୁ କିଛି ଜମି କିଣି ସେହି ଅଂଚଳରେ ଚିଙ୍ଗୁଡି ଚାଷ ଆରମ୍ଭ କରିଥିଲା। ସେହି ଜମିକୁ ଲାଗି ଶହ ଶହ ହେକ୍ଟର ଜମି ପୂର୍ବରୁ ଜଙ୍ଗଲ ପରିବେଶ, ଜୀବଜନ୍ତୁ ଓ ଜଳସମ୍ପଦ ପାଇଁ ଏକ ମହତ୍ୱପୂର୍ଣ୍ଣ ସ୍ରୋତ ଥିଲା। କିନ୍ତୁ ସଂପୃକ୍ତ କମ୍ପାନୀ ଏହି ଜମିକୁ ନେଇ ଚିଙ୍ଗୁଡି ଫାର୍ମରେ ପରିଣତ କରିଛି। ଶିଳ୍ପପତିଙ୍କ ଆର୍ଥିକ ପ୍ରଭାବ ଓ ପ୍ରଶାସନର ଅଣଦେଖା ଯୋଗୁ ଏହି ଅବୈଧ କାରବାର ଅବ୍ୟାହତ ରହିଛି। ପରିବେଶ ବିତଙ୍କ ମତରେ ଏହି ଅନିୟନ୍ତ୍ରିତ ଚିଙ୍ଗୁଡି ଚାଷ ଯୋଗୁ ଅଂଚଳର ଜଙ୍ଗଲ ଆଚ୍ଛାଦିତ ଭୂତଳ ଜଳସ୍ତରଏବଂ ସ୍ଥାନୀୟ ଜୈବ ବିବିଧତା ଉପରେ ଏହାର କୁପ୍ରଭାବ ପଡୁଛି। ସଂପୃକ୍ତ କମ୍ପାନୀ ସରକାରଙ୍କୁ ଗୋଟିଏ ଟଙ୍କା ରାଜସ୍ୱ ଦେଉନଥିବା ବେଳେ ଏହି ଜମିକୁ ହାତେଇବା ପାଇଁ ରାଜ୍ୟ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଛି ବୋଲି ଜଣାଯାଇଥିବା ବେଳେ ଉଚ୍ଚ ନ୍ୟାୟାଳୟ ଏହି ଗ୍ରାମ୍ୟ ଜଙ୍ଗଲ ଏବଂ ଜଙ୍ଗଲ ଜମି କୌଣସି ପରିସ୍ଥିତିରେ କୌଣସି ଶିଳ୍ପପତିଙ୍କ ହସ୍ତାନ୍ତରିତ କରାଯାଇ ପାରିବ ନାହିଁ ବୋଲି ରୋକ ଠୋକ ଶୁଣାଇ ଦେଇଛନ୍ତି ବୋଲି ଜଣାଯାଇଛି ମାତ୍ର ସଂପୃକ୍ତ କମ୍ପାନୀ କର୍ତ୍ତୃପକ୍ଷ ୧୬୧/୩୮୪,୩୮୫, ୩୮.୩୯୦, ୩୯.୪୧୫, ୪୧.୪୨୦, ୪୨୧, ୪୨୪ ଏବଂ ୪୫୭ ପ୍ଲଟରେ ଥିବା ୯୩ ଏକର ଜମି ଗ୍ରାମ୍ୟ ଜଙ୍ଗଲ ଏବଂ ଶତାଧିକ ହେକ୍ଟର ଜଙ୍ଗଲ ଜମିକୁ ହାତେଇ ନେଇ ଚିଙ୍ଗୁଡି ଶିଳ୍ପ ଆରମ୍ଭ କରି ଅନ୍ୟ ମାନଙ୍କୁ ଲିଜ ଭାବେ ଦେଇଚାଲିଛି। ଏହି ଶିଳ୍ପରୁ କୋଟି କୋଟି ଟଙ୍କା ମୁନାଫା କମାଉଥିବା ଜଣାଯାଇଛି। ସବୁଠାରୁ ରୋଚକର ବିଷୟ କରଞ୍ଜମାଳ ପଂଚାୟତରେ ଚାନ୍ଦବାଲି ତହସିଲଦାରଙ୍କ ଅଧିନରେ ଥିବା ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଏବଂ ଭଦ୍ରକ ଡିଏଫଓ ତଥା ଚାନ୍ଦବାଲି ରେଞ୍ଜରଙ୍କ ଅଧିନରେ ଏକ ବନପାଳ ଅଫିସ ମଧ୍ୟ ଅଛି। ଏହି ଦୁଇଟି ଅଫିସ ମୁହାଁମୁହିଁ ହୋଇଥିବା ବେଳେ ଏହି ଦୁଇଟି ଅଫିସ ଠାରୁ ମାତ୍ର ୨ଶହ ମିଟର ଦୂରରେ ଥିବା ଜଙ୍ଗଲ ଏବଂ ଗ୍ରାମ୍ୟ ଜଙ୍ଗଲ ଜମିରେ ଶହ ଶହ ବନୀ ଜଙ୍ଗଲକୁ କାଟି ସଫା କରାଯାଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ସବୁ ଜାଣି ମଧ୍ୟ ନୀରବ ଦ୍ରଷ୍ଟା ସାଜିଛନ୍ତି। ଏହି ସମସ୍ତ କାର୍ଯ୍ୟ ଅଫିସ ଖୋଲା ଥିବା ସମୟରେ ହେଉଛି। କରଞ୍ଜମାଳ ବନପାଳ ଏବଂ କରଞ୍ଜମାଳ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ଚାଲିଥିବା ବେଳେ ସଂପୃକ୍ତ ଅଧିକାରୀ ସଂପୃକ୍ତ ଶିଳ୍ପପତିଙ୍କ ଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ଏହି କାର୍ଯ୍ୟ କରିବାକୁ କହୁଛନ୍ତି ବୋଲି ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ବନ ବିଭାଗ କରଞ୍ଜମାଳ ଅଂଚଳରେ କୋଟି କୋଟି ଟଙ୍କା ଅର୍ଥ ବ୍ୟୟରେ ବନୀ ଗଛ ରୋପଣ କରୁଥିବା ବେଳେ ଏବଂ ରାଜସ୍ୱ ବିଭାଗର ଜମିରୁ ବହୁ ପ୍ରଜାତିର ଗଛ ଏବଂ ଜୈବ ବିବିଧତାକୁ ନଷ୍ଟ କରି ସଂପୃକ୍ତ କମ୍ପାନୀ ଏହି ସମସ୍ତ ଜମିରୁ ବନୀ ଏବଂ ଅନ୍ୟ ପ୍ରଜାତିର ଗଛକୁ କାଟି ଚିଙ୍ଗୁଡି ଘେରି ଖୋଲୁଛନ୍ତି ତାହାର ବିଦ୍ଧିବଦ୍ଧ ତଦନ୍ତ ହେବା ଜରୁରୀ ବୋଲି କରଞ୍ଜମାଳ ପଂଚାୟତବାସୀ ନିଜର ଦାବୀ ଜଣାଇଛନ୍ତି। ଭଦ୍ରକ ଜିଲ୍ଲାପାଳ ଏବଂ ଭୂବନେଶ୍ୱର ଠାରେ ଥିବା ଏସିସିଏଫ ଏ ବିଷୟରେ ତଦନ୍ତ କରି ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଂଚଳବାସୀ ଦାବୀ ଜଣାଇଛନ୍ତି।

# ଡାଏଟ ସମ୍ମିଳନୀ କକ୍ଷରେ ସିଲ ଉପରେ ଦୁଇଦିନିଆ ଶିକ୍ଷକ ପ୍ରଶିକ୍ଷଣ

ବଲାଙ୍ଗୀର, ୧୨/୦୭ (ନି.ପ୍ର): ଶିଶୁମାନଙ୍କର ସାମଗ୍ରିକ ବିକାଶ ଓ ସକାରାତ୍ମକ ଶିକ୍ଷା ପରିବେଶ ଗଠନକୁ ଲକ୍ଷ୍ୟ କରି ୟୁଥ କାଉନସିଲ ଫର ଡେଭେଲପମେଂଟ ଅଲ୍ଟରନେଟିଭ (ୱାଇସିଡିଏ) ପକ୍ଷରୁ ଟି ଫିଟ୍ ଅହେଡ୍ ଟୁଗେଦର ପ୍ରକଳ୍ପ ଅଧୀନରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷକ ସଂସ୍ଥା(ଡାଏଟ), ଜିଲ୍ଲା ପ୍ରକଳ୍ପ ସମନ୍ୱୟ(ଡିସିପି) ଓ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ) କାର୍ଯ୍ୟାଳୟ ର ସହଯୋଗ ରେ ସାମାଜିକ, ଭାବନାତ୍ମକ ଏବଂ ନୈତିକ ଶିକ୍ଷା(ସିଲ) ଉପରେ ଦୁଇ ଦିନିଆ ଶିକ୍ଷକ ପ୍ରଶିକ୍ଷକ କାର୍ଯ୍ୟକ୍ରମ ଡାଏଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣରେ ବେଲପଡା ଓ ପୁଇଁନ୍ତଲା ବ୍ଲକର ବହୁ ସଂଖ୍ୟକ ଶିକ୍ଷକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଡାଏଟର ଅଧକ୍ଷ, ଇଟିଇଆଇର ଅଧକ୍ଷ, ୱାଇସିଡିଏ ର ଆଂଚଳିକ ପରିଚାଳକ, ଟିଏଫ୍‌ଏଟି ପ୍ରକଳ୍ପର ପ୍ରୋଗ୍ରାମ ମ୍ୟାନେଜର, ୱାଇସିଡିଏ ର ଜିଲ୍ଲା ସମନ୍ୱୟକ, ଟିଏଫ୍‌ଏଟି ର ବ୍ଲକ ସମନ୍ୱୟକ, ପୁଇଁନ୍ତଲା ବ୍ଲକ ଶିକ୍ଷା ଅଧିକାରୀ ଏବଂ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଉପସ୍ଥିତ ରହି ଶିକ୍ଷକମାନଙ୍କୁ ଉତ୍ସାହିତ କରିଥିଲେ। ବକ୍ତାମାନେ କହିଥିଲେ ଯେ, କେବଳ ଶୈକ୍ଷିକ ଜ୍ଞାନ ନୁହେଁ, ବରଂ ଶିଶୁମାନଙ୍କ ମଧ୍ୟରେ ସହାନୁଭୂତି, ଆତ୍ମବିଶ୍ୱାସ, ନୈତିକ ମୂଲ୍ୟବୋଧ, ସହଯୋଗୀ ମନୋଭାବ ଏବଂ ଭାବନାତ୍ମକ ଦକ୍ଷତାର ବିକାଶ ପାଇଁ ସିଲ ଅତ୍ୟନ୍ତ ଅବଶ୍ୟକ। ସେମାନେ ବିଦ୍ୟାଳୟ ସ୍ତରରେ ସିଲର କାର୍ଯ୍ୟକାରୀ ରୂପାୟନ ପାଇଁ ଶିକ୍ଷକମାନଙ୍କୁ ଆହ୍ୱାନ ଜଣାଇବା ସହ ୱାଇସିଡିଏର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ପ୍ରଶିକ୍ଷଣ ସମୟରେ ସିଲର ବିଭିନ୍ନ ଧାରଣା, ଶ୍ରେଣୀଗୃହରେ ଏହାର ବ୍ୟବହାର ପ୍ରୟୋଗ, ଶିଶୁମାନଙ୍କ ମାନସିକ ସୁସ୍ଥତା ଓ ନୈତିକ ବିକାଶ ସମ୍ପର୍କିତ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ପ୍ରଶିକ୍ଷଣ ଶିକ୍ଷକମାନଙ୍କୁ ଶିଶୁ କେନ୍ଦ୍ରିକ ଶିକ୍ଷା ପଦ୍ଧତି କୁ ଆହୁରି ସୁଦୃଢ କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା।

# ପିଏମଜିଏସୱାଇ-୪ ନିର୍ଦ୍ଦେଶାବଳୀ ସଂଶୋଧନ: କୋରାପୁଟରେ ଗ୍ରାମୀଣ ସଡ଼କ ସଂଯୋଗକୁ ମିଳିଲା ବଡ଼ ପ୍ରୋତ୍ସାହନ

ଜୟପୁର, ୧୨/୦୭ (ନି.ପ୍ର): କୋରାପୁଟ ସଂସଦୀୟ କ୍ଷେତ୍ରର ଦୂରଦୁରାନ୍ତ ଗ୍ରାମଗୁଡ଼ିକୁ ସର୍ବକାଳୀନ ସଡ଼କ ସଂଯୋଗ ପ୍ରଦାନ ଦିଗରେ ଏକ ବଡ଼ ସଫଳତା ମିଳିଛି। କୋରାପୁଟର ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କ ନିରନ୍ତର ଦାବୀ, ସଂସଦରେ ବାରମ୍ବାର ଉଠାଇଥିବା ପ୍ରସଙ୍ଗ ଏବଂ କେନ୍ଦ୍ର ସରକାରଙ୍କ ନିକଟରେ ପୁନଃ ପୁନଃ ଅନୁସରଣ ପରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ସଂଶୋଧିତ ନିର୍ଦ୍ଦେଶାବଳୀ ଜାରି ହୋଇଛି। ସାଂସଦ ଶ୍ରୀ ଉଲାକା ଏ ପ୍ରସଙ୍ଗରେ କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରୀଙ୍କୁ ପତ୍ର ଲେଖିବା ସହ ସଂସଦରେ ମଧ କୋରାପୁଟର ବାସ୍ତବ ସ୍ଥିତିକୁ ଉପସ୍ଥାପନ କରିଥିଲେ। ତାଙ୍କର ଦୃଢ଼ ଦାବୀ ଥିଲା ଯେ, ଏଲଡବ୍ଲୁଇ (ଖଡର) ପ୍ରଭାବିତ ଜିଲ୍ଲାଗୁଡ଼ିକର ଭୌଗୋଳିକ ଓ ସାମାଜିକ ପରିସ୍ଥିତିକୁ ବିଚାର କରି ଯୋଗ୍ୟତା ମାନଦଣ୍ଡକୁ କୋହଳ କରାଯାଉ। ପୂର୍ବରୁ କୋରାପୁଟ ଜିଲ୍ଲାରେ ୨୫୦ କିମ୍ବା ତା'ଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଅଣସଂଯୁକ୍ତ ବସତିମାନେ ପିଏମଜିଏସୱାଇ-୪ ଅଧୀନରେ ସଡ଼କ ସଂଯୋଗ ପାଇଁ ବିଚାରଯୋଗ୍ୟ ଥିଲେ। କିନ୍ତୁ ସଂଶୋଧିତ ନିର୍ଦ୍ଦେଶାବଳୀ ଅନୁଯାୟୀ, ଏଲଡବ୍ଲୁଇ ପ୍ରଭାବିତ ଲେଗେସି' ଓ ଥ୍ରଷ୍ଟ ପାଇଁ ଏହି ସୀମାକୁ ୧୦୦ ଜନସଂଖ୍ୟାକୁ ହ୍ରାସ କରାଯାଇଛି। କୋରାପୁଟ ଏହି ଶ୍ରେଣୀରେ ସାମିଲ ଥିବାରୁ ବର୍ତମାନ ଅନେକ ଦୁର୍ଗମ ଓ ଅଣସଂଯୁକ୍ତ ଗ୍ରାମ ସର୍ବକାଳୀନ ସଡ଼କ ସଂଯୋଗ ପାଇବାର ସୁଯୋଗ ପାଇବେ। ଏହା ଫଳରେ ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି, ବଜାର ଏବଂ ରୋଜଗାର କ୍ଷେତ୍ରରେ ଦୂରଦୁରାନ୍ତ ଅଂଚଳର ଲୋକମାନେ ବିଶେଷ ଉପକୃତ ହେବେ। ସାଂସଦ ଶ୍ରୀ ଉଲାକା କହିଛନ୍ତି ଯେ, ଏପର୍ଯ୍ୟନ୍ତ କୋରାପୁଟ ସଂସଦୀୟ କ୍ଷେତ୍ରରେ ପିଏମଜିଏସୱାଇ-୪ ଅଧୀନରେ ୨୯୭ଟି ସଡ଼କକୁ ଅନୁମୋଦନ ମିଳିସାରିଛି। ସଂଶୋଧିତ ନିର୍ଦ୍ଦେଶାବଳୀ ଲାଗୁ ହେବା ପରେ ଏହି ସଂଖ୍ୟାକୁ ୫୦୦ରୁ ଅଧିକ ସଡ଼କରେ ପହଂଚାଇବା ପାଇଁ ସେ ନିରନ୍ତର ପ୍ରୟାସ ଜାରି ରଖିବେ ବୋଲି କହିଛନ୍ତି।

# କୁମ୍ଭାର ପଡାର କୁମ୍ଭକାର ସେବକ



ଦିଲ୍ଲୀପ କୁମାର ସାହୁ

ପୁରାଣକାର ମାନେ କହନ୍ତି ଶ୍ରୀକ୍ଷେତ୍ର ହେଉଛି ଭୋଜନ କ୍ଷେତ୍ର। କାରଣ ଖାଇବା ଠାକୁର ହେଉଛନ୍ତି ଆମ କାଳିଆ ସାଆନ୍ତ । ସିଏ ଭାରି ଭୋଜନ ପ୍ରିୟ। ପ୍ରତିଦିନ ମହାପ୍ରଭୁଙ୍କ ପାଇଁ ଲାଗି ହୁଏ ଷାଠିଏ ପଉଟି, ଛପନ ଭୋଗ । 'ବାମଦେବ ସଂହିତା'ର ବର୍ଣ୍ଣନା ଅନୁସାରେ ମହାପ୍ରଭୁଙ୍କ ମହାପ୍ରସାଦ, କୁଡୁଆ ବା ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ମାଟିପାତ୍ରରେ ରନ୍ଧାଯାଏ। ପୁନଶ୍ଚ ସେହି ମାଟିପାତ୍ର ବା କୁଡୁଆ ଗୁଡିକର ରଙ୍ଗ କେବଳ ନାଲି ହେବା ଆବଶ୍ୟକ ବୋଲି ବାମଦେବ ସଂହିତାରେ ବର୍ଣ୍ଣିତ ।ନୀଳାଦ୍ରି ମହୋଦୟ ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି 'କୃଷ୍ଣବର୍ଣ୍ଣାନି ପାତ୍ରାଣି ନ ନୟେତ ପାକ ମନ୍ଦିରମ୍' ଅର୍ଥାତ କୃଷ୍ଣ ରଙ୍ଗ ବା କଳାରଙ୍ଗର ହାଣ୍ଡିକୁ ବଡ଼ ଦେଉଳ ପାକଶାଳାକୁ ନେବା ମନା । କେବଳ ନାଲି ପୋଡ଼ ହାଣ୍ଡି ହିଁ ଶ୍ରୀମନ୍ଦିରେ ପ୍ରବେଶ କରିପାରିବ । ସ୍ୱତନ୍ତ୍ର ଭାବରେ ପୋଡ ଦିଆଯାଇ ଗଢାଯାଇଥିବା ଏହି ନାଲି ରଙ୍ଗର ହାଣ୍ଡି ହେଉଛନ୍ତି କୁଡୁଆ।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁସାରେ କୁମ୍ଭକାର ସେବକ ଏହି ମାଟିପାତ୍ର ବା କୁଡୁଆ ତିଆରି କରି ମହାପ୍ରସାଦ ପ୍ରସ୍ତୁତି ନିମିତ୍ତ ଶ୍ରୀମନ୍ଦିରକୁ ଯୋଗାଇଥାନ୍ତି । ଶ୍ରୀକ୍ଷେତ୍ର ଆସିବା ବାଟରେ ପଡେ ଅଠରନଳା। ସେହିଠାରୁ ଅଳ୍ପଦୂରରେ ମାଆ ଅଲାମଚଣ୍ଡୀଙ୍କ ମନ୍ଦିର। ମନ୍ଦିର ସମ୍ମୁଖସ୍ଥ ଗଳି ଭିତରେ ରହିଛି ଶ୍ରୀକ୍ଷେତ୍ରର ଶହସ୍ରାଧିକ ବର୍ଷର ପୁରୁଣା ଗାଆଁ। ନାଆଁ ତାର କୁମ୍ଭାରପଡା ।ବର୍ଷ ବର୍ଷ ଧରି କୁଡୁଆ ସେବାରେ ସମର୍ପିତ ଏହି ଗାଆଁର କୁମ୍ଭକାରମାନେ । ଗାଆଁରେ ପାଖାପାଖି ଦୁଇଶହରୁ ଅଧିକ କୁମ୍ଭାର ପରିବାର ବାସ କରନ୍ତି। ଏମାନେ ମହାପ୍ରଭୁଙ୍କ ସେବା ସ୍ୱରୂପ, ମାଟି ପାତ୍ର ପ୍ରସ୍ତୁତ କରି ପିଢ଼ି ପରେ ପିଢ଼ି ଶ୍ରୀମନ୍ଦିରକୁ ଯୋଗାଇ ଆସୁଛନ୍ତି ।

କଥା ଅଛି ଚାରିଗୋଟି ମାଧ୍ୟମରେ କୁଡୁଆ ତିଆରି ହୁଏ। ତାହା ହେଲା ଶଙ୍ଖ, ଚକ୍ର, ଗଦା ଓ ପଦ୍ମ। ଅର୍ଥାତ କୁଡୁଆ ତିଆରି ପାଇଁ ମାଟି ତାଡ଼ିବା ବେଳେ ତାହା ଶଙ୍ଖାକୃତି ହୋଇ ବାହାରିଥାଏ । ମାଟିକୁ ଚକ୍ର ଉପରେ ବୁଲାଇ କୁଡୁଆ ତିଆରି କରାଯାଏ । ପରେ ଗଦା ଭଳି କାଠରେ ବାଡ଼େଇ ଶେଷ ସ୍ପର୍ଶ ଦିଆଯାଏ ଓ ତଳେ ପଦ୍ମର ଚିହ୍ନ ଦିଆଯାଏ । ଆକାର ଦୃଷ୍ଟିରୁ କୁଡୁଆ ଗୁଡିକର ବିଭିନ୍ନ ନାମ ରହିଛି।

ଯେପରିକି ହାଣ୍ଡି, ଓଳି, ସରା, ବଢ଼ା ଓ ତାଡ଼ । ହାଣ୍ଡି ହେଉଛି ଛଅ ପ୍ରକାରର ।ବାଇହାଣ୍ଡି, ଟିପେଇ ହାଣ୍ଡି, ଅଧର ହାଣ୍ଡି, ସମାଧି, ଦାସିଆ ଓ ଏମାର ହାଣ୍ଡି । ସେହିଭଳି ଓଳି ହେଉଛି ଛଅ ପ୍ରକାରର। ପଖାଳ ବା ବଡ଼ ଓଳି , ଅଙ୍ଗବାସ ବା ଅଙ୍ଗାଂଶ ଓଳି, ଚକ, ପାଇକିଆ, ସୁମୋ ଓ ମୁଗ ଓଳି । ସରା ହେଉଛି ଚାରି ପ୍ରକାରର। ବଡ଼, ପୁଳି, ପାଳି ଓ ମଝାଳ । ଆବଶ୍ୟକ ଅନୁଯାଇ ସେହି ସବୁ କୁଡୁଆ ବ୍ୟବହାର କରାଯାଏ। ବର୍ଷ ର ବାରମାସ କୁଡୁଆର ଚାହିଦା ରହିଛି। ରଥଯାତ୍ରା ସମୟରେ କିନ୍ତୁ କୁଡୁଆର ଚାହିଦା ସର୍ବାଧିକ ।ଏହି କୁମ୍ଭକାର ସେବକମାନେ ମଧ୍ୟ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅଧରପଣା ନୀତି ନିମନ୍ତେ ଦିଅଁ ମାନଙ୍କ ଅଧରକୁ ଛୁଇଁବାଭଳି ଉଚ୍ଚ ହାଣ୍ଡି ତିଆରିକରି ବାହୁଡା ବେଳକୁ ମନ୍ଦିର ପ୍ରଶାସନଙ୍କ ପାଖକୁ ପଠାଇଥାନ୍ତି।

ଆମ କାଳିଆ ଠାକୁରଙ୍କର ମହଣ ମହଣ ସୁନା ରୁପା ଅଛି। ହେଲେ ମାଟିପାତ୍ର ତାଙ୍କର ଭାରି ପସନ୍ଦ। ଆଉ ସାରାବର୍ଷ ସେହି ମାଟିପାତ୍ର ବା କୁଡୁଆ ଯୋଗାନ୍ତି କୁମ୍ଭାର ପଡାର କୁମ୍ଭକାର ସେବକମାନେ। ସେଥିପାଇଁତ ଏ ଗାଆଁ ଏକ ନିଆରା ଗାଆଁ, ଯାହାକୁ ଏକ ଐତିହ ଗାଆଁ କହିଲେ ଅତ୍ୟୁକ୍ତି ହେବନାହିଁ।

ଜୟ ଜଗନ୍ନାଥ।

ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭






ଓଜନ କମାଇବାକୁ ଆପଣ କରୁଛନ୍ତି କି ଉପବାସ ? ଜିରୋ ଫିଗର ପାଇଁ କିମ୍ବା ପତଳା ହେବାକୁ ଖାଇବାରେ କରୁଛନ୍ତି କି କାଣ୍ଟଛାଣ୍ଟ ? ଆଜିକାଲି ଦୁନିଆରେ ସମସ୍ତେ ପତଳା ହେବାକୁ ଇଚ୍ଛା କରୁଥିବା ବେଳେ ଡାଏଟ କରିବାରେ ସମସ୍ତେ ବ୍ୟସ୍ତ । ଯୁବପିଢି ତ ଓଜନ କମାଇବାକୁ ଅନେକ ବାଟ ବାଛୁଛନ୍ତି । ବେଶି ଟ୍ରେଣ୍ଡରେ ଅଛି ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗ । ଏହାର ଅର୍ଥ ଦିନର ୨୪ ଘଣ୍ଟାରୁ ନିର୍ଦ୍ଦିଷ୍ଟ ସମୟ ଯାଏଁ ଉପାସ ରହିବା ଏବଂ ବାକି ସମୟ ଭିତରେ ଖାଦ୍ୟ ଖାଇବା । ଏହାର କିଛି ସୁଫଳ ଥିଲେ ବି କିଛି ଖରାପ ପ୍ରଭାବ ବି ରହିଛି , ଯାହା ଆପଣ ଜାଣିବା ନିହାତି ଜରୁରୀ । ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗର ଚଳଣୀ ଆଜିକାଲି ବଢ଼ିଚାଲିଛି । ଫିଟ୍ ବଡ଼ି ଓ ଭଲ ସ୍ୱାସ୍ଥ୍ୟ ପାଇଁ ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗର ସାହାଯ୍ୟ ନେଉଛନ୍ତି । ଏଥିରୁ ଓଜନ ତ କମିଥାଏ ରକ୍ତଚାପ ବି ନିୟନ୍ତ୍ରଣରେ ରୁହେ । ଅନ୍ୟପଟେ ଏହାର ଏକାଧିକ ନକାରାତ୍ମକ ପରିଣାମ ବି ରହିଛି ଯାହା ସର୍ଭେରୁ ଜଣାପଡ଼ିଛି । ପ୍ରଥମ କଥା ହେଉଛି ଆପଣ ଯଦି ଓଜନ କମାଇବା ଲକ୍ଷ୍ୟରେ ଉପବାସ କରିବାକୁ ଚାହୁଛନ୍ତି ତାହେଲେ ଆପଣଙ୍କୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ବା ଡାଏଟିସିଆନଙ୍କ ସହ ପରାମର୍ଶ କରିବା ଜରୁରୀ । ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗରେ ଟାଇମ୍ ପ୍ୟାଟର୍ଣ୍ଣ ବା ନିର୍ଦ୍ଧାରିତ ସମୟ ଧାର୍ଯ୍ୟ କରାଯାଏ । ନିକଟରେ ହୋଇଥିବା ସର୍ଭେରୁ ଜଣାପଡ଼ିଛି, ଏଥିରେ ୧୬ ଘଣ୍ଟା ଉପାସ ରହିବାକୁ ପଡ଼େ । କେହି କେହି ୧୨ ଘଣ୍ଟା ଉପାସ ରହିବା ସହ ଅନ୍ୟ ୧୨ ଘଣ୍ଟା ଭିତରେ ଯାହା ଖାଇଥାନ୍ତି । ଆଉ କେହି ୧୦ ଘଣ୍ଟା ଉପାସ ରୁହନ୍ତି । ତେଣୁ ଏହି ଉପାସକୁ ୧୬:୮ ପ୍ୟାଟର୍ଣ୍ଣ କୁହାଯାଏ କିନ୍ତୁ ଏହା ହାର୍ଟ ଉପରେ ପ୍ରଭାବ ପକାଏ , ହାର୍ଟ ସମ୍ପର୍କୀତ ସମସ୍ୟା ବଢ଼ିଥାଏ । ଏହାସହ କ୍ୟାନ୍ସର ଓ ଅନ୍ୟ ଘାତକ ରୋଗର କାରଣ ହୋଇପାରେ । ଏଥିରେ ମଧୁମେହ ସମସ୍ୟା ଥିବା ଲୋକଙ୍କ ପାଇଁ ଆଦୌ ଗ୍ରହଣୀୟ ନୁହେଁ । ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଉପାସ କଲେ ହେଉଥିବା ସମସ୍ୟା ଭିତରେ ଚିଡ଼ଚିଡ଼ାପଣ ଅନୁଭବ ହେବା । ମୁଣ୍ଡ ବିନ୍ଧିବା, ଶରୀରରେ ପୋଷଣର ଅଭାବ ଦେଖାଦେବା, ଅଧିକ ଭୋଗ ଲାଗିବା ସହ ହାଲିଆ ଲାଗିବା । ତଥାପି ଯଦି ଆପଣ ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗ କରିବାକୁ ଚାହୁଛନ୍ତି ତେବେ ପ୍ରଥମେ ଏକ୍ସପର୍ଟଙ୍କ ସହ ପରାମର୍ଶ କରନ୍ତୁ ଏବଂ ନିଜ ପୋଷଣଯୁକ୍ତ ଖାଦ୍ୟ ଉପରେ ଗୁରୁତ୍ୱ ଦିଅନ୍ତୁ । ଫଳ, ସବୁଜ ପନିପରିବା, ସାଗୁ ପରି ପୋଷଣଯୁକ୍ତ ଖାଦ୍ୟ ଖାଆନ୍ତୁ । ଯଦି ଦେହରେ କିଛି ଅସହଜ ଅନୁଭବ କରନ୍ତୁ ତାହେଲେ ତୁରନ୍ତ ଉପବାସ ବନ୍ଦ କରନ୍ତୁ । କହିବାର ଅର୍ଥ ଓଜନ କମାଇବା ବଦଳରେ ଯେପରି କିଛି କ୍ଷତି ନହୁଏ ତାକୁ ଦୃଷ୍ଟିରେ ରଖନ୍ତୁ , ନିଜ ଶରୀରକୁ ଚାହିଁ ଉପବାସ କରନ୍ତୁ ।




ଆମ ଶରୀରକୁ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ କିଛି ଭିଟାମିନ୍ ନିତାନ୍ତ ଆବଶ୍ୟକ। ସେଥିମଧ୍ୟରୁ ଭିଟାମିନ୍ ବି୧୨ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଅତ୍ୟାବଶ୍ୟକ ଭିଟାମିନର ଅଭାବ ଅନେକ ଶାରୀରିକ ସମସ୍ୟାର କାରଣ ବନିପାରେ।

ଭିଟାମିନ୍ ବି୧୨ର ଅଭାବ କେବଳ ମାନସିକ ସମସ୍ୟା ନୁହେଁ ବରଂ ପେଟ ସମସ୍ୟା ମଧ୍ୟ ସୃଷ୍ଟି କରେ। ଆଜିକାଲି, ଆମର ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ହେତୁ ଭିଟାମିନ୍ ବି୧୨ର ଅଭାବ ଦେଖାଦିଏ। ଏହା ଶରୀରରେ ସମସ୍ୟା ସୃଷ୍ଟି କଲେ, ଆମେ ଔଷଧ ଏବଂ ସପ୍ଲିମେଣ୍ଟ୍ ଖାଇବା ଆରମ୍ଭ କରିଥାଉ।

ଭିଟାମିନ୍ ବି୧୨ ଅଭାବର ଲକ୍ଷଣଗୁଡ଼ିକ ବିଷୟରେ ସଚେତନ ରହିବା ଏବଂ ଲକ୍ଷଣଗୁଡ଼ିକ ଅତିରିକ୍ତ ହେବା ପୂର୍ବରୁ ଶରୀରରେ ବି୧୨ ସ୍ତର ପରୀକ୍ଷା କରି ସତର୍କ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ବାରମ୍ବାର ପେଟ ପୋଡ଼ା, ଗ୍ୟାସ୍, ବଦହଜମୀ କିମ୍ବା ଥକ୍କା ଅନୁଭବ କରନ୍ତି, ତେବେ ଏହା ବି୧୨ ଅଭାବ ଯୋଗୁଁ ହୋଇପାରେ। ଆସନ୍ତୁ ଭିଟାମିନ୍ ବି୧୨ ଅଭାବରୁ ଉପୁଜିପାରୁଥିବା ପେଟ ସମସ୍ୟା ଏବଂ ସେଗୁଡ଼ିକୁ ଦୂର କରିବା ପାଇଁ କ'ଣ ଖାଇବା ଉଚିତ ସେ ସଂପର୍କରେ ଜାଣିବା।

ଗ୍ୟାସ୍ ଏବଂ ବଦହଜମୀ: ବି୧୨ ଅଭାବ ପାଚନ କ୍ରିୟାକୁ ଦୁର୍ବଳ କରିଦିଏ। ଏହା ଖରାପ ପାଚନ, ଗ୍ୟାସ୍ ଏବଂ ବଦହଜମୀ ଭଳି ସମସ୍ୟା ସୃଷ୍ଟି କରେ।

ଭୋକ ନ ଲାଗିବା: ଯେତେବେଳେ ଶରୀରରେ ବି୧୨ ସ୍ତର କମ୍ ଥାଏ, ସେତେବେଳେ ଭୋକ ମଧ କମିଯାଏ। ଯାହା ଶରୀରକୁ ଆବଶ୍ୟକୀୟ ପୁଷ୍ଟିକର ପଦାର୍ଥ ପାଇବାରୁ ବାଧା ଦିଏ।

ଜଳାପୋଡ଼ା ଏବଂ ଫୁଲା: ଭିଟାମିନ୍ ବି୧୨ ଅଭାବ ପେଟର ଭିତର ଭାଗକୁ ପ୍ରଭାବିତ କରେ, ଯାହା ଜ୍ୱଳନ ଏବଂ ଫୁଲା ସୃଷ୍ଟି କରିପାରେ।

କୋଷ୍ଠକାଠିନ୍ୟ କିମ୍ବା ଡାଇରିଆ: ଯେତେବେଳେ ଶରୀରରେ ଭିଟାମିନ୍ ବି୧୨ ଅଭାବ ଥାଏ, ସେତେବେଳେ କୋଷ୍ଠକାଠିନ୍ୟ ଏବଂ ଡାଇରିଆ ହୋଇପାରେ।

ବାନ୍ତି : କିଛି ଲୋକ ବି୧୨ ଅଭାବ ଯୋଗୁ ପେଟରେ ଭାରୀ ହେବାର ଏକ ଅଦ୍ଭୁତ ଅନୁଭବ ଏବଂ ବାନ୍ତି ଅନୁଭବ କରନ୍ତି।

## ଏକୁଟିଆପଣ ନେଉଛି ଜୀବନ : ପ୍ରତିଘଣ୍ଟାରେ ଯାଉଛି ୧୦୦ଜଣଙ୍କ ଜୀବନ

ପୃଥିବୀର ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିଲାଣି । ତଥାପି ଆପଣ ବିଶ୍ୱାସ କରୁଛନ୍ତି କି, ପ୍ରତି ୬ ଜଣରେ ଜଣେ ଏକୁଟିଆପଣ ପାଇଁ ମୃତ୍ୟୁ ମୁଖରେ ପଡୁଛନ୍ତି । ଆଜିକାଲି ବ୍ୟସ୍ତବହୁଳ ଜୀବନଶୈଳୀରେ କାହା ପାଖରେ କାହା ପାଇଁ ସମୟ ନାହିଁ । ସକାଳୁ ଉଠି ରାତି ପର୍ଯ୍ୟନ୍ତେ ସମସ୍ତେ କେବଳ ଧାଉଁଛନ୍ତି । ପରସ୍ପରକୁ ଟପିବାର ପ୍ରତିଯୋଗିତାରେ ପରସ୍ପରକୁ ହିଁ ଭୁଲି ଯାଉଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ୮୦୦ କୋଟି ଟପିଲାଣି ବିଶ୍ୱ ଜନସଂଖ୍ୟା, ତଥାପି କିଛି ମଣିଷ ଆଜି ଏକୁଟିଆ । ଘରଠୁ ନେଇ ରାସ୍ତାଘାଟ, ଅଫିସ, ସାଙ୍ଗସାଥିଙ୍କ ସହ ଖଟି ପରେ ବି କିଛି ମଣିଷ ଆଜି ନିଃସ୍ୱ । ଏକଥା ଆମେ କହୁନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗବେଷଣାରୁ ସାମ୍ନାକୁ ଆସିଛି ଏଭଳି ଚିନ୍ତାଜନକ ତଥ୍ୟ । ରିପୋର୍ଟ ଅନୁଯାୟୀ ଏକ ଘଣ୍ଟାରେ ୧୦୦ ଜଣଙ୍କ ଜୀବନ ନେଉଛି ଏହି ଲୋନ୍‌ଲିନେସ୍ ବା ଏକୁଟିଆପଣ। ଏହି ସମସ୍ୟା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ ।

କେବେ କେବେ ଡେରିରେ ଅଫିସରେ ଫେରିବା ହେଉ କିମ୍ବା ସୁଟିଂ ସାରୁ ସାରୁ ବିଳମ୍ବିତ ରାତି ହେଇଯିବା ହେଉ... ଅବା କେଉଁ କାମରେ ଫସିବା କିମ୍ବା ସଉକରେ କେହି କେହି ବିଳମ୍ବିତ ରାତିରେ ଖାଉଥିବା ଦେଖିବାକୁ ମିଳୁଛି । ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ବିଳମ୍ବିତ ରାତିରେ ରାତ୍ରୀଭୋଜନ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । କାମର ଚାପ, ଲମ୍ବା ଶିଫ୍ଟ କିମ୍ବା ଅନିୟମିତ ରୁଟିନ୍ ଯୋଗୁଁ ଲୋକମାନେ ପ୍ରାୟତଃ ରାତିରେ ରାତ୍ରୀଭୋଜନ କରନ୍ତି । ଏହି ଅଭ୍ୟାସ ଆମ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ନକାରାତ୍ମକ ପ୍ରଭାବ ପକାଏ । ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉଭୟ ଗୁରୁତ୍ୱାରୋପ କରନ୍ତି ଯେ ଆମର ପାଚନ ତନ୍ତ୍ର ରାତିରେ ସବୁଠାରୁ ଧୀର କାମ କରେ ଏବଂ ବିଳମ୍ବିତ ରାତିରେ ଖାଇବା ଶରୀର ଉପରେ ଅନାବଶ୍ୟକ ଚାପ ପକାଇଥାଏ । ଏହା କେବଳ ଓଜନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ ବୃଦ୍ଧି କରେ । ରାତ୍ରୀଭୋଜନ ଏବଂ ଶୋଇବା ସମୟ ମଧ୍ୟରେ ଏକ ସୁସ୍ଥ ବ୍ୟବଧାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏହା ଏବେ ହେଇ ପାରୁନି । ତେବେ ଜାଣନ୍ତୁ ଏହି ଅଭ୍ୟାସ ଦ୍ୱାରା ଶରୀରରେ କେଉଁ ରୋଗ ହୋଇପାରେ ଏବଂ ଏହି ଅଭ୍ୟାସକୁ କିପରି ଏଡାଇ ଦିଆଯାଇପାରିବ...




-ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ

-ରାତିରେ ସମୟରେ ଶରୀରର ମେଟାବୋଲିଜିମ୍ ସ୍ତର ଧୀମା ହୋଇଯାଏ

-ବିଳମ୍ବରେ ଖାଇବା ଦ୍ୱାରା ଅତ୍ୟଧିକ କ୍ୟାଲୋରି ଉତ୍ପନ୍ନ ହୋଇଥାଏ

-ଶରୀର ଏହାକୁ ସମ୍ପୂର୍ଣ୍ଣ ଶକ୍ତିରେ ପରିବର୍ତ୍ତନ କରିପାରି ନଥାଏ

-ଅତିରିକ୍ତ କ୍ୟାଲୋରି ଶରୀରରେ ଚର୍ବି ଭାବରେ ସଞ୍ଚିତ ହୁଏ, ଯାହା ଓଜନ ବୃଦ୍ଧି କରେ

-ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ

-ଇନସୁଲିନ୍ ମାତ୍ରା ହ୍ରାସ ପାଏ, ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୁଏ

-ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବହୁତ ବଢ଼ିଯାଏ

-ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତର ବଢ଼ିପାରେ

-ଯାହା ହୃଦରୋଗ ଏବଂ ଷ୍ଟ୍ରୋକ୍ ପାଇଁ ପ୍ରମୁଖ ବିପଦର କାରଣ

-ରାତିରେ ଭାରି ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରଣାଳୀ ଉପରେ ଚାପ ପଡ଼ିଥାଏ

-ଏହା ହୃଦୟ ସ୍ୱାସ୍ଥ୍ୟକୁ ମଧ ପ୍ରଭାବିତ କରିଥାଏ

-ବିଳମ୍ବିତ ରାତିରେ ଖାଇବାର ଅଭ୍ୟାସ ପରିହାର କରନ୍ତୁ

-ରାତିରେ ଭୋକ ଲାଗୁଥିଲେ ହାଲୁକା ଖାଦ୍ୟ ଗ୍ରହଣ କରିପାରିବେ

ତେଣୁ କଥାରେ ଅଛି ଶହେ କାମ ଛାଡି ଭୋଜନ କର । ଖାଦ୍ୟ ଖାଇଲେ ହିଁ ଆମ ଶରୀର ପୋଷଣ ପାଇଥାଏ। କିନ୍ତୁ ଖାଦ୍ୟ ଆମେ ଭୋକ ଲାଗିଲେ ଖାଉ ଏବଂ ଲୋଭରେ ବି ଖାଉ। ଲୋଭରେ ଖାଇଲେ ତାହା ଆମର ପୁଷ୍ଟି ସାଧନ ନ କରି ଅହିତ କରିଥାଏ। ସୁତରାଂ ଭୋକ ଲାଗିଲେ ହିଁ ଖାଇବା ଉଚିତ। ଭୋକ ନ ଥାଇ ଖାଦ୍ୟ ଲୋଭରେ ଖାଇବା ଉଚିତ ନୁହେଁ। ପୁଣି ଖାଦ୍ୟ ଖାଇବାର ଗୋଟିଏ ନିର୍ଦ୍ଦିଷ୍ଟ ସମୟ ରହିବା ଉଚିତ। ଯେତେବେଳେ ଇଚ୍ଛା ସେତେବେଳେ ଖାଇବା ଏବଂ ବିଳମ୍ବିତ ରାତିରେ ଖାଇବା ଉଚିତ ନୁହେଁ। ଆୟୁର୍ବେଦ ଶାସ୍ତ୍ର ମତରେ ସକାଳର ଖାଇବାଟା ରାଜକୀୟ ଭୋଜନ ପରି ଗରିଷ୍ଠ ହେବା ଉଚିତ। ମଧାହ୍ନଭୋଜନ ତା'ଠୁ ହାଲୁକା ଏବଂ ସନ୍ଧ୍ୟାକାଳୀନ ଭୋଜନ ସବୁଠୁ ହାଲୁକା ହେବା ଉଚିତ। ବିଳମ୍ବିତ ରାତିରେ ଆଦୌ ଖାଇବା ଉଚିତ ନୁହେଁ। ରାତିରେ ଶୋଇବା ପୂର୍ବରୁ ଆପଣ ଛୋଟ କାଚ ଗ୍ଲାସ୍‌ରେ ଏକ ଗ୍ଲାସ୍ ଦେଶୀ ଗାଈ କ୍ଷୀର ପିଇ ଶୋଇପାରିବେ। କିନ୍ତୁ କ୍ଷୀର ପିଇସାରି କୁଳି କରିବା ନିହାତି ଆବଶ୍ୟକ, ନ ହେଲେ ଦାନ୍ତ ପୋକ ଖାଇବ। ବିଳମ୍ବିତ ରାତିରେ ବା ମଧ୍ୟରାତ୍ରିରେ ଯେଉଁମାନେ ?ଭୋଜନ କରନ୍ତି ତାକୁ ରାକ୍ଷସୀ ଭୋଜନ କୁହାଯାଏ। ସ୍ନାନ, ଦାନ, ଭୋଜନ ଓ ଭଜନ- ଏ ଚାରିଟି ଆମ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାକୁ ପ୍ରତ୍ୟହ ନିର୍ଦ୍ଦିଷ୍ଟ ସମୟରେ କରିବା ଉଚିତ। ଶାସ୍ତ୍ରରେ ଅଛି-

''ଶତଂ ବିହାୟ ଭୋକ୍ତବ୍ୟଂ ସହସ୍ରଂ ସ୍ନାନମାଚରତ୍।
ଲକ୍ଷଂ ବିହାୟ ଦାତବ୍ୟଂ କୋଟିଂ ତ୍ୟକ୍ତ୍ୱା ହରିଂ ଭଜେତ୍।।''
(ସୁଭାଷିତ)

ଅର୍ଥାତ୍, ଶହେ କାମ ଛାଡି ଭୋଜନ କର, ହଜାରେ କାମ ଛାଡି ସ୍ନାନ କର, ଲକ୍ଷେ କାମ ଛାଡି ଦାନ କର ଏବଂ କୋଟିଏ କାମ ଛାଡି ହରିଙ୍କୁ ଭଜନ କର।

ଶହେ କାମ ଛାଡ଼ି ଭୋଜନ କର, ମାନେ ଯଦି ଭୋଜନର ସମୟ ହୋଇଯାଇଛି ଓ ଭୋକ ହେଉଛି, ତେବେ ଅନ୍ୟ ସବୁ କାମ ଛାଡ଼ି ଆଗେ ଭୋଜନ କରିବା ଉଚିତ। କାରଣ ନିର୍ଦ୍ଦିଷ୍ଟ ସମୟରେ ଭୋଜନ କଲେ ତାହା ଆମ ଦେହର ଅଭ୍ୟାସଗତ ହୋଇଯାଇଥାଏ। ସେଥିରେ ବିଳମ୍ବ ବା ଅନିୟମିତତା ହେଲେ ଆମ ହଜମ ଶକ୍ତି ଉପରେ ପ୍ରଭାବ ପଡ଼େ। ଖାଦ୍ୟ ହଜମ କରିବା ପାଇଁ ଆମ ଶରୀରରେ ଏକ ପ୍ରକାର ଅମ୍ଳ ସୃଷ୍ଟି ହୁଏ, ଯାହାକୁ ଇଂରାଜୀରେ କୁହାଯାଏ ହାଇଡ୍ରୋକ୍ଲୋରିକ୍ ଏସିଡ୍ ବା ଲବଣାମ୍ଳ। ପେଟ ଯଦି ଦୀର୍ଘସମୟ ଧରି ଖାଲି ରହେ ଏବଂ ଏହା ଦିନ ଦିନ ଧରି ଘଟେ, ତେବେ ସେହି ଅମ୍ଳ ଆମର ଅନ୍ତନଳୀର ମ୍ୟୁକସ୍ ମେମ୍ବ୍ରେନକୁ ଖାଇଯାଏ। ଫଳରେ ପେଟରେ ଘାଆ ସୃଷ୍ଟି ହୁଏ, ଯାହାକୁ ଷ୍ଟୋମାକ୍ ଅଲ୍‌ସର କୁହାଯାଏ। ଶୀଘ୍ର ଚିକିତ୍ସା ନ କଲେ ତାହା ମାରାତ୍ମକ ହୋଇପାରେ। ତେଣୁ ନିୟମିତଭାବେ ଠିକ୍ ସମୟରେ ଖାଇବା ଉଚିତ। ପୁଣି ଖାଦ୍ୟ ତ ଆମକୁ କାମ କରିବା ପାଇଁ ବଳ ଯୋଗାଇଥାଏ। ଆମେ ଖାଇବାନି ଯଦି ଅନ୍ୟସବୁ କାମ କରିବା ପାଇଁ ବଳ ପାଇବା କିପରି ? ତେଣୁ ଶହେ କାମ ଛାଡ଼ି ଆଗ ଖାଇବା ପାଇଁ ପରାମର୍ଶ ଦିଆଯାଇଛି।

# ପରିବେଶ ସୁରକ୍ଷା ବିନା ଅର୍ଥନୈତିକ ବିକାଶ ଅର୍ଥହୀନ

ସାମ୍ପ୍ରତିକ ସମୟରେ ଭାରତ ବିଶ୍ୱସ୍ତରରେ ଏକ ପ୍ରମୁଖ ଅର୍ଥନୈତିକ ଶକ୍ତି ଭାବରେ ଉଭା ହେଉଥିବା ବେଳେ, ଏହାର ପରିବେଶଗତ ସ୍ଥିତି ଏକ ଅତ୍ୟନ୍ତ ଚିନ୍ତାଜନକ ଚିତ୍ର ଉପସ୍ଥାପନ କରୁଛି । ନିକଟରେ ପ୍ରକାଶିତ ୨୦୨୬ ମସିହାର ପରିବେଶ ପ୍ରଦର୍ଶନ ସୂଚକାଙ୍କ ବା ଇପିଆଇ ରିପୋର୍ଟରେ ଭାରତର ସ୍ଥାନ ୧୭୭ ଟି ଦେଶ ମଧ୍ୟରୁ ୧୭୬ ତମ ରହିଛି। ଅର୍ଥାତ୍ ତାଲିକାରେ ଭାରତ ତଳ ଆଡୁ ୨ୟ ସ୍ଥାନରେ ଅଛି ଏବଂ କେବଳ ଲାଓସ୍ ଭାରତ ଠାରୁ ପଛରେ ରହିଛି । ଏହି ରିପୋର୍ଟ ଆମର ବିକାଶର ମଡେଲ ଏବଂ ପରିବେଶ ସୁରକ୍ଷା ମଧ୍ୟରେ ଥିବା ବିପଜ୍ଜନକ ଅସନ୍ତୁଳନକୁ ପଦାରେ ପକାଇଛି । ଗୋଟିଏ ପଟେ ଆମେ ମହାକାଶ ଗବେଷଣା ଏବଂ ଡିଜିଟାଲ୍ ବିପ୍ଳବରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରୁଥିବାର ଦାବି କରୁଥିଲା ବେଳେ, ଅନ୍ୟ ପଟେ ଆମ ଦେଶର ନାଗରିକମାନେ ବିଶୁଦ୍ଧ ବାୟୁ ଟିକିଏ ନେବା ପାଇଁ ସଂଘର୍ଷ କରୁଛନ୍ତି । ଏହି ସୂଚକାଙ୍କ କେବଳ ଏକ ସଂଖ୍ୟା ନୁହେଁ, ବରଂ ଏହା ଦେଶର ପରିବେଶଗତ ସ୍ୱାସ୍ଥ୍ୟ, ଜୈବ ବିବିଧତା ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ଦିଗରେ ଆମର ବିଫଳତାର ଏକ ବାସ୍ତବ ପ୍ରତିଫଳନ ଅଟେ । ତେଣୁ ଏହି ରିପୋର୍ଟକୁ କେବଳ ସମାଲୋଚନା ଭାବରେ ନ ଦେଖି, ଏହା ପଛରେ ଥିବା ତଥ୍ୟ ଏବଂ କାରଣଗୁଡ଼ିକର ଏକ ବିଶ୍ଳେଷଣ ନିତାନ୍ତ ଆବଶ୍ୟକ ଅଟେ ।

ପରିବେଶ ପ୍ରଦର୍ଶନ ସୂଚକାଙ୍କ ହେଉଛି ଆମେରିକାର ପ୍ରସିଦ୍ଧ ୟେଲ୍ ଏବଂ କଲମ୍ବିଆ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରତି ୨ ବର୍ଷରେ ଥରେ ପ୍ରସ୍ତୁତ କରାଯାଉଥିବା ଏକ ବିଶ୍ୱସ୍ତରୀୟ ମୂଲ୍ୟାୟନ ବ୍ୟବସ୍ଥା । ୨୦୨୬ ମସିହାର ଏହି ରିପୋର୍ଟରେ ମୁଖ୍ୟତଃ ତିନୋଟି ନୀତିଗତ ଉଦ୍ଦେଶ୍ୟ ଉପରେ ଆଧାର କରି ୧୨ ଟି ବିଭାଗରେ ୪୭ ଟି ପରିବେଶ ସମ୍ବନ୍ଧୀୟ ସୂଚକାଙ୍କର ତର୍ଜମା କରାଯାଇଛି । ଏହି ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରିବେଶଗତ ସ୍ୱାସ୍ଥ୍ୟ, ଇକୋସିଷ୍ଟମ୍ ବା ପରିସଂସ୍ଥାର ଜୀବନୀଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଶମନ । ମୋଟ ସ୍କୋରରେ ପରିବେଶଗତ ସ୍ୱାସ୍ଥ୍ୟର ଭାର ୨୫% ଥିବା ବେଳେ, ପରିସଂସ୍ଥାର ସୁରକ୍ଷା ପାଇଁ ୪୫% ଏବଂ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ୩୦% ରଖାଯାଇଛି । ଏହି ସୂଚକାଙ୍କରେ ୦ ରୁ ୧୦୦ ମଧ୍ୟରେ ନମ୍ବର ପ୍ରଦାନ କରାଯାଇଥାଏ, ଯେଉଁଠାରେ ଅଧିକ ନମ୍ବର ଉନ୍ନତ ପରିବେଶ ପ୍ରଦର୍ଶନକୁ ସୂଚାଇଥାଏ । ଚଳିତ ବର୍ଷର ରିପୋର୍ଟରେ ଏସ୍ତୋନିଆ ୭୪.୭୯ ସ୍କୋର ସହ ଶୀର୍ଷ ସ୍ଥାନରେ ରହିଛି । ଏସ୍ତୋନିଆ ପରି ୟୁରୋପୀୟ ଦେଶଗୁଡ଼ିକ ଅକ୍ଷୟ ଶକ୍ତିର ବ୍ୟବହାର ବୃଦ୍ଧି କରିବା ସହ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା କମାଇ ନିଜର ଶ୍ରେଷ୍ଠତ୍ୱ ବଜାୟ ରଖିଛନ୍ତି । ଲକ୍ସେମ୍ବର୍ଗ, ବ୍ରିଟେନ, ଫିନଲ୍ୟାଣ୍ଡ ଏବଂ ନେଦରଲ୍ୟାଣ୍ଡ ପରି ଦେଶଗୁଡ଼ିକ ମଧ୍ୟ ପ୍ରଥମ ୫ ଟି ସ୍ଥାନରେ ରହିଛନ୍ତି । ଏହି ଦେଶଗୁଡ଼ିକର ସଫଳତା ପ୍ରମାଣ କରୁଛି ଯେ ସଠିକ୍ ସରକାରୀ ନୀତି ଏବଂ ଦୃଢ଼ ଇଚ୍ଛାଶକ୍ତି ବଳରେ ଦ୍ରୁତ ଅର୍ଥନୈତିକ ବିକାଶ ସହିତ ପରିବେଶର ସୁରକ୍ଷା ସମ୍ଭବପର ଅଟେ ।

ଏହାର ଠିକ୍ ବିପରୀତ ଦିଗରେ ଭାରତର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଭାରତର ସାମଗ୍ରିକ ସ୍କୋର ମାତ୍ର ୨୨.୪୬ ରହିଛି, ଯାହାକି ଶୀର୍ଷରେ ଥିବା ଏସ୍ତୋନିଆ ଠାରୁ ଢେର୍ କମ୍ ଅଟେ । ଦକ୍ଷିଣ ଏସିଆର ୮ ଟି ଦେଶ ମଧ୍ୟରେ ମଧ୍ୟ ଭାରତ ସର୍ବନିମ୍ନ ସ୍ଥାନରେ ଅଛି । ଯଦି ଆମେ ବିଭିନ୍ନ ବିଭାଗର ଆକଳନକୁ ଦେଖିବା, ତେବେ ପରିବେଶଗତ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତ ୧୭୪ ତମ ସ୍ଥାନରେ, ପରିସଂସ୍ଥାର ସୁରକ୍ଷା କ୍ଷେତ୍ରରେ ୧୭୧ ତମ ସ୍ଥାନରେ ଏବଂ ଜଳବାୟୁ ପରିବର୍ତ୍ତନ ନୀତି କ୍ଷେତ୍ରରେ ୧୩୦ ତମ ସ୍ଥାନରେ ରହିଛି। ବିଶେଷ କରି ବାୟୁର ଗୁଣବତ୍ତା ସୂଚକାଙ୍କରେ ଭାରତର ଅବସ୍ଥା ସବୁଠାରୁ ଖରାପ ରହିଛି। ଗତ ୧୦ ବର୍ଷ ମଧ୍ୟରେ ପିଏମ ୨.୫ ବା ସୂକ୍ଷ୍ମ କଣିକା, କାର୍ବନ ମୋନୋକ୍ସାଇଡ୍ ଏବଂ ସଲଫର୍ ଡାଇଅକ୍ସାଇଡ୍ ପରି ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସିବା କାରଣରୁ ହେଉଥିବା ମୃତ୍ୟୁ ଏବଂ ରୋଗର ହାରରେ ଆଶାତୀତ ବୃଦ୍ଧି ଘଟିଛି । ଏହି ସବୁ ସୂଚକାଙ୍କରେ ଭାରତର ମୂଲ୍ୟାୟନ ନକାରାତ୍ମକ ରହିଛି । ସେହିପରି ସାମୁଦ୍ରିକ ସୁରକ୍ଷିତ ଅଞ୍ଚଳର ପ୍ରଭାବଶାଳୀତା କ୍ଷେତ୍ରରେ ମଧ୍ୟ ଭାରତ -୫୧.୭୭ ସ୍କୋର ସହ ନକାରାତ୍ମକ ପ୍ରଦର୍ଶନ କରିଛି । ଆଞ୍ଚଳିକ ସାମୁଦ୍ରିକ ଟ୍ରୋଫିକ୍ ଇଣ୍ଡେକ୍ସରେ ଭାରତର ସ୍କୋର -୧୦.୨୭ ରହିଛି, ଯାହା ସୂଚାଉଛି ଯେ ଭାରତୀୟ ସମୁଦ୍ର ଉପକୂଳରେ ଅତ୍ୟଧିକ ମାଛ ଧରାଯିବା କାରଣରୁ ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳା ଗୁରୁତର ଭାବେ ପ୍ରଭାବିତ ହୋଇଛି । ଏହି ତଥ୍ୟଗୁଡ଼ିକ ସ୍ପଷ୍ଟ କରୁଛି ଯେ କେବଳ ବାୟୁ ପ୍ରଦୂଷଣ ନୁହେଁ, ବରଂ ଜଳ, ସ୍ଥଳ ଏବଂ ଜୈବ ବିବିଧତା ପ୍ରତ୍ୟେକ କ୍ଷେତ୍ରରେ ଆମର ପରିବେଶ ଦ୍ରୁତ ଗତିରେ ଅବନତି ଆଡ଼କୁ ଗତି କରୁଛି ।

ଏହି ବିପର୍ଯ୍ୟୟ ପଛରେ ଥିବା ମୁଖ୍ୟ କାରଣଗୁଡ଼ିକୁ ଅନୁଧ୍ୟାନ କଲେ ଆମେ ବିକାଶ ବନାମ ପ୍ରଦୂଷଣର ଏକ ଜଟିଳ ସମସ୍ୟାର ସମ୍ମୁଖୀନ ହେଉ । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତର ମୁଣ୍ଡପିଛା ଅଙ୍ଗାରକାମ୍ଳ ନିର୍ଗମନ ବିଶ୍ୱ ହାର ତୁଳନାରେ କମ୍ ଥିଲେ ମଧ୍ୟ ଏହା ଅତି ଦ୍ରୁତ ଗତିରେ ବୃଦ୍ଧି ପାଉଛି । କୋଟି କୋଟି ଲୋକଙ୍କୁ ଆଧୁନିକ ଶକ୍ତି ସେବା ଯୋଗାଇଦେବା ପାଇଁ ଭାରତର ପ୍ରୟାସ ପ୍ରଶଂସନୀୟ ହୋଇଥିଲେ ମଧ୍ୟ, ଏଥିପାଇଁ ଦେଶକୁ ସହରାଞ୍ଚଳର ବାୟୁ ପ୍ରଦୂଷଣ ଏବଂ ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ଭଳି ବଡ଼ ମୂଲ୍ୟ ଦେବାକୁ ପଡୁଛି । ଭାରତର ଶକ୍ତି କ୍ଷେତ୍ର ଏବେ ବି ମୁଖ୍ୟତଃ କୋଇଲା ଉପରେ ନିର୍ଭରଶୀଳ ଅଟେ । ଦେଶର ପ୍ରାୟ ୭୦% ବିଦ୍ୟୁତ୍ ଉତ୍ପାଦନ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଆସୁଛି । ଯଦିଓ ସରକାର ଅକ୍ଷୟ ଶକ୍ତି କ୍ଷେତ୍ରରେ ବିପୁଳ ପୁଞ୍ଜି ବିନିଯୋଗ କରୁଛନ୍ତି ଏବଂ ୨୦୩୦ ମସିହା ସୁଦ୍ଧା ୫୦୦ ଗିଗାୱାଟ୍ ଅଣ-ଜୀବାଶ୍ମ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖିଛନ୍ତି, ତଥାପି ବର୍ତ୍ତମାନର ବିପୁଳ ଶକ୍ତି ଚାହିଦା ମେଣ୍ଟାଇବା ପାଇଁ କୋଇଲାର ବ୍ୟବହାର କମୁନାହିଁ । ଏହା ବ୍ୟତୀତ ଦ୍ରୁତ ଶିଳ୍ପାୟନ, ଅନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟ, ଜଙ୍ଗଲ କ୍ଷୟ ଏବଂ ଯାନବାହାନରୁ ବାହାରୁଥିବା ଧୂଆଁ ଦେଶର ବାୟୁମଣ୍ଡଳକୁ ବିଷାକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହରଗୁଡ଼ିକ ମଧ୍ୟରେ ଭାରତର ଅନେକ ସହର ରହିବା ଏହି ରିପୋର୍ଟର ସତ୍ୟତାକୁ ପ୍ରମାଣିତ କରୁଛି । ପରିବେଶ ଅବନତିର ଅର୍ଥନୈତିକ ପ୍ରଭାବ ମଧ୍ୟ ଅତ୍ୟନ୍ତ ଭୟାବହ ଅଟେ । ବିଶ୍ୱବ୍ୟାଙ୍କର ଏକ ଆକଳନ ଅନୁଯାୟୀ, ବାୟୁ ପ୍ରଦୂଷଣ କାରଣରୁ ଭାରତକୁ ପ୍ରତିବର୍ଷ ଏହାର ଜିଡିପିର ଏକ ବଡ଼ ଅଂଶ ସ୍ୱାସ୍ଥ୍ୟ ସେବା ଏବଂ ଉତ୍ପାଦନ ହ୍ରାସ ବାବଦରେ ହରାଇବାକୁ ପଡୁଛି । ଜୈବ ବିବିଧତା ସୁରକ୍ଷା କ୍ଷେତ୍ରରେ ଦୁର୍ବଳ ନୀତି ଏବଂ ଏହାର କାର୍ଯ୍ୟକାରିତାରେ ଅବହେଳା ମଧ୍ୟ ଦେଶର ପରିସଂସ୍ଥାକୁ ବିପଦରେ ପକାଇଛି, ଯାହାକି କେବଳ ବର୍ତ୍ତମାନ ପାଇଁ ନୁହେଁ ବରଂ ଭବିଷ୍ୟତ ପିଢ଼ି ପାଇଁ ଏକ ବଡ଼ ସଙ୍କଟ ସୃଷ୍ଟି କରିବାକୁ ଯାଉଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତ ସରକାର ଏହି ପରିବେଶ ପ୍ରଦର୍ଶନ ସୂଚକାଙ୍କକୁ ଅତୀତରେ କ୍ରମାଗତ ଭାବେ ପ୍ରତ୍ୟାଖ୍ୟାନ କରିଆସିଛନ୍ତି । ୨୦୨୨ ମସିହାରେ ଯେତେବେଳେ ଭାରତ ୧୮୦ ଟି ଦେଶ ମଧ୍ୟରୁ ସର୍ବନିମ୍ନ ସ୍ଥାନରେ ଥିଲା, ସେତେବେଳେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଏହି ରିପୋର୍ଟକୁ ଅବୈଜ୍ଞାନିକ ଏବଂ ଅନୁମାନଭିତ୍ତିକ ବୋଲି ଆଖ୍ୟା ଦେଇ ଏହାକୁ ଗ୍ରହଣ କରିବାକୁ ମନା କରିଦେଇଥିଲା । ୨୦୨୪ ମସିହାରେ ମଧ୍ୟ ଭାରତର ସ୍ଥାନ ୧୭୬ ରହିଥିଲା । ସରକାରଙ୍କ ମୁଖ୍ୟ ଯୁକ୍ତି ହେଉଛି ଯେ ଏହି ସୂଚକାଙ୍କରେ ବିକଶିତ ଦେଶଗୁଡ଼ିକର ଐତିହାସିକ ନିର୍ଗମନକୁ ହିସାବକୁ ନିଆଯାଉନାହିଁ ଏବଂ ବିଭିନ୍ନ ସୂଚକାଙ୍କର ମୂଲ୍ୟାୟନ ପଦ୍ଧତିରେ ବାରମ୍ବାର ପରିବର୍ତ୍ତନ କରାଯାଉଛି, ଯେପରିକି ୨୦୨୨ ରେ ୪୦ ଟି ସୂଚକାଙ୍କ ଥିବାବେଳେ ୨୦୨୪ ରେ ୫୮ ଟି ସୂଚକାଙ୍କ ବ୍ୟବହାର କରାଯାଇଥିଲା ଏବଂ ଚଳିତ ବର୍ଷ ତୃଣଭୂମି ରୂପାନ୍ତରଣ ଭଳି ନୂତନ ବିଷୟ ଯୋଡ଼ାଯାଇଛି। ଏହା ସତ୍ୟ ଯେ ଜଳବାୟୁ ପରିବର୍ତ୍ତନ ପାଇଁ ପାଶ୍ଚାତ୍ୟ ଦେଶଗୁଡ଼ିକର ଶିଳ୍ପ ବିପ୍ଳବ ଏବଂ ଅତୀତର ଅତ୍ୟଧିକ କାର୍ବନ ନିର୍ଗମନ ସର୍ବାଧିକ ଦାୟୀ ଅଟେ । ଜଳବାୟୁ ନ୍ୟାୟ ଦୃଷ୍ଟିକୋଣରୁ ବିକାଶଶୀଳ ଦେଶଗୁଡ଼ିକୁ ନିଜର ଦାରିଦ୍ର୍ୟ ଦୂରୀକରଣ ଏବଂ ଅର୍ଥନୈତିକ ବିକାଶ ପାଇଁ ଅଧିକ କାର୍ବନ ସ୍ପେସ୍ ମିଳିବା ଉଚିତ୍ । କିନ୍ତୁ ଇପିଆଇର ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି ଯେ ଏହି ସୂଚକାଙ୍କ କୌଣସି ଦେଶର ଐତିହାସିକ ନିର୍ଗମନ ବା ଭବିଷ୍ୟତର ନୀତିଗତ ଉଦ୍ଦେଶ୍ୟକୁ ମାପି ନଥାଏ, ବରଂ ଏହା ଦେଶର ବର୍ତ୍ତମାନର ବାସ୍ତବ ପରିବେଶଗତ ସ୍ଥିତିକୁ ଦର୍ଶାଇଥାଏ । ସରକାର ଅନ୍ତର୍ଜାତୀୟ ମଞ୍ଚରେ ଜଳବାୟୁ ନ୍ୟାୟ ପାଇଁ ଲଢ଼େଇ କରିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ, କିନ୍ତୁ ଆମ ଦେଶର ପ୍ରଦୂଷିତ ନଦୀ, ବିଷାକ୍ତ ବାୟୁ ଏବଂ କ୍ଷୟ ହେଉଥିବା ଜଙ୍ଗଲକୁ କେବଳ ତଥ୍ୟର ଖେଳ କହି ଅସ୍ୱୀକାର କରିବା ଆତ୍ମଘାତୀ ସାବ୍ୟସ୍ତ ହେବ । ଦିଲ୍ଲୀ କିମ୍ବା ମୁମ୍ବାଇ ଭଳି ମହାନଗରୀଗୁଡ଼ିକରେ ଶୀତଦିନେ ବାୟୁ ପ୍ରଦୂଷଣ ଯୋଗୁଁ ସ୍କୁଲ ବନ୍ଦ କରିବାକୁ ପଡୁଥିବା ବେଳେ ଏବଂ ଲୋକଙ୍କ ଆୟୁଷ ହାରାହାରି ୫ ରୁ ୭ ବର୍ଷ କମିଯାଉଥିବା ବେଳେ, ଏହି ଆନ୍ତର୍ଜାତୀୟ ରିପୋର୍ଟକୁ କେବଳ ପାଶ୍ଚାତ୍ୟ ପକ୍ଷପାତିତା କହି ଏଡ଼ାଇଦେବା ସମସ୍ୟାର ପ୍ରକୃତ ସମାଧାନ ନୁହେଁ ।

ପରିଶେଷରେ ଏହା କୁହାଯାଇପାରେ ଯେ ୨୦୨୬ ମସିହାର ପରିବେଶ ପ୍ରଦର୍ଶନ ସୂଚକାଙ୍କ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ ଅଟେ । ଆମକୁ ବୁଝିବାକୁ ହେବ ଯେ ପରିବେଶର ସୁରକ୍ଷା ବିକାଶର ପରିପନ୍ଥୀ ନୁହେଁ, ବରଂ ଏହା ସ୍ଥାୟୀ ବିକାଶର ଏକମାତ୍ର ମୂଳଦୁଆ ଅଟେ । ଆର୍ଥିକ ଅଭିବୃଦ୍ଧିର ଫଳ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ବେଳକୁ ଯଦି ସେମାନଙ୍କର ସ୍ୱାସ୍ଥ୍ୟ ପ୍ରଦୂଷଣ କାରଣରୁ ନଷ୍ଟ ହୋଇଯାଏ, ତେବେ ସେହି ଅର୍ଥନୈତିକ ବିକାଶର କୌଣସି ବାସ୍ତବ ମୂଲ୍ୟ ରହିବ ନାହିଁ । ଭାରତ ସରକାର ୨୦୭୦ ସୁଦ୍ଧା ନେଟ୍-ଜିରୋ ହାସଲ କରିବାକୁ ଜାତିସଂଘ ସମ୍ମିଳନୀରେ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି, ତାହାକୁ ବାସ୍ତବ ରୂପ ଦେବା ପାଇଁ ତୃଣମୂଳ ସ୍ତରରେ ଅଧିକ କଠୋର ଏବଂ ନିର୍ଣ୍ଣାୟକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । କେବଳ କାଗଜ କଲମରେ ନୂଆ ନିୟମ ପ୍ରଣୟନ କଲେ ହେବ ନାହିଁ, ବରଂ ପ୍ରଶାସନିକ ସ୍ତରରେ ସେଗୁଡ଼ିକର କଠୋର ଅନୁପାଳନ ସୁନିଶ୍ଚିତ କରିବାକୁ ପଡ଼ିବ । ସୌର ଏବଂ ପବନ ଶକ୍ତି ଭଳି ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡ଼ିକୁ ଆହୁରି ତ୍ୱରାନ୍ୱିତ କରିବା, ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ପରିବେଶ ମାନଦଣ୍ଡକୁ କଡ଼ାକଡ଼ି କରିବା, ଇଲେକ୍ଟ୍ରିକ୍ ଯାନର ବ୍ୟବହାରକୁ ବ୍ୟାପକ ପ୍ରୋତ୍ସାହନ ଦେବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରିବା ନିହାତି ଜରୁରୀ ହୋଇପଡ଼ିଛି । ଏଥିସହିତ ସମୁଦ୍ର ଉପକୂଳର ସୁରକ୍ଷା ଏବଂ ଜଙ୍ଗଲ ସମ୍ପଦର ସଂରକ୍ଷଣ ପାଇଁ ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକୁ ସାମିଲ କରିବା ଆବଶ୍ୟକ । ଆମକୁ ଏପରି ଏକ ବିକାଶର ମଡେଲ ଆପଣେଇବାକୁ ପଡ଼ିବ ଯେଉଁଥିରେ ପ୍ରକୃତିର ନିର୍ମମ ଶୋଷଣ ବଦଳରେ ପ୍ରକୃତିର ସଂରକ୍ଷଣ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବ ।

# କୃତ୍ରିମ ବୁଦ୍ଧିମତ୍ତା ଏଆଇ: ଚାକିରିର ଶତ୍ରୁ ନୁହେଁ



**ବାଣୀମଞ୍ଜୁଳ ଡ଼ଃ ସମୀର କୁମାର ନନ୍ଦ**

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିଜ୍ଞାନ କଳ୍ପନାର ଏକ ଧାରଣାରୁ ଆଜି ଏକବିଂଶ ଶତାବ୍ଦୀର ସବୁଠାରୁ ପରିବର୍ତ୍ତନକାରୀ ପ୍ରଯୁକ୍ତିରେ ପରିଣତ ହୋଇଛି। ବର୍ତ୍ତମାନ ଏଆଇ ପ୍ରବନ୍ଧ ଲେଖୁଛି, ଚିତ୍ରକଳା ସୃଷ୍ଟି କରୁଛି, ଭିଡିଓ ସମ୍ପାଦନା କରୁଛି, ରୋଗ ଚିହ୍ନଟ କରୁଛି, ଆଇନଜୀବୀଙ୍କୁ ସହାୟତା କରୁଛି, ଆର୍ଥିକ ବଜାରର ବିଶ୍ଳେଷଣ କରୁଛି ଏବଂ କମ୍ପ୍ୟୁଟର ପ୍ରୋଗ୍ରାମ ମଧ୍ୟ ବିକଶିତ କରୁଛି। ଏଆଇ ଯେତେ ଅଧିକ କ୍ଷମତାଶାଳୀ ହେଉଛି, ସେତେବେଳେ ସାରା ବିଶ୍ୱର କର୍ମକ୍ଷେତ୍ରରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଠୁଛି— ଏଆଇ କ'ଣ ଆମର ଚାକିରି ନେଇଯିବ ?

ଏହି ଆଶଙ୍କା ଅମୂଳକ ନୁହେଁ। ଇତିହାସର ପ୍ରତ୍ୟେକ ବଡ଼ ପ୍ରଯୁକ୍ତିଗତ ବିପ୍ଳବ କୌଣସି ନା କୌଣସି ଭାବରେ ରୋଜଗାରର ପ୍ରକୃତିକୁ ବଦଳାଇଛି। ଶିଳ୍ପ ବିପ୍ଳବ ଯେପରି ମାନବ ଶ୍ରମକୁ ଯନ୍ତ୍ର ଦ୍ୱାରା ପ୍ରତିସ୍ଥାପିତ କରିଥିଲା, ସେହିପରି ଡିଜିଟାଲ ବିପ୍ଳବ ଅନେକ କାର୍ଯ୍ୟାଳୟ କାର୍ଯ୍ୟକୁ ସ୍ୱୟଂଚାଳିତ କରିଦେଇଥିଲା। ଏଆଇ ସେହି ପରିବର୍ତ୍ତନର ପରବର୍ତ୍ତୀ ପର୍ଯ୍ୟାୟ। କିନ୍ତୁ ବାସ୍ତବତା ହେଉଛି, ଏଆଇ ମଣିଷକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେବ ନାହିଁ। ଭବିଷ୍ୟତ ସେମାନଙ୍କର, ଯେଉଁମାନେ ଏଆଇ ସହିତ ବୁଦ୍ଧିମତାର ସହ କାମ କରିବା ଶିଖିବେ।

ଆଜି ଏଆଇ ସେହି ସମସ୍ତ କାର୍ଯ୍ୟ କରୁଛି, ଯାହାକୁ ଦିନେ ମଣିଷର ଏକାନ୍ତ କ୍ଷମତା ବୋଲି ଧରାଯାଉଥିଲା। ଏଆଇ -ଆଧାରିତ ସଫ୍ଟୱେର କେବଳ କିଛି ସେକେଣ୍ଡରେ ପ୍ରବନ୍ଧ, ରିପୋର୍ଟ, ବିଜ୍ଞାପନ ସାମଗ୍ରୀ ଓ ସାମାଜିକ ଗଣମାଧ୍ୟମ ପାଇଁ ବିଷୟବସ୍ତୁ ପ୍ରସ୍ତୁତ କରିପାରୁଛି। ଗ୍ରାଫିକ୍ ଡିଜାଇନ୍ ପ୍ଲାଟଫର୍ମ ଆକର୍ଷଣୀୟ ଚିତ୍ର ସୃଷ୍ଟି କରୁଛି, ଭିଡିଓ ଏଡିଟିଂ ସଫ୍ଟୱେର ଉଚ୍ଚମାନର ଭିଡିଓ ପ୍ରସ୍ତୁତ କରୁଛି ଏବଂ ଏଆଇ ଚାଳିତ କୋଡିଂ ସହାୟକମାନେ ସଫ୍ଟୱେର ବିକାଶକାରୀଙ୍କ କାମକୁ ଅଧିକ ଦ୍ରୁତ ଓ ସଠିକ୍ କରୁଛନ୍ତି। ଏହି କାରଣରୁ ବ୍ୟବସାୟିକ ସଂସ୍ଥାମାନେ ଏଆଇକୁ ବ୍ୟାପକ ଭାବରେ ଆପଣାଉଛନ୍ତି, କାରଣ ଏହା ସମୟ ବଞ୍ଚାଏ, ଖର୍ଚ୍ଚ କମାଏ ଏବଂ ଉତ୍ପାଦନକ୍ଷମତା ବଢ଼ାଏ।

ସ୍ୱାଭାବିକ ଭାବରେ ଏହା କର୍ମଚାରୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ଅନେକଙ୍କ ଆଶଙ୍କା, ଭବିଷ୍ୟତରେ ନିଯୁକ୍ତିଦାତା ମାନେ ସେମାନଙ୍କ ସ୍ଥାନରେ ଏଆଇକୁ ବସାଇ ଦେବେ। କିନ୍ତୁ ଇତିହାସ କହେ ଯେ, ପ୍ରଯୁକ୍ତି କେବେ ବି କାମକୁ ସମ୍ପୂର୍ଣ୍ଣ ଭାବରେ ଶେଷ କରେନାହିଁ; ବରଂ କାମର ସ୍ୱରୂପକୁ ବଦଳାଇ ଦିଏ। ନୂତନ ପ୍ରଯୁକ୍ତି ନୂତନ ଶିଳ୍ପ, ନୂତନ ପେସା ଓ ନୂତନ ସୁଯୋଗ ସୃଷ୍ଟି କରିବା ସହ ପୁରୁଣା କାମ ପାଇଁ ଆବଶ୍ୟକ ଦକ୍ଷତାକୁ ମଧ୍ୟ ପରିବର୍ତ୍ତନ କରିଦିଏ। ଭବିଷ୍ୟତର ପ୍ରତିଯୋଗିତା ଏଆଇ ବନାମ ମଣିଷ ମଧ୍ୟରେ ନୁହେଁ; ବରଂ ଏଆଇ କୁ ସଠିକ୍ ଭାବେ ବ୍ୟବହାର କରୁଥିବା ମଣିଷ ଓ ତାହାକୁ ଗ୍ରହଣ କରିବାକୁ ଅନିଚ୍ଛୁକ ମଣିଷ ମଧ୍ୟରେ। ଯେଉଁମାନେ ଏଆଇ କୁ ସଠିକ୍ ଭାବରେ କାମରେ ଲଗାଇପାରିବେ, ସେମାନେ ଅନ୍ୟମାନଙ୍କ ତୁଳନାରେ ବହୁଗୁଣ ଅଧିକ ଉତ୍ପାଦନକ୍ଷମ ହେବେ। ଏଆଇ ଏକ ଶକ୍ତିଶାଳୀ ସହଯୋଗୀ, କିନ୍ତୁ ଏହାକୁ ସଠିକ୍ ଦିଗ ଦେବା ପାଇଁ ମାନବୀୟ ବିଚାରଶକ୍ତି, ସୃଜନଶୀଳତା, ନୈତିକତା ଓ ନିଷ୍ପତ୍ତି ଗ୍ରହଣ କ୍ଷମତା ଅପରିହାର୍ଯ୍ୟ। ଏହି ମାନବୀୟ ଗୁଣଗୁଡ଼ିକ ହିଁ ଆଗାମୀ ଦିନରେ ସଫଳ ପେସାଦାରଙ୍କୁ ଅଲଗା ପରିଚୟ ଦେବ।

ଦୀର୍ଘ ଦଶନ୍ଧି ଧରି କ୍ୟାରିୟର ସଫଳତାର ସୂତ୍ର ଥିଲା—ଏକ ଡିଗ୍ରୀ ହାସଲ କର, ଚାକିରି ପାଅ ଏବଂ ସେହି ଜ୍ଞାନକୁ ସାରା ଜୀବନ ବ୍ୟବହାର କର। ଆଜି ଏହି ଧାରଣା ଦ୍ରୁତ ଗତିରେ ଅପ୍ରାସଙ୍ଗିକ ହେଉଛି । ବର୍ତ୍ତମାନର ପରିବର୍ତ୍ତନଶୀଳ ଦୁନିଆରେ ବିଶ୍ୱବିଦ୍ୟାଳୟର ଡିଗ୍ରୀ ହେଉଛି ଯାତ୍ରାର ଆରମ୍ଭ, ଶେଷ ନୁହେଁ। ଦକ୍ଷତା ଶୀଘ୍ର ପୁରୁଣା ହୋଇଯାଏ ଏବଂ ନିରନ୍ତର ଶିକ୍ଷା ଏବେ ଏକ ବିକଳ୍ପ ନୁହେଁ, ବରଂ ଅନିବାର୍ଯ୍ୟତା। ଏଆଇ ଯୁଗରେ ସେହି ପେସାଦାରମାନେ ସଫଳ ହେବେ, ଯେଉଁମାନଙ୍କ ପାଖରେ ଅନୁକୂଳନ କ୍ଷମତା, ଜିଜ୍ଞାସା ଏବଂ ଜୀବନବ୍ୟାପୀ ଶିକ୍ଷା ପ୍ରତି ଆଗ୍ରହ ରହିଛି। ନୂତନ ପ୍ରଯୁକ୍ତି ଶିଖିବା, ପୁରୁଣା ପଦ୍ଧତିକୁ ପରିତ୍ୟାଗ କରିବା ଏବଂ ସମୟାନୁସାରେ ନିଜ ଦକ୍ଷତାକୁ ଉନ୍ନତ କରିବା ଆଜିର ସବୁଠାରୁ ମୂଲ୍ୟବାନ ସମ୍ପଦ।

ସେହିପରି ସୃଜନଶୀଳତା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଏଆଇ ବିପୁଳ ତଥ୍ୟ ବିଶ୍ଳେଷଣ କରିପାରେ, ଢାଞ୍ଚା ଚିହ୍ନଟ କରିପାରେ ଏବଂ ଚମତ୍କାର ଫଳାଫଳ ଦେଇପାରେ, କିନ୍ତୁ ମୌଳିକ ଚିନ୍ତାଧାରା, ଭାବନାତ୍ମକ ବୁଦ୍ଧିମତ୍ତା, ସହାନୁଭୂତି, ନୈତିକ ବିଚାର, ନେତୃତ୍ୱ ଏବଂ ସମାଲୋଚନାତ୍ମକ ଚିନ୍ତନ ଏପର୍ଯ୍ୟନ୍ତ ମାନବର ଅନନ୍ୟ ଶକ୍ତି। ନବସୃଜନ କେବଳ ତଥ୍ୟ କିମ୍ବା ଆଲଗୋରିଦମରୁ ନୁହେଁ, ବରଂ ମାନବୀୟ କଳ୍ପନାଶକ୍ତିରୁ ଜନ୍ମ ନିଏ। ଆଜିର ସଂସ୍ଥାମାନେ କେବଳ ପରିଶ୍ରମୀ କର୍ମଚାରୀଙ୍କୁ ନୁହେଁ, ବରଂ ସେହି ବ୍ୟକ୍ତିମାନଙ୍କୁ ଖୋଜୁଛନ୍ତି, ଯେଉଁମାନେ ପରିବର୍ତ୍ତନ ସହିତ ଖାପ ଖୁଆଇପାରନ୍ତି, ଜଟିଳ ସମସ୍ୟାର ସମାଧାନ କରିପାରନ୍ତି, ଦଳଗତ ଭାବରେ କାମ କରିପାରନ୍ତି ଏବଂ ନୂତନ ପ୍ରଯୁକ୍ତିକୁ ଶୀଘ୍ର ଆୟତ୍ତ କରିପାରନ୍ତି।

ତେଣୁ ଭବିଷ୍ୟତ ପାଇଁ ନିଜ କ୍ୟାରିୟରକୁ ସୁରକ୍ଷିତ କରିବାକୁ ହେଲେ ସ୍ଥିର ମାନସିକତା ପରିବର୍ତ୍ତେ ବିକାଶଶୀଳ ମାନସିକତା ଗ୍ରହଣ କରିବାକୁ ପଡ଼ିବ। ଏଆଇକୁ ଭୟ ଭାବରେ ନୁହେଁ, ବରଂ ନିଜ କ୍ଷମତା ବୃଦ୍ଧିର ଏକ ଶକ୍ତିଶାଳୀ ସାଧନ ଭାବରେ ଦେଖିବା ଆବଶ୍ୟକ। ଆପଣ ଶିକ୍ଷକ, ଡାକ୍ତର, ଓକିଲ, ଇଞ୍ଜିନିୟର, ସାମ୍ବାଦିକ, ପ୍ରଶାସକ କିମ୍ବା ଉଦ୍ୟୋଗୀ ଯାହା ହେଉନାହିଁ, ଏଆଇ ଆପଣଙ୍କ ଦୈନନ୍ଦିନ କାର୍ଯ୍ୟକୁ ସହଜ କରିପାରିବ ଏବଂ ଆପଣଙ୍କୁ ଅଧିକ ସମୟ ଦେଇପାରିବ ରଣନୀତିମୂଳକ ଚିନ୍ତନ, ନେତୃତ୍ୱ ଏବଂ ମାନବୀୟ ସମ୍ପର୍କ ପାଇଁ।

ନିରନ୍ତର ଆତ୍ମ-ଉନ୍ନତି ଏବେ ଅତ୍ୟାବଶ୍ୟକ। କେବଳ ନିଯୁକ୍ତିଦାତାଙ୍କ ପ୍ରଶିକ୍ଷଣକୁ ଅପେକ୍ଷା କଲେ ଚାଲିବ ନାହିଁ। ଅନଲାଇନ୍ ପାଠ୍ୟକ୍ରମ, ବୃତ୍ତିଗତ ପ୍ରମାଣପତ୍ର, କର୍ମଶାଳା ଏବଂ ଏଆଇ ସାଧନର ବ୍ୟବହାରିକ ଅଭ୍ୟାସ ଜରିଆରେ ନିଜକୁ ସଦା ଅଦ୍ୟତନ ରଖିବାକୁ ହେବ। ଆଗାମୀ ଦିନରେ ନିଯୁକ୍ତିଦାତାମାନେ ପୁରୁଣା ପ୍ରମାଣପତ୍ର ଅପେକ୍ଷା ବାସ୍ତବ ଦକ୍ଷତା ଓ ଅନୁକୂଳନ କ୍ଷମତାକୁ ଅଧିକ ଗୁରୁତ୍ୱ ଦେବେ। ଭବିଷ୍ୟତର କର୍ମକ୍ଷେତ୍ରରେ କେବଳ କଠିନ ପରିଶ୍ରମ ନୁହେଁ, ବରଂ ସ୍ମାର୍ଟ ୱର୍କ ଅଧିକ ମୂଲ୍ୟବାନ ହେବ। ଏଆଇ ପୁନରାବୃତ୍ତିମୂଳକ କାମ, ବିଶାଳ ତଥ୍ୟ ବିଶ୍ଳେଷଣ ଏବଂ ପ୍ରାରମ୍ଭିକ ଖସଡ଼ା ପ୍ରସ୍ତୁତ କରିପାରିବ। ଏହାଦ୍ୱାରା ମଣିଷ ନବସୃଜନ, ନେତୃତ୍ୱ, ରଣନୀତି ପ୍ରସ୍ତୁତି, ଗ୍ରାହକ ସମ୍ପର୍କ ଏବଂ ସୃଜନଶୀଳ ସମସ୍ୟା ସମାଧାନରେ ଅଧିକ ସମୟ ଦେଇପାରିବ।

ଏଆଇକୁ ନେଇ ଭୟ ବାସ୍ତବ, କିନ୍ତୁ କେବଳ ଭୟ କୌଣସି ସମାଧାନ ନୁହେଁ। ବରଂ ଏହି ଭୟ ଆମକୁ ନୂତନ ଜ୍ଞାନ ଆହରଣ ଏବଂ ନବସୃଜନ ପ୍ରତି ପ୍ରେରିତ କରିବା ଉଚିତ। ପ୍ରତ୍ୟେକ ପ୍ରଯୁକ୍ତିଗତ ବିପ୍ଳବ ସେମାନଙ୍କୁ ପୁରସ୍କୃତ କରିଛି, ଯେଉଁମାନେ ପରିବର୍ତ୍ତନକୁ ଗ୍ରହଣ କରିଛନ୍ତି, ଏବଂ ସେମାନଙ୍କୁ ପଛରେ ଛାଡ଼ିଦେଇଛି, ଯେଉଁମାନେ ପରିବର୍ତ୍ତନକୁ ପ୍ରତିରୋଧ କରିଛନ୍ତି।

ଶେଷରେ, ଭବିଷ୍ୟତ ସେହି ଚିରନ୍ତନ ଛାତ୍ରଙ୍କର, ଯିଏ କେବେ ଶିଖିବା ବନ୍ଦ କରେନାହିଁ, ସର୍ବଦା ଜିଜ୍ଞାସୁ ରହେ ଏବଂ ଆତ୍ମବିଶ୍ୱାସର ସହ ପରିବର୍ତ୍ତନକୁ ସ୍ୱାଗତ କରେ। କୃତ୍ରିମ ବୁଦ୍ଧିମତ୍ତା ମାନବ ରୋଜଗାରର ଅନ୍ତ ନୁହେଁ; ବରଂ ଏହା ମାନବ ଉତ୍ପାଦନକ୍ଷମତାର ଏକ ନୂତନ ଅଧ୍ୟାୟର ଆରମ୍ଭ। ତେଣୁ ଆମେ ଏହା ପଚାରିବା ବଦଳରେ—' ଏଆଇ କ'ଣ କରିପାରିବ ? '—ଏହି ପ୍ରଶ୍ନ କରିବା ଅଧିକ ଉଚିତ—' ଏଆଇ କୁ ମୋର ସହଯୋଗୀ କରି ମୁଁ କ'ଣ ସାଧନ କରିପାରିବି ?'

ଯେଉଁମାନେ ନିରନ୍ତର ଶିକ୍ଷା, ନବସୃଜନ ଏବଂ ଆତ୍ମଉନ୍ନତି ମାଧ୍ୟମରେ ଏହି ପ୍ରଶ୍ନର ଉତ୍ତର ଖୋଜିବେ, ସେମାନେ କେବଳ ଭବିଷ୍ୟତର କର୍ମଜୀବନରେ ଟିକି ରହିବେ ନୁହେଁ, ବରଂ ସେହି ଭବିଷ୍ୟତକୁ ନିଜେ ଗଢ଼ିବେ।


+କଚେରୀ ସାହି ଦେବଗଡ଼
୭୬୮୧୦୮
ମୋ: ୯୪୩୭୨୧୮୯୧୭


# ମାତୃଭୂମିର ବନ୍ଦନା : ଜାତୀୟ ସଙ୍ଗୀତ ଓ ଗାନ ପ୍ରତି ଆମର କର୍ତ୍ତବ୍ୟ



**ସୌଭାଗ୍ୟ ରଂଜନ ମହାନ୍ତି**

ଭାରତୀୟ ସଂସ୍କୃତି ଏବଂ ପରମ୍ପରାରେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍' ଏବଂ ଜାତୀୟ ଗାନ 'ଜନ ଗଣ ମନ' ର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପବିତ୍ର ଅଟେ, ଯାହାକି ପ୍ରତ୍ୟେକ ଭାରତୀୟଙ୍କ ମନରେ ଦେଶପ୍ରେମର ଜ୍ୱଳନ୍ତ ଭାବନା ଜାଗ୍ରତ କରିଥାଏ, ତେବେ ଏହି ମହାନ ପ୍ରତୀକଗୁଡିକର ସମ୍ମାନ ଏବଂ ମର୍ଯ୍ୟାଦା ରକ୍ଷା କରିବା ପାଇଁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ସମୟ ସମୟରେ ବିଭିନ୍ନ ମାର୍ଗଦର୍ଶିକା ଜାରି କରିଆସିଛି, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାର୍ବଜନୀନ କାର୍ଯ୍ୟକ୍ରମରେ ଏହି ସଙ୍ଗୀତଗୁଡିକର ଗାନ ଏବଂ ପ୍ରଦର୍ଶନରେ ଏକ ସମାନତା ଏବଂ ଶୃଙ୍ଖଳା ବଜାୟ ରଖିବା, ଏହି ପରିପ୍ରେକ୍ଷୀରେ ଗୃହ ମନ୍ତ୍ରଣାଳୟ ଦ୍ୱାରା ନିକଟରେ ପ୍ରକାଶିତ ନୂତନ ମାର୍ଗଦର୍ଶିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ଯେଉଁଥିରେ ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ଦିଆଯାଇଛି ଯେ ଯଦି କୌଣସି ସର୍ବସାଧାରଣ କାର୍ଯ୍ୟକ୍ରମରେ ବନ୍ଦେ ମାତରମ୍ ଏବଂ ଜନ ଗଣ ମନ ଉଭୟକୁ ଗାନ କରାଯିବାର ଆବଶ୍ୟକତା ପଡେ, ତେବେ ପ୍ରଥମେ ବନ୍ଦ ମାତରମ୍ ଏବଂ ତା'ପରେ ଜନ ଗଣ ମନ ଗାନ କରାଯିବା ଉଚିତ, ଏହି ନିୟମଟି କେବଳ ଏକ ଆନୁଷ୍ଠାନିକ ନିର୍ଦ୍ଦେଶ ନୁହେଁ ବରଂ ଏହା ଆମର ଐତିହାସିକ ସଂଗ୍ରାମ ଏବଂ ଜାତୀୟ ଅସ୍ମିତାର ପ୍ରତିଫଳନ ମଧ୍ୟ ଅଟେ, ବନ୍ଦେ ମାତରମ୍ ଯାହା ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏବଂ ସ୍ୱାଧୀନତା ସଂଗ୍ରାମ ସମୟରେ କୋଟି କୋଟି ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା, ତାହା ମାତୃଭୂମି ପ୍ରତି ଆମର ଗଭୀର ଶ୍ରଦ୍ଧାଞ୍ଜଳିକୁ ପ୍ରକାଶ କରେ, ଅନ୍ୟପକ୍ଷରେ ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ରଚିତ ଜନ ଗଣ ମନ ଆମ ଦେଶର ସାର୍ବଭୌମତ୍ୱ ଏବଂ ଏକତାର ପ୍ରତୀକ ଭାବେ ସମ୍ବିଧାନ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହୋଇଛି, ଏହି କ୍ରମିକତାକୁ ଅନୁସରଣ କରିବା ଦ୍ୱାରା ଆମେ ଜାତୀୟ ସଙ୍ଗୀତକୁ ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିଥାଉ ଏବଂ ଏଥିସହ ସଂଘର୍ଷମୟ ଅତୀତକୁ ମଧ୍ୟ ସ୍ମରଣ କରିଥାଉ, ଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍କୁଲ ଏବଂ କଲେଜର ସମାରୋହ ତଥା ସରକାରୀ ଉତ୍ସବରେ ଏହି ନିୟମକୁ କଡାକଡି ଭାବେ ପାଳନ କରିବା ସମସ୍ତ ନାଗରିକଙ୍କର ପବିତ୍ର ଦାୟିତ୍ୱ, କାରଣ ଏହି ସଙ୍ଗୀତଗୁଡିକ କେବଳ କିଛି ଧାଡିର କବିତା ନୁହେଁ, ଏହା ହେଉଛି ଭାରତୀୟତାର ସାରତତ୍ୱ ଯାହା ଆମକୁ ଭେଦଭାବ ଭୁଲି ଗୋଟିଏ ସୂତ୍ରରେ ବାନ୍ଧି ରଖିଥାଏ, ମାର୍ଗଦର୍ଶିକାରେ ଏହା ମଧ୍ୟ ସୂଚିତ କରାଯାଇଛି ଯେ ପ୍ରଦର୍ଶନ ସମୟରେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଏବଂ କୌଣସି ପ୍ରକାର ଅପମାନଜନକ କାର୍ଯ୍ୟ ନକରିବା ପ୍ରତ୍ୟେକ ବ୍ୟକ୍ତିଙ୍କର କର୍ତ୍ତବ୍ୟ, ଯଦି କୌଣସି ସ୍ଥାନରେ ଏହି କ୍ରମକୁ ପାଳନ କରାଯିବାରେ ଅସୁବିଧା ହୁଏ, ତେବେ ଉପଯୁକ୍ତ ସମ୍ମାନର ସହ ଏହାର ପରିଚାଳନା କରିବାକୁ ହେବ, ସରକାର ଏହି ନିର୍ଦ୍ଦେଶାବଳୀ ମାଧ୍ୟମରେ ଦେଶବାସୀଙ୍କୁ ଏକତ୍ରିତ କରିବା ଏବଂ ଜାତୀୟ ପ୍ରତୀକ ପ୍ରତି ସମ୍ମାନ ବୃଦ୍ଧି କରିବାକୁ ଚାହାଁନ୍ତି, ସ୍ୱାଧୀନତା ଦିବସ ହେଉ କିମ୍ବା ଗଣତନ୍ତ୍ର ଦିବସ, ଏହି ଦିନଗୁଡିକରେ ବନ୍ଦେ ମାତରମ୍‌ର ଗାନ ଏକ ନୂତନ ଚେତନା ସୃଷ୍ଟି କରେ ଯାହା ଆମର ସଂସ୍କୃତି ଏବଂ ମୂଲ୍ୟବୋଧକୁ ସୁଦୃଢ କରେ, ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ସଂଗଠନଗୁଡିକୁ ଏହି ମାର୍ଗଦର୍ଶିକାକୁ ବ୍ୟାପକ ଭାବେ ପ୍ରଚାର କରିବାକୁ ଅନୁରୋଧ କରାଯାଇଛି ଯାହାଫଳରେ ନୂତନ ପିଢି ନିଜର ଦେଶାତ୍ମକବୋଧ ସଙ୍ଗୀତଗୁଡିକର ମହତ୍ୱ ଏବଂ ସେଗୁଡିକର ଗାନ ପଦ୍ଧତି ବିଷୟରେ ଅବଗତ ହୋଇପାରିବେ, ଭାରତ ମହାନ ଏବଂ ଏହାର ଗୌରବଗାଥାକୁ ଗାନ କରିବା ସମୟରେ ଆମର ହୃଦୟରେ ସେହି ପବିତ୍ରତା ରହିବା ଉଚିତ ଯାହା ଆମ ପୂର୍ବପୁରୁଷ ମାନଙ୍କର ଥିଲା, ଏହି ମାର୍ଗଦର୍ଶିକାର ଗୁରୁତ୍ୱ ଏଥିପାଇଁ ମଧ୍ୟ ଅଧିକ ଯେ ବର୍ତ୍ତମାନର ବଦଳୁଥିବା ସମୟରେ ଆମେ ପ୍ରାୟତଃ ନିଜର ମୂଳ ସଂସ୍କୃତିକୁ ଭୁଲିଯାଉଛୁ, ତେଣୁ ସରକାରଙ୍କ ଏହି ପଦକ୍ଷେପ ଆମକୁ ନିଜର ମୂଳ ସହ ସଂଯୁକ୍ତ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା, ସମସ୍ତ ନାଗରିକଙ୍କ ସହଯୋଗ ଏବଂ ସଚେତନତା ହିଁ ଏହି ନିୟମକୁ ସଫଳ କରିବାର ପ୍ରକୃତ ଚାବିକାଠୀ, କୌଣସି ଜାତୀୟ କାର୍ଯ୍ୟକମରେ ଯେତେବେଳେ ବନ୍ଦେ ମାତରମ୍ ଗାନ କରାଯାଏ, ସେତେବେଳେ ପରିବେଶରେ ଏକ ଅଦ୍ଭୁତ ଶକ୍ତିର ସଂଚାର ହୁଏ ଯାହା ଆମକୁ ଅତୀତର ସେହି ଦିନଗୁଡିକ ଆଡକୁ ନେଇଯାଏ ଯେତେବେଳେ ଆମର ସ୍ୱାଧୀନତା ସଂଗ୍ରାମୀମାନେ ନିଜ ଜୀବନ ବାଜି ଲଗାଇ ଦେଶକୁ ମୁକ୍ତ କରିଥିଲେ, ତେଣୁ ଏହି ସଙ୍ଗୀତର କ୍ରମକୁ ପାଳନ କରିବା ସେହି ମହାପୁରୁଷମାନଙ୍କ ପ୍ରତି ଏକ କୃତଜ୍ଞତା ଜ୍ଞାପନ ମଧ୍ୟ ଅଟେ, ଆସନ୍ତୁ ଆମେ ସମସ୍ତେ ମିଳିତ ଭାବେ ଏହି ନିୟମକୁ ପାଳନ କରିବା ଏବଂ ନିଜ ଦେଶର ସମ୍ମାନ ଏବଂ ଗୌରବକୁ ସର୍ବଦା ଅକ୍ଷୁର୍ଣ୍ଣ ରଖିବା, କାରଣ ଏକ ଜାତି ଭାବରେ ଆମର ଶକ୍ତି ଆମର ଏକତାରେ ନିହିତ ଏବଂ ଏହି ଏକତା ଆମର ଜାତୀୟ ସଙ୍ଗୀତ ଓ ଗାନ ମାଧ୍ୟମରେ ପ୍ରକାଶ ପାଇଥାଏ, ଏହି ମାର୍ଗଦର୍ଶିକା କେବଳ ସରକାରୀ କାର୍ଯ୍ୟାଳୟ ପାଇଁ ନୁହେଁ ବରଂ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ନୈତିକ ଦିଗଦର୍ଶନ ଅଟେ ଯାହା ଆମକୁ ଶୃଙ୍ଖଳିତ କରିଥାଏ, ଶେଷରେ ଏହା କହିବା ଯଥାର୍ଥ ହେବ ଯେ ଜାତୀୟ ପ୍ରତୀକଗୁଡିକ ପ୍ରତି ଆମର ଆନ୍ତରିକ ସମ୍ମାନ ହିଁ ଆମର ପ୍ରକୃତ ଦେଶପ୍ରେମର ପରିଚୟ, ତେଣୁ ଗୃହ ମନ୍ତ୍ରଣାଳୟ ଏହି ଗାଇଡଲାଇନକୁ ସମ୍ମାନର ସହ ଗ୍ରହଣ କରିବା ଏବଂ ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ ଅଟେ, ଯାହା ଦ୍ୱାରା ଆମେ ଏକ ସୁସଂଗଠିତ ଏବଂ ମର୍ଯ୍ୟାଦାବନ୍ତ ଜାତି ଭାବେ ସମଗ୍ର ବିଶ୍ୱରେ ପରିଚିତ ହୋଇପାରିବା, ବନ୍ଦେ ମାତରମ୍ ଏବଂ ଜନ ଗଣ ମନ ଆମର ଅମୂଲ୍ୟ ସମ୍ପଦ ଯାହାକୁ ଆମେ ଆସନ୍ତା ପିଢି ପଇଁ ସୁରକ୍ଷିତ ଏବଂ ସମ୍ମାନଜନକ ଭାବେ ହସ୍ତାନ୍ତର କରିବା ଆବଶ୍ୟକ, ସରକାରଙ୍କ ଏହି ପଦକ୍ଷେପ ଦେଶର ପ୍ରତ୍ୟେକ କୋଣରେ ଥିବା ନାଗରିକଙ୍କ ମଧ୍ୟରେ ଏକତା ଏବଂ ସମ୍ମାନର ଭାବନାକୁ ଆହୁରି ଦୃଢ କରିବ ବୋଲି ଆଶା କରାଯାଏ, ସର୍ବଶେଷରେ ଆମର ଜାତୀୟ ଚେତନା ଆମର ସାଂସ୍କୃତିକ ଐତିହ୍ୟ ଉପରେ ନିର୍ଭରଶୀଳ ଏବଂ ଏହି ମାର୍ଗଦର୍ଶିକା ସେହି ଐତିହ୍ୟକୁ ସମ୍ମାନ ଦେବାର ଏକ ସର୍ବୋତମ ମାଧ୍ୟମ ଅଟେ, ତେଣୁ ଆସନ୍ତୁ ସଂକଳ୍ପ ନେବା ଯେ ଆମେ କେବଳ ନିୟମ ପାଳନ କରିବା ନାହିଁ, ବରଂ ନିଜ ଦେଶର ମାଟି ଏବଂ ଏହାର ଗୌରବକୁ ମଧ୍ୟ ହୃଦୟରୁ ଭଲ ପାଇବା ଏବଂ ସମ୍ମାନ ଦେବା ଯେପରିକି ଆମର ପ୍ରତ୍ୟେକ କାର୍ଯ୍ୟ ଦେଶର ବିକାଶ ଏବଂ ସମ୍ମାନ ପାଇଁ ସମର୍ପିତ ରହିବ।


+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯


# ଥିଲା ବାଲା, ନଥିଲା ବାଲା



**ସୁବ୍ରତ କର**

ଆମ ଦେଶ ହେଉ ବା ରାଜ୍ୟ ଥିଲାବାଲା ବୁଝାଏ ଯାହା ପାଖରେ ପ୍ରଚୁର ପରିମାଣରେ ଟଙ୍କା ରହିଛି । କୌଣସି ବା କେଉଁଥିରେ ଅଭାବ ହୁଏ ନାହିଁ । ଥିଲାବାଲା ପାଖରେ ହେଲିକେପ୍ଟରଠୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଗାଡ଼ିର ଅଭାବ ନଥାଏ । ଅଭାବ ନଥାଏ ସୁନା, ହୀରାର ଏବଂ ବାଡ଼ି ବଙ୍ଗଳା । ଏତେ ପରିମାଣରେ ଟଙ୍କା ସେମାନଙ୍କ ପାଖରେ ଥାଏ ଯେ ସେ ଟଙ୍କାକୁ କେଉଁ ବାଟରେ ଖର୍ଚ୍ଚ କରିବେ ବୁଦ୍ଧି ମିଳେନି । ଏମିତି ବି ଦେଖାଯାଇଛି ଥିଲାବାଲା ଟଙ୍କାକୁ ଖର୍ଚ୍ଚ କରି ବହୁତ ମନୁଷ୍ୟକୃତ ବଡ଼ ଜଙ୍ଗଲ ତିଆରି କରି ସେଥିରେ ସିଂହ, ବାଘଠୁ ଆରମ୍ଭ କରୁ ସବୁ ପ୍ରକାର ଜନ୍ତୁ ଜାନୁଅର ରଖି ପୋଷିଛନ୍ତି ଏବଂ ମାସ ମାସ ଧରି ପାଳୁଛନ୍ତି । ଏମିତି ବି ଦେଖାଯାଇଛି ଥିଲାବାଲାଙ୍କର ପୁଅ, ଝିଅମାନେ ବିଦେଶରେ ପାଠ ପଢ଼ିବା ଠାରୁ ଆରମ୍ଭ କରି ପ୍ରତି ମାସରେ ଥରେ ଘରକୁ ନିଜ ଉଡ଼ାଜାହାଜରେ ଯିବା ଆସିବା ମଧ୍ୟ କରିବାକୁ କୁଣ୍ଠାବୋଧ କରି ନଥାନ୍ତି । ସେମାନେ ଜାଣନ୍ତି ବାପାମା'ଙ୍କର ପ୍ରଚୁର ପରିମାଣର ସମ୍ପତ୍ତି ଅଛି ଏବଂ ଏହି ସମ୍ପତ୍ତି ପରବର୍ତ୍ତୀ ତିନି ପିଢ଼ିର ପିଲାମାନେ ଆରାମରେ ଚଳି ପାରିବେ । ମା'ବାପାମାନେ ସଦାବେଳେ ଯତ୍ନବାଦ ସେମାନଙ୍କ ପିଲାମାନେ ଟିକିଏ ହେଲେ କେଉଁ ପରିସ୍ଥିତିରେ କଷ୍ଟ ବା ଦୁଃଖରେ ଉଠାନ୍ତୁ ନାହିଁ । ସେମାନଙ୍କୁ ସମୟ ନଥାଏ ନଥିଲା ବାଲା ଲୋକଙ୍କ କଥା ଚିନ୍ତା କରିବା ପାଇଁ । ଏବେ ଏବେ ଜଣେ ଥିଲାବାଲା ଭଦ୍ରଲୋକ ପରିଣତ ବୟସରେ ବାହା ହେଲେ । ସବୁଠୁ ବଡ଼ କଥା ହେଲା ସେ ବାହା ତ ହେଲେ କିନ୍ତୁ ଏ ବାହାଘର ତୃତୀୟଥର ଏବଂ ଏ ସ୍ତ୍ରୀ ତିନି ନମ୍ବର । ପ୍ରେମ କରି ବାହା ହୋଇଛନ୍ତି ଏବଂ ସମସ୍ତେ ଜାଣନ୍ତି ପ୍ରେମ କିଛି ମାନେ ନା । ବାହା ହେବା ବଡ଼ କଥା ନୁହଁ କାରଣ ଆମ ଦେଶରେ ଦେଖେଇକି ହଉ ବା ଲୁଚେଇ ଯେତେ ବାହା ହେଲେ ବି ଆଇନ ସେ ବ୍ୟକ୍ତିଙ୍କର କିଛି କରି ପାରିବ ନାହିଁ, ଯଦି ଭାଗ୍ୟ ଖରାପ ପଡ଼େ। ବାହା ହୋଇଥିବା ଥିଲାବାଲା ଭଦ୍ରଲୋକ ଅତି ପ୍ରେମର ସହିତ ତାଙ୍କର ସ୍ତ୍ରୀକୁ ଗୋଟାଏ ମୁଦି ଉପହାର ଦେଇଛନ୍ତି । ସେ ମୁଦିର ଦାମ ପ୍ରକାଶ କରା ହୋଇନାହିଁ କିନ୍ତୁ ବିବରଣୀରୁ ଜାଣି ପାରିବେ ଯେ ଏ ମୁଦିଟି କେତେ କୋଟି ଟଙ୍କାର ହୋଇଥିବ। ଏହି ମୁଦିଟିକୁ ତିଆରି କରିବା ପାଇଁ ୧୩୧ ଜଣ କାରିଗର ପ୍ରାୟ ୧୨ଦିନ ପରିଶ୍ରମ କରି ତିଆରି କରିଥିଲେ। ଏଥିରେ ୪୦ଟି ଅସଲି ହୀରା ସହିତ ଏକ ପ୍ରାକୃତିକ ରୁବି (ପଦ୍ମନାଗ ମଣି) ଖଞ୍ଜା ହୋଇଛି। ଏହି ରୁବିକୁ ଯୋଗାଡ଼ କରିବା ପାଇଁ ୩ ମାସରୁ ଅଧିକ ସମୟ ଲାଗିଥିଲା । ଏହି ମୁଦିର ଚାରି ପାଖରେ ସୁନାର ଏକ ମୁକୁଟ ଭଳି ଡିଜାଇନ ରହିଛି । ଦେଖିବାକୁ ଏକ ରାଜକୀୟ ମୁକୁଟ ଭଳି। ନଥିଲା ବାଲାର ଏକ ଉଦାହରଣ ମୁଁ ଆପଣଙ୍କ ପାଖରେ ରଖୁଛି । ଅତି ଗରିବ ଶ୍ରେଣୀର ପିଲା ତା'ର ମା'ଙ୍କୁ ଗୋଟାଏ ଅଣ୍ଡା ଅମେଲେଟ ଖାଇବାକୁ ଚାହିଁଲା, ସ୍ତ୍ରୀ ତା'ର ସିଧା ସଳଖ କହିଲା ଘରେ ତେଲ ନାହିଁ ଅଣ୍ଡାକୁ କଞ୍ଚା ଗିଳି ପକା। ନଥିଲା ବାଲାଙ୍କ ଚିନ୍ତା ସକାଳେ କଣ ଖାଇବେ ଏବଂ ପିଲା ସ୍କୁଲ ଗଲେ ଟିଫିନ କଣ ଖାଇବ ? ସ୍କୁଲରୁ ଆସି କଣ ଖାଇବ ଏବଂ ରାତିରେ କଣ ଖାଇବ ? ସରକାରୀ ଚାଉଳ ଏମିତି କେତେଦିନ ତା'ର ମା' ପିଲାଙ୍କୁ ଖାଇବାକୁ ଦେଇ ଚଳିବ ?

## ତମେ ମୋର ସେଇ ପ୍ରିୟତମା

**ମହୀଜା ଦଳବେହେରା**

ତମେ କି ଗୋ ମୋର ସେଇ ପ୍ରିୟତମା ପହିଲି ପ୍ରଭାତେ ଆସ
ମିଠା ମିଠା ହସେ କଅଁଳ ପରଶେ କେତେ ଭାବେ ମନ ରସ ।

ପକ୍ଷୀ କାକଳିର ମଧୁର ରାଗିଣୀ ରୁଣୁଝୁଣୁ ବାଜୁଥାଏ
ଗାଇ ନିର୍ଝରିଣୀ ତୁମରି ସଙ୍ଗୀତ ନାଚି, ନାଚି ବହି ଯାଏ ।
ତମେ ଯାଅ ରଷି ଘୋର ରୌଦ୍ରତାପେ ମୁହଁରେ ନଥାଏ ହସ ।

ଗୋଲାପି ପଣତେ ସଜାଇ ନିଜକୁ ଗୋଧୂଳିରେ ଆସ ଚାଲି
ଅଳପ ହସିକି ଯାଅ ଲୁଚି ତମେ ଚାହିଁ ରହି ଥାଏ ଖାଲି
ରଜନୀ ଗନ୍ଧାର ମହକ ଛୁଟାଇ ତମେ ପୁଣି ପରା ଆସ ।



କବିତା କୋଣାର୍କ

ପୁନେଇ ରାତିରେ ଆକାଶ ଛାତିରେ ତୁମକୁ ମୁଁ ଦେଖିଥାଏ
ମନେ ଭରା ପ୍ରୀତି କେତେ ମଧୁଗୀତି ତୁନି ତୁନି ଗାଉଥାଏ ।
ଜହ୍ନ ଆଲିଙ୍ଗନେ ଛୁପାଇ ନିଜକୁ ମତେ କର ଉପହାସ ।


+ କଟକ, (ମୋ) ୯୪୩୭୦୬୨୦୦୩




ନିର୍ବିକାର ପ୍ରଭାତ

# ବାଲିଛତୁ



ଲଗାଣ ବର୍ଷା ପରେ ଚଉଦିଗ ଫର୍ଚ୍ଚା ଦିଶିଲା । ଚାଷ ଅନୁକୂଳ ପାଣିପାଗର ସୂଚନା ଦେବାକୁ ନାଲି ଟହଟହ ସାଧବବୋହୂ ପଡିଆର ଠାଏ ଠାଏ ଦେଖାଗଲେ । ପିଲାମାନେ ଦଳଦଳ ହୋଇ ସେଗୁଡିକୁ ଦେଖିବାକୁ ପଡିଆ ଭିତରେ ପ୍ରବେଶ କଲେ । ପଡିଆର ସେ ମୁଣ୍ଡେ ଅନେକ ଲୋକଙ୍କ ଗହୀର ବିଲ, ଏପଟେ କିଛି ଘରଦ୍ୱାର । ପଡିଆଟି ଅଧିକ ସମୟ ଖେଳାଳୀମାନଙ୍କ ଦ୍ୱାରା ଅକ୍ତିଆର ହୋଇଥାଏ ।

ଏହି କିଛି ସପ୍ତାହ ତଳେ ପାଞ୍ଚହାତ ଲମ୍ବର ନାଗସାପଟେ ଖରାତାତିରୁ ରକ୍ଷା ପାଇବା ପାଇଁ ବିକଳ ହେଉଥିଲା । ଡହଡହ ତାତିରେ ମାଟି ଉତ୍ତପ୍ତ ଥିବାରୁ ଚାଷ ଜମିସବୁ ଫାଟି ଆଁ ମେଲାଇ ଥିଲେ। ଝାଞ୍ଜି ଖରା ଜୀବଜଗତକୁ ଡରାଉଥିଲା । ଜୀବନ ବଞ୍ଚାଇବାକୁ ସାପଟି ପଡିଆ ଆଡକୁ ମୁହାଁଇଲା। ବିଲପଟୁ ଲମ୍ବା ପଡିଆକୁ ଚାହିଁଲେ ଦୂରରେ ଜଳାଶୟର ଭ୍ରମ ସୃଷ୍ଟି ହୁଏ। ପ୍ରାୟ ଶହେ ମିଟର ଦୂରତାରେ ଥିବା ସାପଟି ଫଣା ଟେକି ଚାହିଁଲା। ମରୁଭୂମିରେ ଥିବା ମରିଚିକାର ଭ୍ରମ ଦେଖି ପାଣି ଆଶାରେ ପଡିଆ ଅତିକ୍ରମ କରିବାକୁ ସେ ଆରମ୍ଭ କଲା । ପଡିଆ ମଝିରେ ଖରା ଦାଉରେ ହଳଦି ଗଣ୍ଡି ରଙ୍ଗର ବିରାଟ ବୁଢା ନାଗସାପଟି ଛଟପଟ ହୋଇ ମରିଗଲା । ସାପକୁ ବି ଅଂଶୁଘାତ ହୁଏ! ଏକଥା ଜାଣି ମନ କଷ୍ଟ ହୋଇଥିଲା ।

ଓଦା ସରସର ବାଲି ପଡିଆରେ ସାଧବବୋହୂ ଧରିବାକୁ ପିଲାମାନେ ତତ୍ପର । ପିଲାବେଳେ ଦିଆସିଲି ପେଡିରେ ସିନ୍ଦୂର ପୂରାଇ ଆମେ ସାଧବବୋହୂଙ୍କୁ ରଖୁଥିଲୁ। ସିନ୍ଦୂର ସେମାନଙ୍କ ଖାଦ୍ୟ ବୋଲି ଆମ ମନରେ ଭୁଲ୍ ଧାରଣା ଥିଲା। ଅଯଥା ସେଗୁଡ଼ିକୁ ବନ୍ଦ ଡବାରେ ରଖି ମାରି ଦେଉଥିବାରୁ ବୋଉ ମାଡ ମାରେ । ବୋଉ ଭାଷାରେ, 'ଜୀବ ହତ୍ୟା ମହାପାପ, ରାତିରେ ଦେଖିବ ନାଗସାପ।' ପ୍ରକୃତରେ ଆମେ କେହି ରାତିରେ ନାଗସାପ ନଦେଖିଥିଲେ ବି ଲାଲ ଭେଲଭେଟ ରଙ୍ଗର ବର୍ଷା ଦିନିଆ ସାଧବବୋହୂ ପ୍ରତି ଆମର ଆଉ କୌଣସି ହିଂସାତ୍ମକ କାର୍ଯ୍ୟ ନଥିଲା । ତେବେ ପିଲାମାନେ କାହିଁକି ପଡିଆରେ ସାଧବବୋହୂ ସଂଗ୍ରହ କରିବାକୁ ଚାହୁଁଛନ୍ତି ? ସମୟ ଅନୁସାରେ ପିଲାମାନେ ସଚେତନ ହୋଇଥିବା ସତ୍ତ୍ୱେ ପ୍ରକୃତିର ସୃଷ୍ଟିକୁ ନଷ୍ଟ କରିବାଟା ମନୋରଞ୍ଜନର ମାଧ୍ୟମ ହେବାଟା ଠିକ୍ ନୁହେଁ । 'ଜୀବେ ଦୟା'ର ମହତ୍ୱ ତାଙ୍କୁ ବୁଝାଇଲେ ତାହା ନିରର୍ଥକ ମନେ ହେବ, କାରଣ ସେମାନେ ପ୍ରତ୍ୟକ୍ଷ ଭାବେ ମୋର ଛାତ୍ରଛାତ୍ରୀ ନଥିଲେ ।

ବାଲିଡିହ ପଡିଆର ସେ ମୁଣ୍ଡେ ଗୋଟିଏ ଘରୋଇ ବିଦ୍ୟାଳୟ ଗଢି ଉଠିଛି। ଆଗ ଅପେକ୍ଷା ପରିବେଶ ସ୍ୱଚ୍ଛ ଓ ନିର୍ମଳ ହୋଇ ଯାଇଛି। ପଡିଆ ମଝିକୁ ଯାଇ ମୁଁ ଦେଖିଲି ପିଲାମାନେ ସାଧବବୋହୂ ଦେଖି ସେଗୁଡ଼ିକୁ ନିରାପଦରେ ଛାଡି ଛତୁ ସଂଗ୍ରହରେ ଲାଗିଛନ୍ତି। ମୁଁ ଟିକିଏ ଆଶ୍ୱସ୍ତ ହେଲି । ସବୁ ପିଲାଙ୍କ ହାତରେ ବାଲିଛତୁ।

ପିଲାବେଳେ ବୋଉ ବଡ ଆଗ୍ରହରେ ପଡିଆସାରା ବୁଲି ବାଲିଛତୁ ସଂଗ୍ରହ କରେ । ସ୍କୁଲ୍ ଯିବା ପୂର୍ବରୁ ବୋଉ ଚୁଲିରେ କଡେଇ ବସାଇ ସୋରିଷ ତେଲରେ ଛତୁ ଭାଜି ଆମକୁ ପଖାଳ ବାଢିଦିଏ । ପଖାଳ ଖାଇ ଆମେ ବିଦ୍ୟାଳୟ ହତାରେ ପ୍ରବେଶ କରୁ ।

ଛତୁଭଜା, ଛତୁରାଇ, ଛତୁପୋଡା ବର୍ଷା ଦିନିଆ ଭାତ ସହିତ ଚାଖଣା ଭାବେ ଗାଁ ଗହଳରେ ବେଶ୍ ଜଣାଶୁଣା । ସେତେବେଳର ଛତୁ ବର୍ତ୍ତମାନର ଛତୁ ଅପେକ୍ଷା ଯଥେଷ୍ଟ ସ୍ୱାଦିଷ୍ଟ ଲାଗୁଥିଲା । ମାଟିହାଣ୍ଡିର ବାସି ପଖାଳକୁ କଖାରୁ ପତ୍ରରେ ବାଲିଛତୁ ପୋଡା ଏତେ ଭଲ ଲାଗୁଥିଲା ଯାହା ମାଛ କି ଚିକିନକୁ ପାସଙ୍ଗରେ ପକାଇବ ନାହିଁ । ପାଳଛତୁ, ନାଡଛତୁ, ବଟନଛତୁ, କୁଡୁ କୁଡିଆ ଛତୁ, ହୁଙ୍କାଛତୁ, ଚାଷଛତୁଠାରୁ ବେଶ୍ ସୁଆଦିଆ ଲାଗୁଥିଲା ବାଲିଛତୁ । ବୋଉ ଚାଲିଗଲା ପରେ ବଡଭଉଣୀ ଥରେ ଅଧେ ଛତୁ ତୋଳି ଭାଜି ଖାଇବାକୁ ଦେଇଛି । ପରେ ଆଉ ବାଲିଡିହରେ ବାଲିଛତୁ କି ସାଧବବୋହୂଙ୍କୁ ମୁଁ ଦେଖି ନଥିଲି । ମଝିରେ ମଝିରେ ପଡିଆରେ ଥିବା ଠାଆକୁ ଠାଆ ଘାସ ଭିତରେ ଭଙ୍ଗା ବୋତଲର କ୍ଷୁଦ୍ର ଅଂଶ, ପିଆଜ ଚୋପା, ଶୁଖୁଆ କଣ୍ଟା ଦେଖି ପଡିଆକୁ କେବେ ମୁଁ ଯାଉନଥିଲି । ପଡିଆ ଧାର ବିଦ୍ୟୁତ ଖୁଣ୍ଟ ବତୀଟିକୁ ଟେକାମାରି କେହି ପାଖ ରାସ୍ତାକୁ ଅନ୍ଧକାର କରି ଦେଇଛି । ସେସବୁ କେବଳ ଦୂର ଦୂରାନ୍ତର ଯୁବକମାନଙ୍କ ଦ୍ୱାରା ଘଟିଛି ବୋଲି ପାଖ ଯୁବକମାନେ କହୁଥିଲେ । ଗୋଟିଏ ସନ୍ଧ୍ୟାରେ ମୁଁ ଯୁବକ ମାନଙ୍କୁ ଦେଖେଇ ଶିଖେଇ କଟୁକଥା କହିଲି । ନିର୍ଦ୍ଦିଷ୍ଟ କାହାକୁ ବ୍ୟକ୍ତିଗତ ଭାବେ ମାନସିକ ଆଘାତ କରି ନଥିବା ସତ୍ତ୍ୱେ ଆମ ଦୁଆର ସାମ୍ନାରେ କେହି କେହି ଆବର୍ଜନା ପକାଇଲେ । ଅସଭ୍ୟ, ସଂସ୍କାରହୀନ ପରିବାରର ପିଲା କେତେଟା ମୃତ ବାଛୁରୀର ପିଞ୍ଜରାଟେ ଆଣି ମଧ୍ୟ ଥୋଇଦେଲେ । ମନରେ ଆଘାତ ଲାଗିଲା । ଅଭିଯୋଗ କଲେ ପଡୋଶୀ କହିବେ, 'ବୁଲାକୁକୁରଙ୍କ ଏ କାମ, ନହେଲେ ବିଲୁଆଙ୍କ କାରସାଦି । ଲୋକ ଲଗାଇ ବାହାରେ ଫିଙ୍ଗି ଦିଅ ।'

ଥାନାର ଦ୍ୱାରସ୍ଥ ହେଲେ ଯେ କୌଣସି ନେତାଙ୍କ ବାହୁଛାୟାକୁ ଆଶ୍ରୟ କରି ସେମାନେ ଅଧିକ ଦୁଷ୍ଟାମୀ ନକରିବେ ବୋଲି କିଏ କହିବ ? ଏତେ ମାମେଲାରେ ପଶିବା ମୋ ପାଇଁ ଉଚିତ ନୁହେଁ । 'ଆଲୋ ସଖୀ ଆପଣା ମହତ ଆପେ ରଖି' ନ୍ୟାୟରେ ମୁଁ ଚୁପ୍ ରହିଗଲି ।

-'ସାର୍ ଛତୁ ନେବେ ?' ପ୍ରକୃତିସ୍ଥ ହେଲି ମୁଁ । ବାଲିଛତୁ ପ୍ରତି ମୋର ଆଗ୍ରହ ଥିଲା କିନ୍ତୁ ଲୋଭ ନଥିଲା । ମୋ ସ୍କୁଲ ପାଖ ଗାଁ ଭିତରେ କିଛି ଯୁବକ ଛତୁଚାଷ କରନ୍ତି । ପୁରାତନ ବିଦ୍ୟାର୍ଥୀ ହିସାବରରେ ଟଙ୍କା ଅପେକ୍ଷା ସେମାନେ ଅଧିକ ପାଳଛତୁ ଦିଅନ୍ତି । ବେଳବେଳେ ଗାଁର କିଛି ପିଲା ବଜାରର ଚଢା ଦରରେ ମୋତେ ଚାଷଛତୁ ବିକ୍ରି କରନ୍ତି । ଏହି କିଛିମାସ ହେବ ସ୍କୁଲ ପାଖରେ ଗାଁ ପିଲେ ଛତୁ ଉତ୍ପାଦନ ନକରି ଅନ୍ୟ କୃଷି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ।

ମହରଗ ଛତୁ ବଦଳରେ ଅନ୍ୟ ପନିପରିବାରେ ଚଳିଯିବା ଅସମ୍ଭବ ନୁହେଁ । ଦିନେ ଛତୁ ଦର ବୁଝି ନକିଣି ଆଗକୁ ଯିବାପରେ ସଂପୃକ୍ତ ଛତୁ ବେପାରୀଟା କହିଲା, 'ଖାଇବା ଲୋକ ସିନା ଭଲ ଖାଇବେ, ଭଲ କିଣିବେ ଆଉ କେତେକ ମୂଲେଇ ମୂଲେଇ ଖାଲି ବେଗ୍ ଧରି ଘରକୁ ଯିବେ ।' ପୂରା ବଜାରରେ ସେହି ଏକା ଛତୁ ବେପାରୀ । ଯେ କୌଣସି ଉପାୟରେ ଚାଷୀମାନଙ୍କଠାରୁ ଶସ୍ତାରେ କିଣେ । ରାସ୍ତା ଧାରରେ ବସିବା ପାଇଁ ଚାଷୀଙ୍କୁ ସୁଯୋଗ ଦିଏନାହିଁ । ଏକଚାଟିଆ ବ୍ୟବସାୟୀ ଭାବେ ଅଧିକ ମୂଲ୍ୟରେ ଛତୁ ବିକି ସେ ଉପରମୁହାଁ । ତା କଥାରେ ଅହଂକାର ଥିଲା । ଶାଳୀନତା ନଥିଲା । ମୋତେ ଖରାପ ଲାଗୁଥିବା ସତ୍ତ୍ୱେ ଦୋକାନୀର ତାଚ୍ଛଲ୍ୟ ମନ୍ତବ୍ୟଟି ଶୁଣି ନଶୁଣିବା ପରି ଆଗକୁ ଚାଲିଲି । ହାଟ ବଜାରର କିଛି କଥାକୁହା ଉଦ୍ଧତ ବେପାରୀଙ୍କଠାରୁ ମୁଁ ଦୂରେଇ ଗଲି । ସ୍ଥାୟୀ ଦୋକାନୀ ଅପେକ୍ଷା ପନିପରିବା ଗଦେଇ ବିକୁଥିବା ଚାଷୀମାନେ ମୋର ପସନ୍ଦ ହେଲେ ।

ପିଲାଙ୍କ ଭିତରେ ପଶି ପର ବାଡିରୁ ଆମ୍ବ ଗୋଟେଇବା ପରି ଛତୁ ସଂଗ୍ରହ କରିବାଟା ଉଚିତ ମନେ କରିନଥିଲି । ଏବେ ପିଲାଟି ଖୁସିରେ ଫୁଟାଛତୁ ଜରିରେ ସଂଗ୍ରହ କରି ମୋତେ ଯାଚୁଛି। ପ୍ରଶ୍ନିଳ ଦୃଷ୍ଟିରେ ଚାହିଁବାରୁ ସେ କହିଲା, 'ଆମ ଘରେ କେହି ଛତୁ ଖାଆନ୍ତିନି । କେବଳ ଲୋଭରେ ପଡି ସାଉଁଟିଥିଲି। ଆପଣ ଯଦି ନନେବେ ମୁଁ ଫୋପାଡି ଦେବି । ନହେଲେ ମୋ ବୋଉ ରାଗିବ.... ।' ପିଲାଟି ପୂର୍ବତନ ଛାତ୍ର ଭଳି ମନେ ହେଲା । ପଚାରିଲି, 'ତୁମ ଘର କୋଉଠି ?' ଉତ୍ତର ଦେଲା, 'କାଶିପୁର । ବାପା ଛତୁ ଦୋକାନ କରିଥିଲେ। ତାଙ୍କ ମୃତ୍ୟୁପରେ ଆମେ ଆଉ କେହି ଛତୁ ଖାଉନୁ ।' ତା ଆଖିରେ ଥିବା ପିତୃହରାର ଦୁଃଖ ଓ ଛତୁ ପ୍ରତି ଅଭିମାନକୁ ମୁଁ ବୁଝି ପାରୁଥିଲି । ମୋତେ ଦୁଃଖ ଲାଗିଲା ।

ବାଲିଛତୁ ମେଞ୍ଚାକ ଘରକୁ ନେବି କି ନାହିଁ ସ୍ଥିର କରି ପାରୁନଥିଲି କାରଣ ସେହି କୁହାଳିଆ ଛତୁବାଲାର ନାମ ଶଙ୍କରା କି କ'ଣ ବୁଝିବା ପୂର୍ବରୁ ପିଲାଟି ମୋ ପାଖରୁ ଦୂରେଇ ଯାଇଥିଲା।

ହାପିକଲୋନୀ, ଗୋପ, ପୁରୀ
ମୋ : ୭୯୭୮୬୩୫୨୭୬

ଶିବାଶିଷ ପାଢ଼ୀ

# ଭାଗ୍ୟର ଦୋଷ



ଗୋଟିଏ ମାତ୍ର ପୁଅ। ସରକାରୀ ଚାକିରୀ। ବାସ ଏବେ ସିନା ଛୋଟ କିନ୍ତୁ ଅଫିସର ପୋଷ୍ଟ । ଆଗକୁ ପଦୋନ୍ନତି ପାଇବ ତାସହ ପିଲାଟି ଖୁବ ଉଦଯୋଗୀ ବି ଅଛି। ହୁଏ ତ ଅନ୍ୟ ଚାକିରୀ ବି କରିବ।

ମଧ୍ୟସ୍ଥିଙ୍କ କଥାକୁ ଖୁବ ମନ ଦେଇ ଶୁଣୁଥିଲେ କନିଷ୍କବାବୁ। ସାନ ଝିଅ ଅନୁପ୍ରିୟା ପାଇଁ ହିଁ କଥା ଚାଲୁଥିଲା। ସବୁ ଠିକଠାକ ହିଁ ଲାଗୁଥିଲା ତାଙ୍କୁ। ହେଲେ ଗୋଟିଏ ମାତ୍ର ଅସୁବିଧା ଥିଲା। ତେଣୁ ହଁ କହିପାରୁ ନଥିଲେ ସେ।

ମଧ୍ୟସ୍ଥି ପୁରାତନ ସହକର୍ମୀ ସୁଧାକର ବାବୁ ଆଜି ହଠାତ ହାଟପାଳିରେ ହାଟରେ ଭେଟ ହୋଇଗଲେ। ସେଇଠି ହିଁ ଆଲୋଚନା ଚଳାଇଥିଲେ ସେ।

ସେ ଉତ୍ତର ଶୁଣିବା ପାଇଁ ଆତୁର ହେଉଥିଲେ। ହେଲେ ଚୁପ ରହୁଥିବା କନିଷ୍କବାବୁଙ୍କ ମନୋଭାବକୁ ଅନୁମାନ କରି ଯୋଡୁଥିଲେ -

ଗୋଟିଏ ମାତ୍ର ଝିଅକୁ ତ ବାହାକରି ସାରିଲେଣି ସେମାନେ। ଏବେ ଆଉ କିଏ ଅଛି କି ? ଝିଅ ତ ଗଲେ ରାଣୀଭଳିଆ ଚଳିବ ସାର।

ସୁଧାକର ବାବୁଙ୍କ କଥା ବି ଠିକ ଲାଗୁଥିଲା କନିଷ୍କବାବୁଙ୍କୁ ତଥାପି ଦୋଦୋ ପାଞ୍ଚ ହେଉଥିଲେ ସେ।

ପଚାରିଥିଲେ ସେ ନରହରିର ପୁଅଟି ?

ମନେ ପକାଅ ନରହରି ଆମ ସହ ଥିଲାବେଳେ କେମିତି ଥିଲା। ଆଉ ମଦ ଫଦ ପିଉଛି ନା ଛାଡିଲାଣି ସେ।

ସେଇଥିପାଇଁ ଟିକିଏ ଇଛା ହେଉନାହିଁ ସୁଧାକର ବାବୁ। ନହେଲେ ବାକୀ ତ ଠିକ ଅଛି। କନିଷ୍କବାବୁ ନିଜ ନିଷ୍ପତ୍ତି ଶୁଣାଇଥିଲେ। ହେଲେ ସୁଧାକର ବାବୁ ବି ନଚୋଡ଼ବନ୍ଧା ଥିଲେ - କହିଥିଲେ ସେ ଆଉ ଆଗପରି ନାହାନ୍ତି ସାର। ଏବେ ଆଉ କଣ ସେକଥା ଅଛି। ଆଉ ଆମ ଅନୁକୁ କେଉଁଠି ଦେଖିସାରିଛି ପୁଅ। ବହୁତ ପସନ୍ଦ କରିଛି ସେ । ଯାନୀଯୌତୁକ ବି ଜମା ଲାଗିବ ନାହିଁ ସାର.।

ଦେଖନ୍ତୁ ସେମାନଙ୍କ ଷ୍ଟାଣ୍ଡାର୍ଡ ଆମ ଷ୍ଟାଣ୍ଡାର୍ଡଠାରୁ ତଳେ। ଘରଦ୍ୱାର ବି ସେମିତି ନାହିଁ। ପିଲାକୁ ଦେଖି ଝିଅ ଦେବା କଥା। ହେଉ ଠିକ ଅଛି। ସେମାନେ ଦେଖିବାକୁ ଆସନ୍ତୁ ତ। ଦେଖିବା କହି କଥା ତୁଟାଇଥିଲେ କନିଷ୍କବାବୁ।

ଠିକ ସପ୍ତାହଟିଏ ପରେ ଅନୁପ୍ରିୟାକୁ ଦେଖିବାକୁ ଆସିଥିଲେ ସୁଧାକରବାବୁ ଓ ଆଶୁତୋଷ। ପତଳା ଶରୀର କିନ୍ତୁ ଆକର୍ଷଣୀୟ ବ୍ୟକ୍ତିତ୍ୱର ଅଧିକାରୀ ଥିଲା ଆଶୁତୋଷ।

ଚୁପଚାପ ବସିଥିଲା ସେ।

ଅନୁପ୍ରିୟା ଆସି ନଥିଲା ଏଣୁ ଏପଟସେପଟ କଥା ପଡିଥିଲା।

କନିଷ୍କବାବୁ ଆରମ୍ଭ କରିଥିଲେ ନରହରି ବାବୁଙ୍କ ସହ ଏକାସାଥିରେ କାମ କରିବାର ଅନୁଭୂତି।

ତୁମ ବାପା ବହୁତ ଭଲ ମଣିଷ। ଠିକ ରାଜା ପରି ତାଙ୍କ ହୃଦୟ। କିନ୍ତୁ ସବୁ ଭଲ ଗୁଣକୁ ଢାଙ୍କିଦିଏ ତାଙ୍କ ସେ ମନ୍ଦ ଅଭ୍ୟାସ।

ଏବେ କେମିତି କରୁଛନ୍ତି ସେ ?

ବହୁତ କମି ଯାଇଛି। ଏବେ ପ୍ରାୟ ଛାଡି ସାରିଲେଣି।

ଅପମାନ ଲାଗୁଥିଲେ ବି ନମ୍ର ଭାବେ ଉତ୍ତର ଦେଉଥିଲେ ଆଶୁତୋଷ।

ଭାବୁଥିଲେ ଏଥିରେ ମୋର ଦୋଷ କଣ ? ଆଉ ଏସବୁ କହିବାର ଆବଶ୍ୟକତା କଣ ?

ହେଲେ ବାପାଙ୍କ ବିଷୟରେ ଆହୁରି ଆହୁରି କହିଚାଲିଥିଲେ କନିଷ୍କବାବୁ।

କେମିତି ସେ ମାତାଲ ହେଉଥିଲେ ଆଉ ସେ ସମୟରେ କେମିତି ଅଭିନୟ କରୁଥିଲେ ସେ କଥା ବି ଆରମ୍ଭ କରୁଥିଲେ ସେ। ଯୋଗକୁ ସେତିକି ବେଳେ ଆସିଥିଲା ଅନୁପ୍ରିୟା ଆଉ ମୋଡ଼ ବଦଳିଥିଲା କଥାର !

ଅଳ୍ପ ସମୟର ଦେଖା ଚାହାଁ। ଫେରିବା ବେଳକୁ ନିଜ ସମ୍ମତି ଜଣାଇଥିଲେ କନିଷ୍କବାବୁ କିନ୍ତୁ ଗୋଟିଏ ସର୍ତ୍ତ ରଖିଥିଲେ ଯେ ଝିଅ ବାବୁ ସହ କ୍ୱାଟରକୁ ଚାଲିଯିବ।

ଆଜ୍ଞା ଆମେ କଥା ହେବୁ ଯେ କହୁଥିଲେ ସୁଧାକରବାବୁ।

ଏତେବେଳ ଯାଏଁ ଚୁପଚାପ ବସି ବାଧ୍ୟବାଧକତାର ହସ ହସୁଥିବା ଆଶୁତୋଷ କିନ୍ତୁ ସେତେବେଳକୁ ଉଠି ସାରିଥିଲେ। ବିନମ୍ରତାର ବିଦାୟ ଜଣାଇ ଆସି ଗାଡିରେ ବସୁବସୁ ହିଁ ଆଶୁତୋଷ ଶୁଣାଇ ଦେଇଥିଲେ ନିଜ ନିଷ୍ପତ୍ତି।

କହିଥିଲେ - କାକା, ତାଙ୍କୁ ମନା କରିଦେବ।

କାହିଁକି ଝିଅ ପରା ତୋର ବହୁତ ପସନ୍ଦ ? ଆଶ୍ଚର୍ଯ୍ୟ ହେଉଥିଲେ ସୁଧାକର ବାବୁ।

ହଁ ଏବେ ବି ପସନ୍ଦ କିନ୍ତୁ ଯେଉଁଠି କେବେ ମୋ ବାପାଙ୍କୁ ସମ୍ମାନ ମିଳିବ ନାହିଁ ସେଇଠି ମୁଁ କେମିତି ହଁ କହିବି କାକା। ତୁମେ ତ ଦେଖୁଛ ବାପା ଏବେ ବଦଳିଗଲେଣି। କିନ୍ତୁ ବାପା ଯେତେ ବଦଳିଲେ ବି ଏମାନେ କେବେ ବିଶ୍ୱାସ କରିବେ ନାହିଁ ମୁଁ ଜାଣିଗଲି।

ଏକା ନିଶ୍ୱାସରେ ଏତକ କହି ଚୁପ ହୋଇ ଯାଇଥିଲେ ଆଶୁତୋଷ ହେଲେ ଚୁପ ହୋଇ ପାରୁ ନଥିଲେ ସୁଧାକରବାବୁ। କହିଥିଲେ -ଏଥିରେ ଅନୁର କଣ ଦୋଷ ମୁଁ ଜାଣିଛି ସେ ବି ତୋତେ ପସନ୍ଦ କରୁଛି। ହେଲେ ମୋର ବି କଣ ଦୋଷ କାକା ଏସବୁ ଭାଗ୍ୟର ଦୋଷ ହେଲେ ସେ ଦୋଷ ସୁଧାରିବି ମୁଁ। ତୁମେ ମନା କରିଦିଅ ତ। କହି ଝରକା ବାହାରକୁ ଦେଖୁଥିଲେ ଆଶୁତୋଷ। ସୁଧାକରବାବୁ ଲକ୍ଷ କରୁଥିଲେ ଆଶୁତୋଷର ଆଖିରୁ ଖସୁଥିଲା ବୁନ୍ଦାବୁନ୍ଦା ଲୁହ।

+ ହେମଗିର ସୁନ୍ଦରଗଡ଼
ମୋ: ୯୭୭୮୧୭୪୯୭୮

# ଲାଙ୍ଗୁଡ଼ା ଭୂତ କଥା



ଅଧ୍ୟାପକ ରାଜେଶ୍ ରାୟ

ରାତିରେ ଅସମ୍ଭାଳ ଗରମ ହେବାରୁ ପପୁଲି ଶୋଇ ନପାରି ଜୋରରେ କାନ୍ଦିବାକୁ ଲାଗିଲା । ୯ ବର୍ଷର ପିଲା ସିଏ କିନ୍ତୁ କଥାରେ ଏକଦମ୍ ଚାଇଁଖର ! ଆକାଶରୁ ପବନ ଗୋଟାଇ ଆଣିଲା ପରି କୋଉଠୁ ଶବ୍ଦ ଆଣି ଗାଲୁ ଗାଲୁ ବହୁକଥା କହି ପକାଏ । ସେଦିନ ପପୁଲି ଜିଦ୍ଦି ଧରି କହିଲା ବୁଢ଼ା ଜେଜେଙ୍କ ପାଖରୁ ଭୂତ ଗପ ଶୁଣିବ କାରଣ ପୂର୍ବରୁ ଦୁଇଥର ସେ ଗପ ଶୁଣିଛି । ଜେଜେ ମାଆ କୁହନ୍ତି ବୁଢ଼ା ଜେଜେ କାଳେ ଅଧା ଗୁଣିଆ ! ଯବାନ ଥିବା ସମୟରେ କେତେ ଭୂତ ପ୍ରେତଙ୍କୁ ଆଣ୍ଠୁଏ ଲେଖାଏଁ ପାଣି ପିଆଇଛନ୍ତି। ସେଥିପାଇଁ ରାତିହେଲେ ବୁଢ଼ା ଜେଜେଙ୍କ ପାଖକୁ ଭୂତମାନେ ଆସି କଥାବାର୍ତ୍ତା ହୁଅନ୍ତି । ସବୁଦିନ ସନ୍ଧ୍ୟାରେ ଜେଜେ ଅଫିମ ଚାମଚେ ଖାଇଦେଇ ଚଉରା ପିଣ୍ଡାରେ ବସି ଢୁଳାନ୍ତି ଆଉ ମନକୁ ମନ ଗପନ୍ତି । ପପୁଲି ବାରମ୍ବାର ଜିଦ୍ଦି କରି କାନ୍ଦିବାରୁ ଜେଜେ ମାଆ ତାକୁ ନେଇ ବୁଢ଼ାଜେଜେଙ୍କ ପାଖକୁ ଗଲେ । ଜେଜେଙ୍କୁ ଦେଖି ପପୁଲି ଦୌଡ଼ିଯାଇ ତାଙ୍କ କୋଳରେ ଆଉଜି ହୋଇ ବସିପଡ଼ି କହିଲା 'ବୁଢ଼ା ଜେଜେ ଆଜି ମତେ ଗୋଟେ ବଡ଼ ଭୂତର ଗପ କୁହ' । ଜେଜେ ମୁରୁକି ହସି ଦେଇ ନାତୁଣୀକୁ କୋଳେଇ ନେଲେ ଆଉ କହିଲେ 'ଠିକ୍ ଅଛି ଆଜି ମୁଁ ତତେ ମୋ ଜୀବନର ସବୁଠୁ ବଡ଼ ଲାଙ୍ଗୁଡ଼ା ଭୂତ କଥା କହିବି'। ଲାଙ୍ଗୁଡ଼ା ଭୂତ ! ପପୁଲି ନାଁ ଶୁଣି କାଠହୋଇ ବସିଲା । ଜେଜେ ଗପ କହିବା ଆରମ୍ଭ କଲେ । ମୁଁ ଛୋଟ ଥିବା ସମୟରେ ଆମ ଘର ସାମ୍ନାପଟେ ଗୋଟିଏ ନଡ଼ିଆ ଗଛ ଥିଲା। ସେହି ଗଛରେ ଲାଙ୍ଗୁଡ଼ା ଭୂତ ରହୁଥିଲା, ଦେଖିବାକୁ ଠିକ୍ ବିଲୁଆ ପରି, ତାର ବଡ଼ ବଡ଼ ନଖ, ଦେହସାରା ଧଳା ଲମ୍ବା ଲମ୍ବା ବାଳ, ପାଟିରେ ଦୁଇଟି ମୁନିଆ ଦାନ୍ତ ଏବଂ ପଛରେ ଗୋଟିଏ ବଡ଼ ଲାଙ୍ଗୁଡ଼। ଆମ ସମୟରେ ରାସ୍ତାଘାଟ ନଥିଲା, ଲାଇନ୍ ନଥିଲା, ଏବଂ ଚାରିଆଡ଼େ ଜଙ୍ଗଲ ଥିଲା ତେଣୁ ରାତିହେଲେ କଳା କିଟିମିଟି ଅନ୍ଧାର ମାଡ଼ି ଆସୁଥିଲା । ସେଇ ଅନ୍ଧାରରେ ନଡ଼ିଆ ଗଛରୁ ତଳକୁ ଓହ୍ଲାଇ ଆସି ଲାଙ୍ଗୁଡ଼ା ଘୁରି ବୁଲୁଥିଲା । ଏକଥା ଶୁଣି ପପୁଲି ବରଡ଼ା ପରି ଥରି ଥରି ପଚାରିଲା ସେ ରାତିରେ କଣ ସବୁ କରୁଥିଲା ?' ଜେଜେ ଉତ୍ତର ଦେଲେ 'ଲାଙ୍ଗୁଡ଼ା ଭୂତ ରାତିରେ ବାହାରି ପ୍ରଥମେ ଆମ ଗାଁର ଦଣ୍ଡାକୁ ଯାଇ ଝାଡ଼ା ବସୁଥିଲା ଏବଂ ତା ପରେ ସବୁ ଲୋକଙ୍କ ଘର ସାମ୍ନାକୁ ଯାଇ ଘେରାଏ ବୁଲି ଆସୁଥିଲା । ତା ପାଇଁ ସମସ୍ତେ ହାଣ୍ଡିରେ କିଛି ଖାଇବା ରଖି ଘର ସାମ୍ନାରେ ଥୋଇ ଦେଉଥିଲେ । ଖାଇ ସାରିବା ପରେ ମୋ ପାଖକୁ ଆସି ପିଙ୍କା ଖଣ୍ଡେ ଟାଣି ଗପସପ କରୁଥିଲା । ଶେଷରେ ପାଖରେ ଥିବା ବାଉଁଶ ବୁଦାକୁ ଯାଇ ହୁଁ କିନା ଗର୍ଜନ କରି ପୁଣି ନଡ଼ିଆ ଗଛକୁ ଚଢ଼ି ଯାଉଥିଲା । ତା ପରଦିନ ପୁଣି ରାତିରେ ସେମିତି ଆସୁଥିଲା । ପପୁଲି ଏଥର ପଚାରିଲା ଆଛା ଜେଜେ , ସେ ଲାଙ୍ଗୁଡ଼ା ଭୂତ କଣ କାହାକୁ ଡ଼ରାଉ ନଥିଲା ? ଜେଜେ କହିଲେ ସମସ୍ତେ ପାଳି କରି ତାକୁ ଖାଇବାକୁ ଦେଉଥିଲେ, ଭାତ, ଡାଲି, ଆଳୁ ଚକଟା, ଶୁଖୁଆ, ମାଛ, ମାଉଁସ, ସବୁକିଛି ସେ ଗାଉଁ ଗାଉଁ କରି ଖାଉଥିଲା । ବେଳେବେଳେ ଅଧାପେଟ ରହିଲେ ଲୋକଙ୍କ ଗୁହାଳରେ ପଶି ଛେଳି, ମେଣ୍ଢା, ବତକ, କୁକୁଡ଼ା ମଧ୍ୟ ଟେକି ନେଉଥିଲା ଏବଂ ଯେଉଁଦିନ ତାକୁ ଖାଇବାକୁ ଦେଉ ନଦେଲେ ସେ ଯାହାକୁ ସାମ୍ନାରେ ପାଉଥିଲା ଲାଙ୍ଗୁଡ଼ରେ ଗୁଡ଼ାଇ ପିଟି ପିଟି ମାରି ଦେଉଥିଲା । ମୁଁ ଅଧା ଗୁଣିଆ ଥିବାରୁ ସେ କେବଳ ମତେ ହିଁ ଡରୁଥିଲା । ଜେଜେଙ୍କର କଥାଶୁଣି ପପୁଲି ତାଜୁବ୍ ହୋଇଯାଇଥାଏ । ସେ ପୁଣି ପଚାରିଲା ଜେଜେ ଏବେ କଣ ସେହି ଲଙ୍ଗୁଡ଼ା ଭୂତ ଏବେ କଣ ଅଛି ଜେଜେ ଧିର ସ୍ୱରରେ କହିଲେ ମହାବାତ୍ୟା ପରେ ସେ ନଡ଼ିଆ ଗଛଟି ଭାଙ୍ଗିଗଲା, ଲାଇନ୍ ପଳେଇ ଆସିବାରୁ ଚାରିଆଡ଼େ ଆଲୋକିତ ହୋଇଗଲା ତେଣୁ ସେବେଠୁ ଲାଙ୍ଗୁଡ଼ା ଡରିକି କୁଆଡ଼େ ପଳେଇଛି। ଜେଜେ ନାତୁଣୀଙ୍କ ଗପସପ ଚାଲିଥିବା ବେଳେ ହଠାତ୍ ଜେଜେମାଆ ଡାକ ଛାଡ଼ିଲେ ଦୌଡ଼ି ଆସ, ରୋଷେଇ ଘରେ କାଳିଆ ହେଇକି କିଏ ଜଣେ ବସିଛି । ଏକଥା ଶୁଣି ସମସ୍ତେ ଭୟଭୀତ ହୋଇ ଦୌଡ଼ି ଆସିଲେ, ପପୁଲି ଛାନିଆରେ ତା ମାଆଙ୍କୁ ମାଡ଼ି ବସି ଧରିଥାଏ । ଛାତିରେ ଛେପ ପକାଇ ଜେଜେ ଯାଇ ଦେଖିଲେ କାଳି ବିଲେଇଟିଏ ମିଆଁଉ ମିଆଁଉ କରି କାନ୍ଥ ଉପରେ ବସିଛି। ଏତିକିବେଳେ ଜେଜେମାଆ ପପୁଲିକୁ ଅନାଇ କହିଲେ ଦେଖିଲୁ ମାଆ, ତୋ ବୁଢ଼ାଜେଜେ କୁଆଡ଼େ ଅଧା ଗୁଣିଆ, କିନ୍ତୁ ବିଲେଇକୁ ଦେଖି ଡରିଗଲେ । ଆଉ ଇଏ ଯୋଉ ଲାଙ୍ଗୁଡ଼ା ଭୂତ ସହ ସାଙ୍ଗ ହେବା କଥା କହୁଛନ୍ତି ସବୁ ମିଛ । ଏକଥା ଶୁଣିବା ପରେ ପାଖରେ ଥିବା ସମସ୍ତେ ଜୋରରେ ହସିବାକୁ ଲାଗିଲେ।



+ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର, କୋରାପୁଟ
ମୋ: ୬୩୭୧୫୫୫୯୪୦



# ୨୫୧ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ

ଜୟପୁର, ୧୨/୦୭ (ନି.ପ୍ର): ଶାନ୍ତି କୁଞ୍ଜ ପ୍ରତିନିଧି ମଙ୍ଗଳ ସିଂ ଗଡୱାଲ ଓ ସଭାପତି ପ୍ରକାଶ କୁମାର ନାୟକଙ୍କ ତତ୍ୱାବଧାନରେ ଆଗ୍ରସେନ୍ ଭବନ ଓ ଗାୟତ୍ରୀ ଶକ୍ତି ପୀଠ ଠାରେ ଦୁଇ ଦିନ ବ୍ୟାପି ହୋଇଥିବା ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନୀପତି, ଓଡ଼ିଶା ଜୋନ ସମନ୍ୱୟକ ସୌମିତ୍ର ଥନପତି, ଅବିଭକ୍ତ କୋରାପୁଟ ଜିଲ୍ଲା ସମନ୍ୱୟକ ବାଲ୍ମୀକି ପ୍ରଧାନ, ରାୟଗଡ଼ା ଜିଲ୍ଲା ସମନ୍ୱୟକ ଏନ ପି ସିଂ ଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଜିଲ୍ଲା ସଂଯୋଜୀକା ସୁଶ୍ରୀ ରତ୍ନମ୍ବରା ପାତ୍ର ଓ ସୋହଯୋଗୀଙ୍କ ଦ୍ୱାରା ଏକ ପ୍ରଜ୍ଞା ସଙ୍ଗୀତ ମାଧ୍ୟମରେ ଶୁଭାରମ୍ଭ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ଗାୟତ୍ରୀ ମହାମନ୍ତ୍ର ଦ୍ୱାରା ପରିବାର ମଧ୍ୟରେ ସଦବୁଦ୍ଧି ପ୍ରାପ୍ତ ହୁଏ ଓ ପରିବାର ମଧ୍ୟରେ ସଂସ୍କାର ଭାବ ଦେଖାଯାଏ, ସୁଖ ଶାନ୍ତି ମିଳିଥାଏ ବୋଲି କହିଥିଲେ । ଶାନ୍ତି କୁଞ୍ଜ ପ୍ରତିନିଧି ମୁଖ୍ୟ ବକ୍ତା ମଙ୍ଗଳ ସିଂ ଯଜ୍ଞ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିବା ନିମନ୍ତେ ମାର୍ଗଦର୍ଶନ ଦେଇଥିଲେ।

ପ୍ରଚାର ପ୍ରସାର ପ୍ରମୁଖ ନିରଞ୍ଜନ ପାଣିଗ୍ରାହି ୨୫୧ କୁଣ୍ଡିୟ ମହା ଯଜ୍ଞ କରିବା ନିମନ୍ତେ ଜାଗା ପ୍ରଦାନ କରିଥିବା ଶ୍ୟାମଳ ପଟ୍ଟନାୟକଙ୍କ ସ୍ୱର୍ଗବାସ ହୋଇଥିବା ଦୁଃଖଦ ବିଷୟ ସୂଚନା ଦେଇ ଶୋକାକୁଳ ପରିବେଶରେ ଅମର ଆତ୍ମାର ସଦଗତି ନିମିତ ସମସ୍ତ ଆଧାତ୍ମିକ ଓ ସାମାଜିକ ଅନୁଷ୍ଠାନର ବୁଦ୍ଧିଜୀବୀ ସାମୁହିକ ଭାବେ ଶୋକ ପ୍ରାର୍ଥନା କରିଥିଲେ । ଯଜ୍ଞର ରୂପରେଖ ଓ ପ୍ରଗତି ବିବରଣୀ ପାଠ କରି ୨୦୦ରୁ ଉର୍ଦ୍ଧ ଗ୍ରାମ ସଂପର୍କ, ୧୫୦ରୁ ଉର୍ଦ୍ଧ ଗ୍ରାମରେ ଦୀପଯଜ୍ଞ ଓ ୫ଟି ପାଂଚ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ, ଆସନ୍ତା ଅଗଷ୍ଟ ମାସର ପ୍ରଥମ ସପ୍ତାହରେ ୨୫୧ ଗ୍ରାମରୁ ୧୨୦ ଜଣ ହରିଦ୍ୱାର ଯାଇ ଅଗଷ୍ଟ ୨୩/୦୮/୨୬ ରିଖ ଦିନ ଶକ୍ତି କଳସ ଧରି ଜୟପୁର ପହଂଚିବେ ତେଣୁ ସମସ୍ତ ଆଧାତ୍ମିକ ଓ ସାମାଜିକ ସଂସ୍ଥା ନିଜ ପରିଚୟ ବ୍ୟାନର ସହ ଉପସ୍ଥିତ ହୋଇ ମହା ଆଡମ୍ବର ସହ ସ୍ୱାଗତ କରିବା । ଏହା ପରେ ଭୂମି ପୂଜନ କରାଯାଇ ଯଜ୍ଞର ଶୁଭାରମ୍ଭ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ପ୍ରେମାନନ୍ଦ ନାୟକ, ନିରଞ୍ଜନ ମିଶ୍ର, ଜାନକୀ ପାଣିଗ୍ରାହୀ, ଅଶୋକ ମୁଦ୍ରା, କାଲୁ ରାମ ପଣ୍ଡା । ବାଲା ରାୟ, ଆଲୋକ ପାଣିଗ୍ରାହି, ସଞ୍ଜୁ ଜୈନ, ଲଳିତ ଅଗ୍ରୱାଲ, ଭଜନ ସିଂ, ସୁରେଶ ଜୈନ ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅବିଭକ୍ତ କୋରାପୁଟ ଜିଲ୍ଲାର ୨୪ ଜଣିଆ କାର୍ଯ୍ୟକାରିଣି କମିଟି ଗାୟତ୍ରୀ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ସଭାପତି ପ୍ରକାଶ ନାୟକ ଓ ଶାନ୍ତି କୁଞ୍ଜ ପ୍ରତିନିଧିଙ୍କ ଦ୍ୱାରା ମହାଯଜ୍ଞ କୁ ସୂଚାରୁ ରୂପେ ପରିଚାଳନା କରିବା ନିମନ୍ତେ ଅର୍ଥ ବ୍ୟବସ୍ଥାକୁ ତଦାରଖ କରିବା ପାଇଁ ପାଂଚ ଜଣିଆ କମିଟି ଗଠନ କରାଗଲା ଯଥା କାଲୁ ରାମ ପଣ୍ଡା, ଅଶୋକ ମୂନ୍ଦ୍ରା, ଗଙ୍ଗାଧର ପାଣିଗ୍ରାହି, ଗୋପାଳ ପାତ୍ର, ଗାୟତ୍ରୀ ଶକ୍ତି ପୀଠ ବ୍ୟବସ୍ଥାପକ ଅନିଲ ଦାସଙ୍କୁ ଚୟନ କରାଗଲା । ବ୍ୟବସ୍ଥାପକ ଅନିଲ ଦାସ, କୋରାପୁଟ ପ୍ରଜ୍ଞା ପୀଠ ବ୍ୟବସ୍ଥାପକ ଅମର ପାଢ଼ୀ , ୨୫୧କୁଣ୍ଡିୟ ମହା ଯଜ୍ଞ ପ୍ରମୁଖ, କୋରାପୁଟ ଜିଲ୍ଲା ସଂଯୋଜିକା ରୁତୁ ମ୍ବରା ପାତ୍ର ନିଜ ଟ୍ରଷ୍ଟ ରସିଦ ବ୍ୟବହାର କରି ହାନି ଲାଭ ବୁଝିବା ନିମନ୍ତେ ସହମତି ପ୍ରଦାନ କରିଥିଲେ। ଶେଷରେ ଶ୍ରୀ ପାଣିଗ୍ରାହି ଧନ୍ୟବାଦ ଅର୍ପଣ କରିବା ସହ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସଭା ସାଙ୍ଗ କରି ଶାନ୍ତି ପାଠ କରିଥିଲେ ।

# ମାଲିଡିହିରେ ଦୁଇ ବାଇକ ମୁହାଁମୁହିଁ ଧକ୍କା: ଜଣେ ଯୁବକ ଗୁରୁତର, ୨ ସାମାନ୍ୟ ଆହତ

ଝାରସୁଗୁଡ଼ା, ୧୨/୦୭ (ନି.ପ୍ର): ଜାତୀୟ ରାଜପଥ ୪୯ ର କୋଲାବିରା ଥାନା ଅଧିନସ୍ଥ ମାଲିଡିହି ଗାଁ ମୁଣ୍ଡରେ ଶନିବାର ମଧ୍ୟାହ୍ନରେ ଦୁଇ ବାଇକ ମଧ୍ୟରେ ମୁହାମୁହିଁ ଧକ୍କା ହେବାରୁ ବାଇକ ଆରୋହୀ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ୨ ବାଇକ ଆରୋହୀ ସାମାନ୍ୟ ଆହତ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ଗୋଟିଏ ଓଆର ୧୫ ଜେ ୨୫୩୩ ନମ୍ବର୍ ବିଶିଷ୍ଟ ବାଇକ ରେ ଜଣେ ବ୍ୟକ୍ତି କୁଚିଣ୍ଡା ଆଡ଼କୁ ଯାଉଥିବା ବେଳେ ଏହି ସମୟରେ କୋଲାବିରା ଥାନା ଅମାଡି ଗ୍ରାମର ହୀରାଲାଲ ନାଏକ ଓଆର ୨୩ ବି ୪୮୧୧ ନମ୍ବର ବିଶିଷ୍ଟ ବାଇକରେ ମାଲିଡିହି ଆଡ଼କୁ ଆସୁଥିଲେ । ଏହିସମୟରେ ଉଭୟ ବାଇକ ମଧ୍ୟରେ ମୁହାମୁହିଁ ଧକ୍କା ହେବାରୁ ଅମାଡି ଗ୍ରାମର ହୀରାଲାଲ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ କୋଲାବିରା ଓ ପରେ ଝାରସୁଗୁଡ଼ା ଡାକ୍ତରଖାନା ନେଇଥିବା ସୂଚନା ମିଳିଛି । ତେବେ ସାମାନ୍ୟ ଆହତ ଥିବା କୁଚିଣ୍ଡା ର ବ୍ୟକ୍ତି ଜଣକ ଏକ ପିକଅାପ ଗାଡ଼ି ଭଡ଼ା କରି ବାଇକକୁ ନେଇ ଘରକୁ ଚାଲିଯାଇଥିଲେ । ଏହାସହ ହୀରାଲାଲ ଙ୍କ ସହ ବାଇକ ରେ ବସିଥିବା ଅନ୍ୟ ଜଣେ ଯୁବକ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସୂଚନା ମିଳିଛି । ଏନେଇ କୋଲାବିରା ଭାରପ୍ରାପ୍ତ ଥାନା ଅଧିକାରୀ ସନ୍ତୋଷ ପ୍ରଧାନଙ୍କୁ ଯୋଗାଯୋଗ କରାଯିବାରୁ ଦୁର୍ଘଟଣା ବାବଦରେ କୌଣସି ଅଭିଯୋଗ ହୋଇନଥିବା ବେଳେ ପୋଲିସ ପହଂଚିବା ପୂର୍ବରୁ ଘଟଣାସ୍ଥଳରେ କେହି ମଧ ନଥିବା ସୂଚନା ଦେଇଛନ୍ତି ।

# କୋୟା ସମ୍ପ୍ରଦାୟର ଝିଅ, ବୋହୂଙ୍କୁ କେବେ ମିଳିବ ନ୍ୟାୟ : କୋୟା ଆଦିବାସୀ ସଂଘ

ମାଲକାନଗିରି, ୧୨/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କୋୟା ସଂଘ ପକ୍ଷରୁ ଆଜି ଏକ ଖବରଦାତା ସମ୍ମିଳନୀରେ କୋୟା ଆଦିବାସୀ ସଂଘର ଝିଅ, ବୋହୂଙ୍କୁ କେବେ ମିଳିବ ନ୍ୟାୟ ବୋଲି ପ୍ରଶ୍ନ କରିଛନ୍ତି ନେତା। ସଂପ୍ରଦାୟ ବିଲୁପ୍ତ ହେବା ପୂର୍ବରୁ ସରକାର ଆମକୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଦାବି କରାଯାଇଛି। କୋୟା ସଂପ୍ରଦାୟ ହେଉଛି ମାଲକାନଗିରି ଜିଲ୍ଲାର ସର୍ବ ପୁରାତନ ଜନଜାତି।କିନ୍ତୁ ବିଭିନ୍ନ ସମାଜ ଅନେକ ଅତ୍ୟାଚାର, ନିର୍ଯାତନା ଓ ଶୋଷଣ କରାଯାଉଛି।

ଝିଅ, ବୋହୂଙ୍କୁ ଦୁଷ୍କର୍ମ କରିବା, ଜମି ଲାଳସାରେ କୋୟା ଲୋକଙ୍କୁ ହତ୍ୟା କରିବା, କୋୟା ଝିଅକୁ ପ୍ରଲୋଭନ ଦେଖାଇ ବିବାହ କରି ସେମାନଙ୍କର ଜମିକୁ ଅକ୍ତିଆର କରିବା ଓ ନିଜ ସ୍ତ୍ରୀ ଥାଇ ମଧ କୋୟା ଝିଅକୁ ବାହା ହୋଇ ଜମି କିଣାବିକା ଓ ରାଜନୈତିକ କ୍ଷେତ୍ରରେ ଫାଇଦା ନେବା ଭଳି କାମ କରାଯାଉଛି। ଆଦିବାସୀ କୋୟା ଝିଅକୁ ଆଗରେ ରଖି ବେଙ୍ଗଲି ଲୋକେ ସମସ୍ତ ଅସାମାଜିକ କାମ କରୁଛନ୍ତି। ପୁଣି କିଛି ବେଙ୍ଗଲି ଲୋକ ସୋସିଆଲ ମିଡିଆରେ ବିବିନ୍ନ ଆପତି ଜନକ ପୋଷ୍ଟ କରୁଛନ୍ତି। କୋୟା ସଂପ୍ରଦାୟକୁ ନେଇ ଗାଳିଗୁଲଜ କରୁଛନ୍ତି। କିଛି ବେଙ୍ଗଲି ସମାଜର ଲୋକେ ଭାଇଚାରାରେ ବଂଚିବା ପାଇଁ ନେହୁରା ହେଉଥିବାବେଳେ ଆଉ କିଛି ଲୋକ ସୋସିଆଲ ମିଡିଆରେ ବିଭିନ୍ନ ବେଆଇନ ମନ୍ତବ୍ୟ ଦେଉଛନ୍ତି। ଯାହା ଗ୍ରହଣୀୟ ନୁହେଁ ବୋଲି କୋୟା ସଂଘ କହିଛି।

ଆଦିବାସୀଙ୍କର ଯେତିକି ଜମି ଅକ୍ତିଆରରେ ରହିଛି। ସେଗୁଡିକ ତୁରନ୍ତ ଫେରସ୍ତ କରାଯାଉ। ତେଣୁ ସରକାର ଓ ଜିଲ୍ଲା ପ୍ରଶାସନ କୋୟା ସଂପ୍ରଦାୟର ଦାବିଗୁଡ଼ିକ ତୁରନ୍ତ ନମାନିଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ସଂଘ ଗ୍ରହଣ କରିବାକୁ ବାଧ ହେବ ବୋଲି କୋୟା ସଂଘର ସଭାପତି ଭୀମା ବାରସେ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମାନସ ମାଡକାମୀ, ଘନଶ୍ୟାମ ମାଡକାମୀ, ଇର୍ମା ପଡିଆମି ପ୍ରମୁଖ ଉପସ୍ଥିତ ଥିଲେ।

# କୋରାପୁଟ ଜିଲ୍ଲା ରାସ୍ତାକଡ଼ ଖାଦ୍ୟର ମାନ ହେଉନି ଯାଂଚ୍

ଜୟପୁର, ୧୨/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ଏକ ଆଦିବାସୀ ଅଧୁଷିତ ଅଂଚଳ ହୋଇଥିବା ବେଳେ ସଚେତନତା ଓ ସତର୍କତା ଜରୁରୀ ହୋଇପଡିଛି । ବର୍ଷାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ଓ ଅଗ୍ନିଶମ ବିଭାଗ ସହ ବିଭିନ୍ନ ବିଭାଗ ତତ୍ପର ହୋଇ ଉଠିଥିବାବେଳେ କୋରାପୁଟ ଜିଲ୍ଲାର ସହରାଂଚଳ ଓ ଗ୍ରାମାଂଚଳରେ ଖାଦ୍ୟ ପଦାର୍ଥ ଯାଂଚ୍ କଡ଼ାକଡ଼ି ହୋଇପାରୁ ନାହିଁ। ବର୍ଷାଦିନେ ଖାଦ୍ୟ ଜରିଆରେ ବିଭିନ୍ନ ରୋଗ ବ୍ୟାପିବାର ସମ୍ଭାବନା ଥିବାବେଳେ ଯାଂଚ୍ ଅଧିକାରୀମାନଙ୍କର ନୀରବତା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଶେଷକରି କୋରାପୁଟ ଜିଲ୍ଲାର ସେମିଳିଗୁଡା, ଜୟପୁର, କୋରାପୁଟ, ବୋରିଗୁମ୍ମା, କୋଟପାଡ଼, ବୈପାରୀଗୁଡା, କୁନ୍ଦୁରା, ଲମତାପୁଟ, ପଡୁଆ, ନନ୍ଦପୁର, ଲକ୍ଷ୍ମୀପୁର ସହ ସହରାଂଚଳର ରାସ୍ତାପାର୍ଶ୍ୱରେ ମାଂସ, ମାଛ ଠାରୁ ଆରମ୍ଭକରି ହୋଟେଲ ମାନଙ୍କରେ ବିଭିନ୍ନ ପ୍ରକାରର ଖାଦ୍ୟ ପସରା ବସୁଛି। ବର୍ଷାଦିନେ ଏହିସବୁ ସ୍ଥାନରେ କାଦୁଅ ପଚପଚ ସହିତ ଡ୍ରେନ, ନର୍ଦ୍ଦମା ପାଣି ବି ଭାସୁଛି। ତାହା ଉପରେ ଖାଦ୍ୟ ସାମଗ୍ରୀ ଖୋଲାଖୋଲି ଭାବେ ବିକ୍ରି ହେଉଥିବାବେଳେ ଲୋକେ ତାହାକୁ ଖାଇବାରେ ଲାଗିଛନ୍ତି। ସେହିଭଳି ଖାଦ୍ୟ ଦୋକାନମାନଙ୍କରେ ଦିଆଯାଉଥିବା ପାନୀୟ ଜଳର ଶୁଦ୍ଧତା ନେଇ ବି ପ୍ରଶ୍ନବାଚୀ ଉଠୁଛି। ଉଠାଦୋକାନୀମାନେ ଖୋଲା ବୋତଲରେ ଲୋକଙ୍କୁ ପାଣି ଯୋଗାଉଛନ୍ତି। ଏହିସବୁ ପାଣି ବିଭିନ୍ନ କମ୍ପାନୀ, ବସ୍ତି ଅଂଚଳରୁ ଆସୁଥିବାରୁ ତାହାର ଗୁଣବତା ଯାଂଚ୍ ଜରୁରୀ ହୋଇପଡିଛି। ଏଠାରେ ଖାଦ୍ୟ ପ୍ରସ୍ତୁତି ସହିତ ଏହିସବୁ ଖାଦ୍ୟକୁ ସେବନ କରୁଥିବା ଲୋକେ ପେଟରୋଗରେ ପଡିବା ଏକ ପ୍ରକାର ନିଶ୍ଚିତ ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି । ତେବେ ଖାଦ୍ୟ ସାମଗ୍ରୀ ଯାଂଚ୍ ପାଇଁ ଅଧିକାରୀ ଥିବାବେଳେ ଖାଦ୍ୟ ମାନ ମନେ ପଡିଲେ ଯାଂଚ୍ କରିଥାନ୍ତି। ବିଶେଷକରି ଯଦି କେଉଁଠାରେ ଖାଦ୍ୟ ପାଇଁ ରୋଗ ବ୍ୟାପିବାର ଖବର ଆସେ ସେଠାରେ ଚଢଉ କରିଥାନ୍ତି। ହୋଟେଲ ମାନଙ୍କରେ ନିମ୍ନମାନର ଖାଦ୍ୟ, ବିଭିନ୍ନ ପ୍ରକାରର ମିଠା, ଅଧିକ ରଙ୍ଗ ମିଶା ତରକାରୀ, ଚାର୍ଟ, ପୋଡ଼ା ତେଲ, ମସଲା ଏବଂ ବାସୀ ଖାଦ୍ୟ। ଏହାର ଯାଞ୍ଚ କରିବାର ଦାୟିତ୍ୱ ଖାଦ୍ୟ ଅଧିକାରୀମାନଙ୍କର ଥିବାବେଳେ ସେମାନେ କେବଳ ଧର୍ମକୁ ଆଖିଠାର ମାରିବା ଭଳି ଯାଞ୍ଚ କରିଥାନ୍ତି। ସାମାନ୍ୟ ବର୍ଷାରେ ଛକ, ବଜାର, ସହରର କେତେକ ଅଞ୍ଚଳ ଜଳବନ୍ଦୀ ହେଉଥିବାବେଳେ ସେହିସବୁ ଅଞ୍ଚଳରେ ଖୋଲାମେଲାରେ ବିକ୍ରି ହେଉଥିବା ଖାଦ୍ୟ ଜରିଆରେ ସଂକ୍ରାମିକ ରୋଗ ବ୍ୟାପିବାର ସମ୍ଭାବନା ଥିବାରୁ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଏହା ଉପରେ ନଜର ରଖିବାକୁ ମତପ୍ରକାଶ ପାଉଛି। ଏଥିପ୍ରତି ଦୃଷ୍ଟି ନଦେଲେ କୋରାପୁଟ ଜିଲ୍ଲାରେ ପେଟରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ଲୋକେ ଅନ୍ୟାନ୍ୟ ମାରାତ୍ମକ ରୋଗରେ ବି ପଡିପାରନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ରଥ ବିଶ୍ୱକର୍ମାଙ୍କୁ ବାଟ ମଝିରେ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୧୨/୦୭ (ନି.ପ୍ର): ମହାପ୍ରଭୁଙ୍କୁ ଡାକିଲେ ସେ ଭକ୍ତର ମନ ଜାଣି ରଥ ଅଟକାଇ ଦାଣ୍ଡରେ ଠିଆ ହେବାର ପରମ୍ପରା ରହିଛି। ଦାରୁବ୍ରହ୍ମଙ୍କ ରଥ କାଠ ଯାଉଥିବା ଗାଡିକୁ ଅଧା ବାଟରେ ଅଟକାଇ ବିଶ୍ୱକର୍ମା କାରିଗରଙ୍କୁ ସମ୍ବର୍ଦ୍ଧନା କରିବା ସହ ରଥକାଠକୁ ବନ୍ଦାପନା କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତା। କେନ୍ଦ୍ରାପଡ଼ା ଜିଲ୍ଲାର ପଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଗୁଣୁପୁର ପଟଣା ଦାରୁବ୍ରହ୍ମ ଜଗନ୍ନାଥଙ୍କର ଘୋଷଯାତ୍ରା ପାଇଁ ରଥକାଠ ଚିରାଇ ଫେରୁଥିବା ଗାଡିକୁ ଅଟକାଇ ରଥକାଠକୁ ବନ୍ଦାପନା କରିବା ସହ ରଥ କାରିଗର ସୁନାକାର ମାଝୀ, ରାଜେଶ ତରାଇ ଓ ସେବକ ଅଭିମନ୍ୟୁ ତରାଇଙ୍କୁ ମୁକୁଟ ଓ ଉତରୀୟ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଛି କ୍ଷ ଭକ୍ତ ସାଲବେଗ ପରି ଅଧା ବାଟ ରେ ଭକ୍ତରୁପି ଭଗବାନଙ୍କୁ ସେବା କରି ଆମ କର୍ମ, ଆମ ପରିଚୟ ଉକ୍ତିର ସାର୍ଥକତା କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ଟ୍ରଷ୍ଟର ସଂସ୍କୃତି ବିଭାଗୀୟ ଅଧିକାରୀ ସଂଜୀବ ତରାଇ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬- ପୋଷ୍ଟ ଡ୍ରାଫ୍ଟ କାର୍ଯ୍ୟକଳାପ ସଂକ୍ରାନ୍ତ ଆଭାସୀ ପ୍ରଶିକ୍ଷଣ ବୈଠକ

ଝାରସୁଗୁଡ଼ା, ୧୨/୦୭ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନର ପୋଷ୍ଟ ଡ୍ରାଫ୍ଟ କାର୍ଯ୍ୟକଳାପ ଓ ପ୍ରଶିକ୍ଷଣ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ଉପ-ଜିଲ୍ଲାପାଳ ତଥା ୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ୦୭-ଝାରସୁଗୁଡ଼ା ଏବଂ ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ସମସ୍ତ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ସଂପୃକ୍ତ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ବୈଠକରେ ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ନୋଟିସ୍ ଜାରି କରିବା ପାଇଁ ଏକ ସ୍ୱତନ୍ତ୍ର ଏସଓପି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ କରି ଯେଉଁ ଭୋଟରମାନଙ୍କର ମ୍ୟାପିଂ ହୋଇନାହିଁ କିମ୍ବା ତାଲିକାରେ ଯାନ୍ତ୍ରିକ ତ୍ରୁଟି ରହିଛି, ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶୁଣାଣିର ସମୟ ଓ ତାରିଖ ନିର୍ଦ୍ଧାରଣ କରିବାକୁ ସମସ୍ତଏ ଏ ଇ ଆର ଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକ୍ରିୟା ପାଇଁ ଅତିକମରେ ୭ ଦିନର ସମୟ ସୀମା ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ମାମଲାର ସମାଧାନ କରିବା ପାଇଁ ସଂପୃକ୍ତ ଇ ଆର୍ ଓ ଏବଂ ଏ ଇ ଆର୍ ଓ ମାନେ ନୋଟିସ୍ ଓ ଶୁଣାଣି ସଂଖ୍ୟା ଅନୁଯାୟୀ ଏକ ସଠିକ୍ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି। ଏହି ସଂଶୋଧନ ପ୍ରକ୍ରିୟାକୁ ତିନୋଟି ପର୍ଯ୍ୟାୟରେ ସମ୍ପନ୍ନ କରିବା ପାଇଁ ବୈଠକରେ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ, ଅଣ-ମ୍ୟାପିଂ ମାମଲାଗୁଡ଼ିକର ଶୁଣାଣିକୁ ପ୍ରାଥମିକତା ଦିଆଯାଇ ଆସନ୍ତା ଅଗଷ୍ଟ ୫ ତାରିଖ ସୁଦ୍ଧା ଶେଷ କରିବାକୁ କୁହାଯାଇଛି, ଯେପରିକି ଦୈନିକ କାର୍ଯ୍ୟାଳୟ କାମ ସହିତ ଫର୍ମ-୬, ୭ ଏବଂ ୮ ର ସମାଧାନ ସମାନ୍ତରାଳ ଭାବେ ଚାଲିପାରିବ। ଦ୍ୱିତୀୟ ପର୍ଯ୍ୟାୟରେ, ଅଗଷ୍ଟ ୬ ରୁ ୧୪ ତାରିଖ ମଧ୍ୟରେ ଲଜିକାଲ୍ ତ୍ରୁଟି ଥିବା ମାମଲାଗୁଡ଼ିକର ଶୁଣାଣି କରାଯିବ। ଶେଷରେ ତୃତୀୟ ପର୍ଯ୍ୟାୟରେ, ଅଗଷ୍ଟ ୧୫ ରୁ ୨୧ ତାରିଖ ମଧ୍ୟରେ ବିଭିନ୍ନ ଶ୍ରେଣୀଭୁକ୍ତ ମ୍ୟାପିଂ ତ୍ରୁଟିଗୁଡ଼ିକର ସମାଧାନ କରାଯିବ।

# ଜୟପୁର ସିଟି ହାଇସ୍କୁଲରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ଜୟପୁର, ୧୨/୦୭ (ନି.ପ୍ର): ଜୟପୁର ସିଟି ହାଇସ୍କୁଲରେ ବିଶ୍ୱ ଜନସଂଖ୍ୟା ଦିବସ ଉତ୍ସାହର ସହ ପାଳନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୫୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ନବମ ଶ୍ରେଣୀର ସ୍ୱେତା ସିଂହ ପ୍ରଥମ, ଦଶମ ଶ୍ରେଣୀର ଭି. ସୁପ୍ରିୟା ଦ୍ୱିତୀୟ, ଦଶମ ଶ୍ରେଣୀର ଏ. ଜ୍ଞାନେଶ୍ୱରୀ ତୃତୀୟ ଏବଂ ନବମ ଶ୍ରେଣୀର ବି. ହେମଶ୍ରୀ ସାନ୍ତ୍ୱନା ପୁରସ୍କାର ଲାଭ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସର ଓ ପୁରୁଣା ବାଲାଜୀ ମନ୍ଦିର ପରିସରରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ଓ ସବୁଜ ପୃଥିବୀ ଗଠନର ବାର୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବି. ସୁଜାତା, ପରିଚାଳନା କମିଟିର ସଭାପତି ପି. ଶଶୀଭୂଷଣ ରାଓ ପଟ୍ଟନାୟକ, ଶିକ୍ଷୟିତ୍ରୀ ସୁସ୍ମିତା ପାତ୍ର, କେ. ପଦ୍ମା ଦେବୀ, ବନ୍ଦିତା ପାଣିଗ୍ରାହୀ ଓ ମନୀଷା ଉପସ୍ଥିତ ଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଇକୋ କ୍ଲବର ଦାୟିତ୍ୱପ୍ରାପ୍ତ ଶିକ୍ଷକ ଏସ୍. ପ୍ରତାପ କୁମାର ପଟ୍ଟନାୟକ ସଫଳତାର ସହ ସଂଯୋଜନା କରିଥିଲେ।

## ଜଜପଶି ସରକାରୀ ପ୍ରାଥମିକ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ

କେନ୍ଦୁଝର, ୧୨/୦୭ (ନି.ପ୍ର): ଚମ୍ପୁଆ ବ୍ଲକ ଜଜପଶି ପଂଚାୟତ ଅନ୍ତର୍ଗତ ଜଜପଶି ସରକାରୀ ପ୍ରାଥମିକ ବିଦ୍ୟାଳୟ ର ନୂତନ ଗୃହ ଉଦଘାଟିତ ହୋଇଯାଇଛି । ନୂତନ ଗୃହ ଉଦଘାଟନ ଓ ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ପାଟଣା ବିଧାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ଜଜପଶି ସରପଂଚ ସୁବାସିନୀ ନାଏକ ପ୍ରମୁଖ ଯୋଗ ଦେଇ ନୂତନ ଗୃହକୁ ଉଦଘାଟିତ କରିଥିଲେ । ପୂଜକ ବସନ୍ତ କୁମାର ତ୍ରିପାଠୀ ପୂଜାଅର୍ଚ୍ଚନା କରିଥିଲେ । ପୁରାତନ ପ୍ରାଥମିକ ବିଦ୍ୟାଳୟ ଟି ଅନେକ ଶ୍ରେଣୀ ଗୃହ କୋଠରୀ ଅସୁରକ୍ଷିତ ଅବସ୍ଥାରେ ଥିବାରୁ ଓ ବିପଦ ସଂକୁଳ ଅବସ୍ଥାରେ ଥିବାରୁ ଗ୍ରାମ ଓ ଅଂଚଳବାସୀଙ୍କ ଦାବୀ ପରେ ନୂତନ ସ୍ଥାନରେ ଗୃହ ନିର୍ମାଣ କରାଯାଇଥିବାରୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି । କାର୍ଯ୍ୟକ୍ରମରେ ଜଜପଶି ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୀଲ କୁମାର ମହାନ୍ତ, ଜ୍ୟୋତିପୁର ସି. ଆର. ସି. ସି ଦୁଷ୍ମନ୍ତ କୁମାର ବାରିକ, ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମୀରେଖା ଦାସ, ସହକାରୀ ଶିକ୍ଷୟିତ୍ରୀ ଉର୍ବଶୀ ମହାନ୍ତ, କୁକ - ଅଟେନାସ ଚତୁର୍ଭୁଜ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଭଦ୍ରକ, ୧୨/୦୭ (ନି.ପ୍ର): ରାନ୍ଦିଆ ଗ୍ରାମର ଧର୍ମପ୍ରାଣା ମହିଳା କମଳା ମହାପାତ୍ର(୯୭)ଙ୍କ ପରଲୋକ ଘଟିଛି। ବାର୍ଦ୍ଧକ୍ୟ ଜନୀତ ରୋଗରେ ପୀଡିତ ଥିବା ବେଳେ ଭଦ୍ରକ ମେଡିକାଲରେ ମୃତ୍ୟୁ ବରଣ କରିଥିଲେ। ସେ ଆଦର୍ଶ ସେବିକା, ସୁଗୃହିଣୀ, କବୟତ୍ରୀ ଓ ଧର୍ମପ୍ରାଣା ମହିଳା ଭାବେ କ୍ଷ୍ୟାତି ଲାଭ କରିଥିଲେ। ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା। ପୁଅ ସତ୍ୟପ୍ରିୟ ମୁଖାଗ୍ନି ଦେଇଥିଲେ। ସେ ବରିଷ୍ଠ ନାଗରୀକ ସୁରକ୍ଷା ମଂଚର ସଭ୍ୟ ଥିଲା ବେଳେ ତାଙ୍କ ମୃତ୍ୟୁରେ ଶୋକରଛାୟା ଖେଳିଯାଇଛି। ମଂଚ ସଭାପତି କୈଳାଶ ଚନ୍ଦ୍ର ଧଳ, ସମ୍ପାଦକ ରଞ୍ଜନ ଦାସ, ଉପ-ସଭାପତି ଚିତରଞ୍ଜନ ସାମନ୍ତରାୟ, ଗୋଲକ ପୃଷ୍ଟି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ବାନେର-ବିମଳା ପିଡବ୍ଲୁଡି ରାସ୍ତା ମରାମତି ନହେଲେ ଆନ୍ଦୋଳନ ଚେତାବନୀ

ମୁଖୀଗୁଡା, ୧୨/୦୭ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପଟଣା ବ୍ଲକ ବାନେରରୁ କୋକସରା ବ୍ଲକ ଲଡୁଗାଁକୁ ସଂଯୋଗ କରୁଥିବା ପିଡବ୍ଲୁଡି ରାସ୍ତାର ବାନେରରୁ ବିମଳା ପର୍ଯ୍ୟନ୍ତ ପ୍ରାୟ ୭ କିଲୋମିଟର ରାସ୍ତା ଦୀର୍ଘଦିନ ଧରି ଖାଲଖମାରେ ଭରି ରହିଥିବାରୁ ଯାତାୟାତରେ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲଡୁଗାଁରୁ ବାନେର ଠାରୁ ଲଡୁଗାଁ ପର୍ଯ୍ୟନ୍ତ ପିଡବ୍ଲୁଡି ରାସ୍ତା ଏ ଅଞ୍ଚଳର ଏକ ପ୍ରମୁଖ ଯାତାୟାତ ରାସ୍ତା ଏହି ରାସ୍ତା ଦେଇ କୋକସରା ବ୍ଲକର ବିଭିନ୍ନ ଗ୍ରାମକୁ ଲୋକେ ଜୟପାଟଣା ଅଞ୍ଚଳରୁ ଯାତାୟାତ କରନ୍ତି । ବର୍ତ୍ତମାନ ଲଡୁଗାଁରୁ ବିମଳା ପର୍ଯ୍ୟନ୍ତ ପ୍ରାୟ ରାସ୍ତାର ନିର୍ମାଣ କାମ ଚାଲିଥିବା ବେଳେ ବିମଳାରୁ ବାନେର ପର୍ଯ୍ୟନ୍ତ ଅବଶିଷ୍ଟ ୭ କିଲୋମିଟର ରାସ୍ତା ଦୀର୍ଘଦିନ ଧରି ମରାମତି ଅଭାବରୁ ଅତ୍ୟନ୍ତ ବିପଦଜନକ ଅବସ୍ଥାରେ ରହିଛି। ରାସ୍ତାରେ ବଡ଼ ବଡ଼ ଖାଲଖମା ହୋଇଥିବାରୁ ଦୁଇଚକିଆ ଓ ଚାରିଚକିଆ ଯାନରେ ଯିବା ଆସିବା କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ବର୍ଷା ଦିନରେ ଏହି ଖାଲଖମାରେ ପାଣି ଜମି ରହୁଥିବାରୁ ଦୁର୍ଘଟଣାର ଆଶଙ୍କା ଆହୁରି ବଢ଼ିଯାଉଛି। ପ୍ରତିଦିନ ଛାତ୍ରଛାତ୍ରୀ, ଚାଷୀ, ବ୍ୟବସାୟୀ ଓ ସାଧାରଣ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବା ସତ୍ତ୍ୱେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନାହିଁ ଦୈନିକ ଏହି ରାସ୍ତାରେ ମୁଖ୍ୟମନ୍ତ୍ରୀ ବସ ସହ ମୁଖିଗୁଡା-ଲଡୁଗାଁ ଭାୟା, ଭବାନୀପାଟଣା, ଭଇଁରିପାଲି ଲଡୁଗାଁ ଭାୟା କେସିଙ୍ଗା, ଭବାନୀପାଟଣା ଭାୟା ମୁଖିଗୁଡା -ଲଡୁଗାଁ ଦେଇ ବିଶାଖାପାଟଣା ବସ ଦୈନିକ ଏହି ରାସ୍ତା ଦେଇଯିବା ଆସିବା କରିବା ସହ ଶହ ଶହ ଯାନବାହାନ ଯିବା ଆସିବା କରିଥାଏ। ଏବେ ଲଡୁଗାଁ–ବିମଳା ଅଂଶରେ ରାସ୍ତା କାମ ଚାଲିଥିବାରୁ ସ୍ଥାନୀୟ ଲୋକେ ଖୁସି ପ୍ରକାଶ କରିଥିବା ବେଳେ ବିମଳାରୁ ବାନେର ପର୍ଯ୍ୟନ୍ତ ଅବଶିଷ୍ଟ ରାସ୍ତାର ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ସେନେଇ ପ୍ରଶ୍ନ ଉଠାଇଛନ୍ତି। ତେଣୁ ପୂର୍ତ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଉକ୍ତ ରାସ୍ତାର ମରାମତି ଓ ନିର୍ମାଣ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ରଥଯାତ୍ରା ପାଇଁ ଆନ୍ତଃ ବିଭାଗ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ, ୧୨/୦୭ (ନି.ପ୍ର): ନିଜକୁ ଜଣେ ଦାୟିତ୍ୱବାନ ଅଧିକାରୀ ବା କର୍ମଚାରୀ ବୋଲି ମନେ କରିବା ସହ ରଥଯାତ୍ରାରେ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପରାମର୍ଶ ଦେଇଛନ୍ତି । ଆଜି ପୂର୍ବାହ୍ନରେ ସଂସ୍କୃତି ଭବନ ଠାରେ ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ବରିଷ୍ଠ ଅଧିକାରୀ, ମାଜିଷ୍ଟ୍ରେଟ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କର ଏକ ଆନ୍ତଃ ବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡା ଯେଉଁ ଅଧିକାରୀ ମାନଙ୍କୁ ଯେଉଁ ଦାୟିତ୍ୱ ଦିଆ ଯାଉଛି ସେ ସମ୍ପର୍କରେ ସେ ସଠିକ ଭାବେ ଅବଗତ ହେବା ଅତ୍ୟନ୍ତ ଜରୁରୀ। ସେହିପରି ଯେଉଁ ଅଞ୍ଚଳ ପାଇଁ ନିୟୋଜିତ ତାହାକୁ ଭଲ ଭାବେ ଅନୁଧ୍ୟାନ କରି ନିଅନ୍ତୁ। ପୋଲିସ, ସୁରକ୍ଷା ଅଧିକାରୀ, ସୁରକ୍ଷା କର୍ମୀ, ଅନ୍ୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ମାନଙ୍କ ସହ ସୁ ସମ୍ପର୍କ ସ୍ଥାପନ କରିବା ଅତ୍ୟନ୍ତ ଜରୁରୀ। ଏହା କାମକୁ ସହଜ କରିଥାଏ। ସର୍ବୋପରି ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କୁ ନମ୍ର ଓ ଭଦ୍ର ବ୍ୟବହାର କରିବା,ନିଜ ଦାୟିତ୍ୱ ସମୟ ସହ ଅନ୍ୟ ଅଧିକାରୀ ଆସିଲେ ତାଙ୍କୁ ସେହି ଅଞ୍ଚଳ ସମ୍ପର୍କରେ ସୂଚନା ପ୍ରଦାନ କରି ଦାୟିତ୍ୱ ହସ୍ତାନ୍ତର କରିବା, ରାତି ଦାୟିତ୍ୱ ରେ ରହୁଥିବା ଅଧିକାରୀ ମାନେ ଅଧିକ ଯତ୍ନବାନ ହେବା, କୌଣସି ସମସ୍ୟା ହେଲେ ତୁରନ୍ତ କଣ୍ଟ୍ରୋଲ ରୁମ ବା ଉପରିସ୍ଥ ଅଧିକାରୀ ଙ୍କୁ ଜଣାଇ ସମାଧାନ କରିବା ସମ୍ପର୍କରେ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। କେଉଁଠି କଣ ଅତ୍ୟାବଶ୍ୟକ ସୁବିଧା ଯଥା ଆଶୁ ଚିକିତ୍ସା କେନ୍ଦ୍ର, ପାନୀୟ ଜଳ ବ୍ୟବସ୍ଥା,ସୂଚନା କେନ୍ଦ୍ର, ପୋଲିସ ସହାୟତା କେନ୍ଦ୍ର, ଶୌଚାଳୟ ଇତ୍ୟାଦି ସମ୍ପର୍କରେ ଧାରଣା ରଖନ୍ତୁ,ଯାହା ଫଳରେ ଶ୍ରଦ୍ଧାଳୁ ମାନଙ୍କୁ ଅବଗତ ତଥା ସାହାଯ୍ୟ କରି ପାରିବା ବୋଲି ଜିଲ୍ଲାପାଳ ଶ୍ରୀ ପରିଡା କହିଥିଲେ। ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା ମହାନଗର ନିଗମର ବିବିଧ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି ରଥଯାତ୍ରା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ଏହି ବୈଠକରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରେ ରଥଯାତ୍ରା ପରିଚାଳନା ପାଇଁ ଆସିଥିବା ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଜିଲ୍ଲା ପ୍ରଶାସନ ର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଯୁବକଙ୍କୁ ଛୁରୀ ଭୁଷି ହତ୍ୟା

ଖୋର୍ଦ୍ଧା, ୧୨/୦୭ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅନ୍ତର୍ଗତ ଖୁଦୁପୁର ଛକରେ ଘଟିଛି ହତ୍ୟାକାଣ୍ଡ। ମୃତ ଯୁବକ ହେଲେ ଖୁଦୁପୁର ଗ୍ରାମର ମାର୍କଣ୍ଡ ବଳିଆରସିଂହ (ଜଗା )। ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ହତ୍ୟାକାଣ୍ଡ। ମାର୍କଣ୍ଡ ଛକରେ ଛିଡା ହୋଇଥିବା ବେଳେ ତାଙ୍କୁ ଆକ୍ରମଣ ହୋଇଥିଲା। ପେଟ ଓ ଛାତିରେ ହୋଇଥିଲା ଛୁରା ମାଡ଼। ଛୁରା ମାଡ଼ ପରେ ଦୁର୍ବୃତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ଜଟଣୀ ପୋଲିସ ପହଂଚି ଜଣକୁ ଅଟକ ରଖି ତଦନ୍ତ କରୁଛି। ହତ୍ୟାକାଣ୍ଡ ପଛରେ ପୂର୍ବ ଶତ୍ରୁତା ଥିବାର ପୋଲିସ ସନ୍ଦେହ କରୁଛି।

# ଭାରସାମ୍ୟ ହରାଇ ଆଳୁ ବୋଝେଇ ଟ୍ରକ ଓଲଟିଲା

ଝାରସୁଗଡ଼ା, ୧୨/୦୭ (ନି.ପ୍ର): ଜାତୀୟ ରାଜପଥ ୪୯ ର କୋଲାବିରା ଥାନା ଅଧିନସ୍ଥ ଲରିଆପାଲି ପେଟ୍ରୋଲ ପମ୍ପ ନିକଟ ବଳିଆବାହାଲ ମୋଡରେ ଶୁକ୍ରବାର ରାତିରେ ଡବ୍ଲ୍ୟୁ ବି ୩୩ ଏଫ ୦୫୮୯ ନମ୍ବର ବିଶିଷ୍ଟ ଆଳୁ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡ଼ିଥିବା ଅଭିଯୋଗ ହୋଇଛି । ଟ୍ରକ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି । ଟ୍ରକଟି ଖଡ଼ଗପୁର ରୁ ଆଳୁ ନେଇ ଝାରସୁଗୁଡ଼ା କୁ ଯାଉଥିଲା । କୋଲାବିରା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଚାଲୁ ରଖିଛି ।

# ଶାଳୀକୋଠାଠାରେ ପୁରୀ ଶଙ୍କରାଚାର୍ଯ୍ୟଙ୍କ ୮୪ତମ ପ୍ରାକଟ୍ୟ ମହୋତ୍ସବ ପାଳିତ



ଜଳେଶ୍ୱର, ୧୨/୭ (ନି.ପ୍ର): ସନାତନ ଧର୍ମର ମାର୍ଗଦର୍ଶକ, ଶ୍ରୀମନ୍ନାରାୟଣ ପରମ୍ପରାର ବାହକ ତଥା ପୁରୀ ଗୋବର୍ଦ୍ଧନ ପୀଠର ପୂଜ୍ୟପାଦ ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ୮୪ତମ ପବିତ୍ର ପ୍ରାକଟ୍ୟ ମହୋତ୍ସବ ଆଜି ଆଷାଢ଼ କୃଷ୍ଣ ତ୍ରୟୋଦଶୀ ତିଥି ଅବସରରେ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା କାଳୀମନ୍ଦିର ପୂଜା ମଣ୍ଡପ ସମ୍ମୁଖରେ ଆନନ୍ଦ ଓ ଉଲ୍ଲାସର ସହ ପାଳିତ ହୋଇଯାଇଛି ।ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ରାଜ୍ୟ ଅଧକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ରଙ୍କ ସୂଚନା ଓ ଆହ୍ୱାନ କ୍ରମେ ଆଜିର ଏହି ପବିତ୍ର ଦିବସକୁ ରାଷ୍ଟ୍ରୋତ୍କର୍ଷ ଦିବସ ଭାବେ ସମଗ୍ର ଅଞ୍ଚଳରେ ଉତ୍ସାହର ସହ ପାଳନ କରାଯାଇଛି । ଧର୍ମ,ଅଧ୍ୟାତ୍ମ ଓ ରାଷ୍ଟ୍ରର ଉନ୍ନତିକୁ ଏକମାତ୍ର ବ୍ରତ କରି ବର୍ଷକୁ ୨୬୦ ଦିନରୁ ଅଧିକ ସମୟ ନିରନ୍ତର ପରିଭ୍ରମଣ କରୁଥିବା ଜଗଦ୍ଗୁରୁଙ୍କ ଜୀବନ ସମଗ୍ର ମାନବ ସମାଜ ପାଇଁ ପ୍ରେରଣାର ଉତ୍ସ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି । ଆଜିର ଏହି ଶୁଭ ଅବସରରେ ବିଭିନ୍ନ ଶାଖା ପକ୍ଷରୁ ଗୁରୁଦେବଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ଗଭୀର ଶ୍ରଦ୍ଧାଞ୍ଜଳି ସହ ରୁଦ୍ରାଭିଷେକ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଉତ୍ସବ ଅବସରରେ ପଞ୍ଚାୟତ ର ବିଭିନ୍ନ ସ୍ଥାନରେ ବ୍ୟାପକ ସେବାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ପ୍ରଭାତ ଫେରି,ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ, ଗ୍ରୀଷ୍ମର ପ୍ରକୋପକୁ ଦୃଷ୍ଟିରେ ରଖି ପଥିକମାନଙ୍କ ପାଇଁ ଦହିପାଣି ଓ ଚିନି-ଲେମ୍ବୁ ପାଣି ଭଳି ପାନୀୟ ଜଳ ବିତରଣ,ରୋଗୀ ଓ ଅସହାୟମାନଙ୍କୁ ଫଳ ବଣ୍ଟନ ଏବଂ ନାରାୟଣ ଭୋଜନ ଆଦି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି । ଉକ୍ତ କାର୍ଯ୍ୟକ୍ରମଗୁଡ଼ିକୁ ପରିଚାଳନା ଓ ସଫଳ କରିବାରେ ଅଞ୍ଚଳର ପ୍ରମୁଖ ସେବାବ୍ରତୀ ଓ ସଂଗଠକ ତପନ କୁମାର ସିଂ, ରଂଜିତ ଜେନା, ଅରୁଣ ଦାସ, ଅନିଲ ବେହେରା, ବସନ୍ତ ଦାସ, ସୁଶାନ୍ତ କୁମାର ପ୍ରଧାନ, ଦିଲୀପ କୁମାର ଜେନା,ଜୟନାରାୟଣ ଜେନା, ସୁଜୟ ଖଟୁଆ, ତାପସ କୁମାର ପାତ୍ର,ଶାନ୍ତନୁ କୁମାର ପ୍ରଧାନ, ପ୍ରଦୀପ କୁମାର ମହାନ୍ତି,ସତ୍ୟ ରଞ୍ଜନ ପତି, ପ୍ରବୋଧ ପାତ୍ର ଓ ସଞ୍ଜୟ ଶତପଥୀ ପ୍ରମୁଖ ସକ୍ରିୟ ସହଯୋଗ କରି ଗୁରୁଦେବଙ୍କ ସେବାରେ ନିଜକୁ ସାମିଲ କରିଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ନିଶାମୁକ୍ତ ଓଡ଼ିଶା ପାଇଁ ...

ପ୍ରତି ଜିଲ୍ଲାରେ ୫୦ ଜଣ ଲେଖାଏଁ 'ନିଶାମୁକ୍ତି ମିତ୍ର'ଙ୍କୁ ନେଇ ମୋଟ୍ ୧, ୫୦୦ ସ୍ୱେଚ୍ଛାସେବୀଙ୍କ ମୋବିଲାଇଜେସନ୍ କାର୍ଯ୍ୟକ୍ରମ କରାଯିବ। ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ପୁଲିସ ଓ ଅବକାରୀ ବିଭାଗର ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହାଛଡ଼ା ପରିବାର ପରାମର୍ଶ ଶିବିର, ପୁନଃ ନିଶାସେବନ ରୋକିବା ପାଇଁ କ୍ୟାମ୍ପ, ବୃତ୍ତିଗତ ପୁନର୍ବାସ ସହାୟତା ଏବଂ ନିଶାମୁକ୍ତ ବ୍ୟକ୍ତିଙ୍କ ସାମାଜିକ ପୁନଃଅନ୍ତର୍ଭୁକ୍ତି ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯିବ। ସେହିପରି ଜନସାଧାରଣଙ୍କ ମଧ୍ୟରେ ନିଶାଦ୍ରବ୍ୟ ପ୍ରତି ବ୍ୟାପକ ସଚେତନତା ପାଇଁ ପୋଷ୍ଟର, ପ୍ରଚାର ପୁସ୍ତିକା, କାର୍ଟୁନଚିତ୍ର ସହ ସୋସିଆଲ ମିଡ଼ିଆରେ ଅଭିଯାନ ଚଳାଇବେ ସରକାର ।

## ଇସ୍କନ ବିରୋଧରେ ...

ଏହାର ସୁରକ୍ଷା ପାଇଁ ପ୍ରତିବାଦ ଜୋର ହେବ ବୋଲି ପୂର୍ବରୁ ଚେତାବନୀ ଦେଇଥିଲା କଳିଙ୍ଗ ସେନା। ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମଧ୍ୟ ଇସ୍କନର ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏହି ବିବାଦରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଦୁଇ ଦିନ ତଳେ ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ଗଜପତିଙ୍କ ଅନୁରୋଧକୁ ପ୍ରତିଖ୍ୟାନ କରିଥିଲା ଇସ୍କନ। ଏ ପ୍ରସଙ୍ଗରେ ସମସ୍ତ ଆଲୋଚନ ବନ୍ଦ କରାଗଲା ବୋଲି ମେଲ ଜରିଆରେ ସ୍ପଷ୍ଟ କରିଥିଲା। ଯାହାକୁ ନେଇ ଜଗନ୍ନାଥ ପ୍ରେମୀଙ୍କୁ ଲାଗିଛି ଶକ୍ତ ଆଘାତ।

## ବିଜେପିରେ...

ଏହାକୁ ବିରୋଧ କରିଥିଲେ ଓ ଅସନ୍ତୋଷ ଝାଡ଼ିଥିଲେ। ଏମିତିକି ନବୀନଙ୍କ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା ବୋଲି କୁହାଯାଇଥିଲା। ପ୍ରଭାତ ରଞ୍ଜନ ବିଶ୍ୱାଳ ୨୦୦୯ ଓ ୨୦୧୪ରେ ବିଜେଡି ଟିକେଟରେ କଟକ-ଚୌଦ୍ୱାର ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଚିଟ୍ ଫଣ୍ଡ କେସ୍‌ରେ ଫସି ସେ ବିବାଦୀୟ ହୋଇପଡ଼ିଥିଲେ। ୨୦୧୯ ଓ ୨୦୨୪ରେ ତାଙ୍କ ପୁଅ ବିଜେଡି ଟିକେଟ୍‌ରେ ଏହି ଆସନରୁ ବିଜୟୀ ହୋଇଥିଲେ।

## ତାମିଲନାଡୁରେ ଇଣ୍ଡି ମେଣ୍ଟ ...

ଡିଏମ୍‌କେ ସହିତ ବିଶ୍ୱାସଘାତକ କରିଛି। କଂଗ୍ରେସ କିନ୍ତୁ ଇଣ୍ଡି ମେଣ୍ଟ ଦୃଷ୍ଟିକୋଣରୁ ଜାତୀୟ ସ୍ତରର ସ୍ୱାର୍ଥକୁ ଦେଖି ପାରିଲା ନାହିଁ। ଏବେ ଏହା ଡିଏମ୍‌କେକୁ ମନେଇବାକୁ ଭିସିକେକୁ ପ୍ରତିନିଧି କରି ପଠାଇଛି। ମୋତେ ଲାଗୁନାହିଁ ଡିଏମ୍‌କେ ନେତୃବୃନ୍ଦ ଭିସିକେର ପ୍ରସ୍ତାବକୁ ଗ୍ରହଣ କରିବେ ଓ କେରଳ ଏବଂ ପଶ୍ଚିମବଙ୍ଗ ମଡେଲ ତାମିଲନାଡୁରେ କାମ କରିବ। ରାଜକୁମାର ଯୁକ୍ତି ଦେଇଥିଲେ ଯେ, ଟିଭିକେର ତୃତୀୟ ପ୍ରମୁଖ ଶକ୍ତି ଭାବରେ ଉଭା ହେବା ସହିତ ତାମିଲନାଡୁର ରାଜନୀତି ମୌଳିକ ଭାବରେ ପରିବର୍ତ୍ତନ ହୋଇଛି। କେରଳ ପରି ନୁହେଁ, ଯେଉଁଠାରେ ପ୍ରତିଯୋଗିତା ମୁଖ୍ୟତଃ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଓ ବାମପନ୍ଥୀ ନେତୃତ୍ୱାଧୀନ ଏଲଡିଏଫ୍ ମଧ୍ୟରେ ରହିଥିଲା। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଓ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଥିଲା ପରେ ବିଜେପି ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛି। କଂଗ୍ରେସ ସାଂସଦ ଜ୍ୟୋତିମନି କହିଛନ୍ତି, ବିଜେପି ବିରୋଧରେ ଲଢ଼ିବାକୁ ହେଲେ ବିରୋଧୀଙ୍କ ମଧ୍ୟରେ ଏକତା ଆବଶ୍ୟକ। ଅନ୍ୟପକ୍ଷରେ ଡିଏମକେ ପ୍ରବକ୍ତା ଟିକେଏସ୍ ଏଲନଗୋଭନ କହିଛନ୍ତି, ଭିସିକେକୁ ପ୍ରଥମେ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ବୁଝାଇ ରାଜି କରାନ୍ତୁ, କାରଣ ବିଜୟ ସର୍ବଦା ଡିଏମ୍‌କେକୁ ତାଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ବୋଲି କହିଆସିଛନ୍ତି।

# ରୂପ୍ସା ସତ୍ୟସାଇ ସେବା ସଙ୍ଗଠନର ଅମୃତ ବିନ୍ଦୁ କାର୍ଯ୍ୟକ୍ରମ: ୫୮ ୟୁନିଟ ରକ୍ତ ସଂଗ୍ରହ



ରୂପସା , ୧୨/୭ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସା ସତ୍ୟସାଇ ସେବା ସଙ୍ଗଠନ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ସହଯୋଗରେ ସତ୍ୟସାଇ ମନ୍ଦିର ପରିସରରେ ଅମୃତ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମୁଖ୍ୟ ଅତିଥି ବାଲେଶ୍ୱର ସାଇ ସମିତିର ପ୍ରାକ୍ତନ ଆବାହକ ପ୍ରଫୁଲ୍ଲ କୁମାର ରାଉତ, ରୂପସା ସତ୍ୟସାଇ ସେବା ସଙ୍ଗଠନର ପ୍ରାକ୍ତନ ଆବାହକ ଉମେଶ ଚନ୍ଦ୍ର ନାୟକ, ଆବାହକ ପର୍ଶୁରାମ ବେହେରା, ପ୍ରାକ୍ତନ ଶିକ୍ଷକ ରାଜେନ୍ଦ୍ର ନାଥ ଖମାରୀ, ମାୟାଧର ପାଣି, ନିହାର ରଞ୍ଜନ ବାରିକ ଓ ଓଡ଼ିଶା ରକ୍ତଦାତା ସଂଘର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଉଦଘାଟନ କରିବା ସହ ଲୋକ ମାନଙ୍କୁ ସ୍ୱେଚ୍ଛା ରକ୍ତଦାନର ମହତ୍ତ୍ୱ ଓ ଉପାଦେୟତା ସମ୍ପର୍କରେ ସଚେତନ ଓ ଉତ୍ସାହିତ କରିଥିଲେ । ଏହି ଶିବିରରେ ବାଲେଶ୍ୱରସ୍ଥିତ ଓଡ଼ିଶା ରକ୍ତକେନ୍ଦ୍ରର ବିଜୟ କୁମାର ପଟ୍ଟନାୟକ, ରାଜେଶ କୁମାର ମିଶ୍ର, ସତ୍ୟ ପ୍ରକାଶ ଦାଶ, ସହଯୋଗୀ ବିଦ୍ୟାଧର ସାହୁ ଓ ବିନୋଦ ବିହାରୀ ଦାସ ପ୍ରମୁଖ ଯୋଗଦେଇ ୫୮ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ପୂର୍ଣ୍ଣଚନ୍ଦ୍ର ସାହୁ, ଅନ୍ନପୂର୍ଣ୍ଣା ସାହୁ, ସୁଦାମ ସାହୁ, ଭଗବାନ ସାହୁ, ନାରାୟଣ ଧଳ, ଅର୍ଚ୍ଚନା ବେହେରା, ମୋନାଲିସା ମିସ୍ତ୍ରୀ, ଅଭିଷେକ ମିସ୍ତ୍ରୀ, ଭିକାରୀ ଚରଣ ନାୟକ, ଭକ୍ତିରାଣୀ ମହାନ୍ତି, ବିଧାନ ଚନ୍ଦ୍ର ରାୟ, ଭିକାରୀ ଚରଣ ମିସ୍ତ୍ରୀ, ଜଗନ୍ନାଥ ସ୍ୱାଇଁ, ପ୍ରାକ୍ତନ ଅଧକ୍ଷ ପ୍ରଫୁଲ୍ଲ କୁମାର ବେହେରା, ଗନ୍ଧମାର୍ଦ୍ଦନ ଦେହୁରୀ, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ବାଲିଆପାଳସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ପ୍ରେମାନନ୍ଦ ସେଠୀ, ଗାର୍ଗୀ ସାହୁ, ରଣଜିତ୍ ତପସ୍ୱୀ, ବୀଣାପାଣି ଗିରି ଓ ଦେବେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ରୂପସା ସତ୍ୟସାଇ ସେବା ସଙ୍ଗଠନର ସଦସ୍ୟ ରାଜେନ୍ଦ୍ର ନାଥ ଖମାରୀ ଶାନ୍ତି ପାଠ ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେପିରେ ସମସ୍ତେ ଏକ ହୋଇ କାମ କରୁଛନ୍ତି : ମନମୋହନ ସାମଲ

ଭୁବନେଶ୍ୱର, ୧୨/୭ (ନି.ପ୍ର): ଝାରସୁଗୁଡାରେ ବିଜେପି କନ୍ଦଳ ପ୍ରସଙ୍ଗରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଆମ ଦଳରେ ବିବାଦ ନାହିଁ କି ଝଗଡା ନାହିଁ । ଦଳରେ କୌଣସି କନ୍ଦଳ ନାହିଁ ।ଭାଇରଲ ଭିଡିଓକୁ ଆମେ ବିଶ୍ୱାସ କରୁନାହୁଁ ବାସ୍ତବ ସ୍ଥିତିକୁ ଯାଆନ୍ତୁ । ଅନେକ ଲୋକ କହୁଥିଲେ ଭାରତୀୟ ଜନତା ପାର୍ଟି ସରକାର କଣ କରିବ । ଲୋକ ଚାହିଁଲେ ସରକାର ହେଲା, ତେଣୁ ବାସ୍ତବ ସ୍ଥିତିକୁ ଯିବାକୁ ପଡିବ । ଗାଁ ଗହଳିରେ ଦେଖନ୍ତୁ ବାସ୍ତବ ସ୍ଥିତି କେମିତି ଅଛି । ଲୋକ ବିଜେପିକୁ ଭଲ ପାଉଛନ୍ତି କି ନାହିଁ ତାହା ଦେଖନ୍ତୁ । ସମସ୍ତେ ଏକ ହୋଇ କାମ କରୁଛନ୍ତି ।

# ବାଲେଶ୍ୱର ସହର ଉପକଣ୍ଠ ପାତ୍ରପଡ଼ା ଅଞ୍ଚଳରେ ଜନସାଧାରଣଙ୍କୁ ସାକ୍ଷାତ ସହ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କଲେ ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୧୨/୭ (ନି.ପ୍ର): ବିଶ୍ୱପ୍ରସିଦ୍ଧ ଚାନ୍ଦିପୁର ବେଳାଭୂମିର ପୁନରୁଦ୍ଧାର ସହ ବିକାଶ ପାଇଁ ରାଜ୍ୟ ସରକାରଙ୍କ ୧୧କୋଟି ଟଙ୍କାର ଅନୁଦାନରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଏହା ସହିତ ବୁଢ଼ାବଳଙ୍ଗ ନଦୀ ମୁହାଣ ବଳରାମଗଡି ଠାରେ ୭୫କୋଟି ଟଙ୍କା ଖର୍ଚ୍ଚରେ ନବ ନିର୍ମିତ ବୃହତ ଫିସିଂ ହାର୍ବର ମଧ୍ୟ କାର୍ଯ୍ୟକାରୀ ଅପେକ୍ଷାରେ ରହିଛି। ବାଲେଶ୍ୱର ସହରରୁ ମାତ୍ର ୧୪କିଲୋମିଟର ଦୂରରେ ଥିବା ଏହି ବେଳାଭୂମି ଓ ମୁହାଣ ପର୍ଯ୍ୟନ୍ତ ଗମନାଗମନର ବ୍ୟବସ୍ଥାକୁ ନେଇ ସବୁବେଳେ ଅଭିଯୋଗ ଉଠୁଥିବା ବେଳେ ଏହାର ପୂର୍ଣ୍ଣ କାଳୀନ ସମାଧାନ ପାଇଁ ସମ୍ପ୍ରତି ନିର୍ମାଣ ହେଉଛି ୪ଥାକିଆ ରାସ୍ତା। ବାଲେଶ୍ୱର ସହର ଉପକଣ୍ଠ ପାତ୍ରପଡ଼ା ଠାରୁ ଚାନ୍ଦିପୁର ପର୍ଯ୍ୟନ୍ତ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନସ୍ତରରେ ଚାଲିଛି । ଏହି ଅବସରରେ ରବିବାର ସକାଳେ ବିଧାୟକ ମାନସ କୁମାର ଦତ୍ତ ପାତ୍ରପଡ଼ା ଅଞ୍ଚଳରେ ଜନସାଧାରଣଙ୍କ ସହ ସାକ୍ଷାତ କରି ସେମାନଙ୍କ ସମସ୍ୟା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପାତ୍ରପଡ଼ାର ମୁଖ୍ୟ ରାସ୍ତା ଓ ଡ୍ରେନେଜ୍ ବ୍ୟବସ୍ଥାର ସମସ୍ୟା ଉପରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା ପୂର୍ବକ ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ସ୍ଥାନୀୟ ଅଞ୍ଚଳରେ ବର୍ଷା ଜଳ ନିଷ୍କାସନ ଜନସାଧାରଣଙ୍କ ଏକ ପ୍ରମୁଖ ସମସ୍ୟା ଭାବେ ଦେଖାଦେଇଥିବାରୁ ଏହାର ନିବାରଣ ପାଇଁ ଆବଶ୍ୟକତା ଅନୁଯାୟୀ ସୁବ୍ୟବସ୍ଥିତ ଡ୍ରେନେଜ ନିର୍ମାଣ ଉପରେ ବିଧାୟକ ଶ୍ରୀ ଦତ୍ତ ଗୁରୁତ୍ୱାରୋପ କରିଥିଲେ। ସହରର ଏକ ପ୍ରମୁଖ ରାସ୍ତା ଭାବେ ଚାନ୍ଦିପୁର ବେଳାଭୂମି ଏବଂ ବଳରାମଗଡ଼ି ଜେଟିକୁ ସଂଯୋଗ କରୁଥିବାରୁ, ଦୈନିକ ହଜାର ହଜାର ଲୋକ ଏହା ଉପରେ ନିର୍ଭରଶୀଳ ରହିଥାନ୍ତି । ଏହାର ଉନ୍ନତି ଦ୍ୱାରା ଯାତାୟାତ ବ୍ୟବସ୍ଥା ସୁଗମ ହେବା ସହିତ ପର୍ଯ୍ୟଟନର ବିକାଶ ଓ ମତ୍ସ୍ୟ ଉତ୍ପାଦନକୁ ନେଇ ସ୍ଥାନୀୟ ଅର୍ଥନୀତି ମଧ୍ୟ ଅଧିକ ସୁଦୃଢ଼ ହେବ ବୋଲି ବିଧାୟକ ଶ୍ରୀ ଦତ୍ତ ଆଶା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ଦାସ, ବେଣୁଧର ଦାସ, ଅମିତ ନାୟକ, ରୋଜାଲିନ ପାଣି, ରାଜକିଶୋର ବାରିକ, ଉମାକାନ୍ତ ମହାପାତ୍ର, ମନ୍ମୟ ଦାସ, ଦିବ୍ୟ ଗିରି, ତନ୍ମୟ ଜେନା, ରଂଜିତ ପୃଷ୍ଟି, ସନାତନ ବାରିକ, ବୁଦ୍ଧ ମହାପାତ୍ର ଓ ବଜାର କମିଟିର ସଦସ୍ୟ ମାନେ ବିଧାୟକଙ୍କ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

# ଲାୟନ୍ସ କ୍ଲବ ବାଲିଆପାଳ ପକ୍ଷରୁ ଚାଲିଥିବା ବନ ମହୋତ୍ସବ କାର୍ଯ୍ୟକ୍ରମ ଉଦଯାପିତ



ବାଲିଆପାଳ, ୧୨/୭ (ନି.ପ୍ର): ଲାୟନ୍ସ କ୍ଲବ ବାଲିଆପାଳ ପକ୍ଷରୁ ଗତ ୨ ତାରିଖ ଠାରୁ ଲଗାତର ଭାବେ ୧୦ ଦିନ ବ୍ୟାପୀ ଚାଲିଥିବା ବନ ମହୋତ୍ସବ କାର୍ଯ୍ୟକ୍ରମ ୧୨ ତାରିଖ ରବିବାର ଉଦଯାପିତ ହୋଇଯାଇଛି। କ୍ଲବର ୨୦୨୬-୨୭ ବର୍ଷ ପାଇଁ ନୂତନ ସଭାପତି ଲାୟନ ବ୍ୟୋମକେଶ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବନ ମହୋତ୍ସବ କାର୍ଯ୍ୟକ୍ରମ ଗତ ଜୁଲାଇ ୨ ତାରିଖରେ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ଫୁଲ ଫଳ ଗଛ ଲଗାଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା। ପର୍ଯ୍ୟାୟ କ୍ରମେ ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଏହି ବୃକ୍ଷ ରୁପଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇ ୧୨ ତାରିଖ ରବିବାର ବାଲିଆପାଳ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଗଛ ଲଗାଇ ବନ ମହୋତ୍ସବ କାର୍ଯ୍ୟକ୍ରମକୁ ଉଦଯାପିତ କରାଯାଇଥିଲା। କ୍ଲବର ସମ୍ପାଦକ ଲାୟନ ଗୟାରାମ ଗଙ୍ଗାଇ, ଉପସଭାପତି ଲାୟନ ଡ଼ଃ ସୁଶାନ୍ତ ଦାସ,କୋଷାଧ୍ୟକ୍ଷ ଭୁବନ ମୋହନ ପିଳା, ନୂତନ ଭାବେ ଡିଜି ଟିମକୁ ନିର୍ବାଚିତ ହୋଇଥିବା ରିଜନ ଚେୟାର ପର୍ଶନ (ଆରସି)ଲାୟନ ଅଜୟ କୁମାର ସାହୁ,ଲାୟନ ତରୁଣ କୁମାର ମହାପାତ୍ର,କ୍ଲବର ବରିଷ୍ଠ ସଦସ୍ୟ ଲାୟନ ଝାଡେଶ୍ୱର ପ୍ରଧାନ,ଲାୟନ ନବୀନ କୁମାର ପାତ୍ର,ଲାୟନ ଗୋପାଳ ଚନ୍ଦ୍ର ଜେନା,ଲାୟନ ସଞ୍ଜୟ କୁମାର ଜେନା,ଲାୟନ ଗୋବିନ୍ଦ ପ୍ରସାଦ ଦାସ,ଲାୟନ ଜାମିନିକାନ୍ତ ରାଉତ,ଲାୟନ ସୁନୀଲ କୁମାର ସି,ଲାୟନ ଅମିତ କୁମାର ପଟନାୟକ,ଲାୟନ ଡ଼ଃ ସୁରେଶ ପ୍ରଧାନ,ଲାୟନ ଇଂ ଦାମୋଦର ଗିରି ପ୍ରମୁଖ ପ୍ରତିଦିନ କାର୍ଯ୍ୟକ୍ରମରେ ଯୋଗଦେଇ ଗଛ ଲଗାଇ ବନ ମହୋତ୍ସ୍ୱ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ।ଲାୟନ୍ସ କ୍ଲବ ପକ୍ଷରୁ ପ୍ରତି ବର୍ଷ ଜୁଲାଇ ପ୍ରଥମ ସପ୍ତାହକୁ ବନ ମହୋତ୍ସବ କାର୍ଯ୍ୟକ୍ରମ ଭାବରେ ପାଳନ କରି ବୃକ୍ଷ ରୋପଣକୁ ବ୍ୟାପକ କରାଯାଇଥାଏ ବୋଲି ଆରସି ଲାୟନ ଶ୍ରୀ ସାହୁ କହିଥିଲେ। ଏହି ଅବସରରେ କ୍ଲବର ସଦସ୍ୟ ମାନେ ପ୍ରତିଦିନ ବିଭିନ୍ନ ବିଦ୍ୟାଳୟ, ଘରୋଇ ଅନୁଷ୍ଠାନ, ଛକ,ବଜାର ଓ ହାଟ ମାନଙ୍କରେ ଶତାଧିକ ବୃକ୍ଷ ରୋପଣ କରି ପ୍ରତ୍ୟେକ ବ୍ୟକ୍ତି ଅତି କମରେ ଗୋଟିଏ ଗଛ ଲଗାଇ ତାର ରକ୍ଷଣାବେକ୍ଷଣ କରିବା ଜରୁରୀ ବୋଲି ଜନ ସାଧାରଣଙ୍କୁ ବୁଝାଇ ଥିଲେ।

## ବିଭିନ୍ନ ବିଦ୍ୟାଳୟରେ ପରିଚାଳନା କମିଟି ଗଠିତ

ବାସୁଦେବପୁର, ୧୨/୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ପଞ୍ଚାୟତର ଖେଡୁଆଳପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇ ଯାଇଛି। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଜୁଲତା ମହାନ୍ତି ଓ ସହକାରୀ ଶିକ୍ଷକ ଶତ୍ରୁଘ୍ନ ପଣ୍ଡୁଆ ସମସ୍ତ ଦାୟିତ୍ୱ ସମ୍ପନ୍ନ କରିଥିଲେ। ଏହି ବିଦ୍ୟାଳୟରେ ୧୨ ଜଣ ସଦସ୍ୟ ମନୋନୀତ ହୋଇଛନ୍ତି। ସଦସ୍ୟ ମାନଙ୍କ ମଧ୍ୟରେ ରହିଛନ୍ତି ଦିଗମ୍ବର ଜେନା,ରଞ୍ଜୁଲତା ପୁହାଣ, ଗାୟତ୍ରୀ ପୁହାଣ, ଭାବଲକ୍ଷ୍ମୀ ନାୟକ, ମନୋରମା ବାରିକ୍,ମଞ୍ଜୁଲତା ପୁହାଣ,ପୂଜା ପୁହାଣ,ଦୀନବନ୍ଧୁ ପୁହାଣ, ସ୍ୱାତୀ ପୁହାଣ, କୌଶଲ୍ୟା ଭୋଇ, ଅକ୍ଷୟ କୁମାର ବାରିକ୍, ରୀତା ରାଣୀ ବାରିକ୍। ଏଥିରେ ସଭା ପରିଚାଳନା କରିଥିଲେ ରମାକାନ୍ତ ବାରିକ୍ ।ପରବର୍ତ୍ତୀ ପର୍ଯ୍ୟାୟରେ ସ୍କୁଲ ପରିଚାଳନା କମିଟି ସଭାପତି ଚୟନ କରାଯିବ ବୋଲି ସ୍ଥିର ହୋଇଛି । ସେହିପରି ଭାବେ କ୍ଷେମପୁର ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଗଠିତ ହୋଇଛି । ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁ ମୋହନ ପ୍ରଧାନ, ସି ଆର ସି ସି ମନୋଜ କୁମାର ଅଗସ୍ତି,ବୁଦ୍ଧିରାମ ସେଠି, ତପନ ରାଉତ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ବିଜୁ ଯୁବ ଜନତା ଦଳ ପକ୍ଷରୁ ରତିକାନ୍ତ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାସୁଦେବପୁର , ୧୨/୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟ କାଣୀଡିହି ଠାରେ ବିଜୁ ଯୁବ ଜନତା ଦଳ, ଭଦ୍ରକ ଜିଲ୍ଲାର ଉପ ସଭାପତି ଭାବେ ମନୋନୀତ ହୋଇ ଥିବାରୁ ଶ୍ରୀ ରତିକାନ୍ତ ପ୍ରଧାନ ଓରଫ ପିଣ୍ଟୁ ବାବୁଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ । ଏହି ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ଯୋଗ ଦେଇଥିଲେ ବିଜୁ ଜନତା ଦଳର ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ, ବରିଷ୍ଠ ନେତା ପ୍ରଫୁଲ୍ଲ ପଳିତା, ଉତ୍ତମ କୁମାର ବାରିକ୍, କୃଷ୍ଣ ଚନ୍ଦ୍ର ଘଡାଇ, ଜଗବନ୍ଧୁ ଖିଲାର, ପ୍ରଫୁଲ୍ଲ ବିଶ୍ୱାଳ,ଛାତ୍ର ନେତା କାଳନ୍ଦୀ ସାହୁ, ପବିତ୍ର ରଞ୍ଜନ ପୁହାଣ, ବିଜୟ ନାୟକ, କୁନା ମହାପାତ୍ର,ରମାକାନ୍ତ ଦାସ । କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କୁ ଏହି ସଭାରେ ସ୍ମରଣ କରା ଯାଇଥିଲା ଓ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଜନା ଓ ଲୋକ ପ୍ରିୟତା କୁ ବର୍ଣ୍ଣନା କରା ଯାଇଥିଲା। ଏହି ଉତ୍ସବରେ ରମାକାନ୍ତ ସେବା ଫାଉଣ୍ଡେସନ ଅଧକ୍ଷ ରତିକାନ୍ତ ପ୍ରଧାନ ଓରଫ ପିଣ୍ଟୁ ବାବୁଙ୍କୁ ସମସ୍ତେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ତାଙ୍କ ବକ୍ତବ୍ୟରେ କହିଲେ ଏହି ବିଜୁ ଜନତା ଦଳର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ। ତେଣୁ ସମସ୍ତେ ଏକତ୍ର ହୁଅନ୍ତୁ ଓ ପିଣ୍ଟୁ ବାବୁଙ୍କୁ ସହଯୋଗ କରନ୍ତୁ। ଏହି ଉତ୍ସବରେ ଯୁବ ନେତା ଦେବ ଦର୍ଶନ ଦାଶ ମଞ୍ଚ ସଂଯୋଜନା କରିଥିଲେ ଓ କୁନା ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବାସୁଦେବପୁର ବିଜୁ ଜନତା ଦଳ କାର୍ଯ୍ୟାଳୟରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଉପ ସଭାପତି ପିଣ୍ଟୁ ପ୍ରଧାନଙ୍କ ବାସ ଭବନରେ ପହଞ୍ଚିଥିଲା।

# କାଠଫାଳିଆରେ ପିଟିପିଟି ସ୍ତ୍ରୀର ଜୀବନ ନେଲା ନରରାକ୍ଷସ ସ୍ୱାମୀ

ନୀଳଗିରି, ୧୨/୭ (ନି.ପ୍ର): ପାରିବାରିକ କଳହରୁ ଜଣେ ମହିଳାଙ୍କୁ ପିଟିପିଟି ନିଜରସ୍ୱାମୀ ହତ୍ୟାକରିବା ଘଟଣା ନୀଳଗିରି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।ଅଭିଯୋଗପରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରାଯାଇଥିବା ବେଳେ ପୋଲିସ୍‌ର ତଦନ୍ତ ଜାରିରହିଛି । ସୂଚନା ମୁତାବକ ନୀଳଗିରି ବ୍ଲକ ଅଯୋଧ୍ୟା ପଞ୍ଚାୟତ ପ୍ରତାପପୁର ଗ୍ରାମର ରବି ସିଂ (୪୨) ଓ ତାଙ୍କ ସ୍ତ୍ରୀ ସୁମତୀ ସିଂ (୩୮)ଙ୍କ ମଧ୍ୟରେ କୌଣସି ବିଷୟକୁ ନେଇ ଶନିବାର ସନ୍ଧ୍ୟା ସମୟରେ କଳହ ହେବାସହ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା । ଉତ୍କ୍ଷିପ୍ତ ହୋଇ ରବି ସିଂ ତାଙ୍କର ସ୍ତ୍ରୀ ସୁମତୀ ସିଂଙ୍କ ମୁଣ୍ଡରେ କାଠଫାଳିଆରେ ବାଡେଇ ଦେଇଥିଲା। ଫଳରେ ସୁମତୀଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିଲା। ପ୍ରବଳ ରକ୍ତସ୍ରାବ ହେବାରୁ ଗୁରୁତର ହୋଇଥିଲା ବେଳେ ତୁରନ୍ତ ଏକ ଘରୋଇ ଆମ୍ବୁଲାନ ଯୋଗେ ପ୍ରଥମେ ନୀଳଗିରି ମେଡିକାଲକୁ ଅଣାଯାଇ ଚିକିତ୍ସା କରାଯାଇଥିଲା। ଅବସ୍ଥା ଉଦବେଗଜନକ ଥିବାରୁ ଡାକ୍ତର ତାଙ୍କୁ ରେମୁଣା ମେଡିକାଲକୁ ସ୍ଥାନାନ୍ତର କରିଥିଲେ।ରେମୁଣା ମେଡିକାଲ ନେଉଥିବା ରାସ୍ତାରେ ସୁମତୀଙ୍କ ମୃତ୍ୟୁ ହେବାରୁ ପରିବାର ଲୋକେ ଘରକୁ ନେଇଆସିଥିବା ସୂଚନା ମିଳିଛି। ରବିବାର ସକାଳେ ନୀଳଗିରି ଥାନାରେ ମୃତକ ମହିଳାଙ୍କ ଭାଇ ରାଉଳ ଗୋଛାୟତ ଭିଣୋଇ ରବି ସିଂ ଙ୍କ ନାମରେ ପିଟିପିଟି ମାରିଦେଇଥିବାର ପୋଲିସରେ ଅଭିଯୋଗ କରିଥିଲେ। ଏନେଇ ନୀଳଗିରି ପୋଲିସ ପକ୍ଷରୁ ୩୦୬/୨୬ ନଂ ମାମଲା ରୁଜୁକରି ସ୍ୱାମୀଙ୍କୁ ଗିରଫକରି ଅଧିକ ତଦନ୍ତ ଜାରିରଖିଛି।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନ ମଜୁରିଆ ହୀରା ସିଂଙ୍କ ପରିବାର



ଉଦଳା , ୧୨/୭ (ନି.ପ୍ର): କପ୍ତିପଦା ବ୍ଲକର କୋଳିଅଳମ ପଂଚାୟତ ଅନ୍ତର୍ଗତ କଦମଶୋଳ ଗ୍ରାମରେ ବସବାସ କରୁଥିବା ଦିନମଜୁରିଆ ହିରା ସିଂଙ୍କ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ହିରା ସିଂ ଏବଂ ତାଙ୍କର ସ୍ୱାମୀ ଜୟରାମ ସିଂ ଓ ୫ ଜଣ ପିଲା ପିଲିଙ୍କୁ ମିଶାଇ ପରିବାରର ମୋଟ ସଦସ୍ୟ ୭ ଜଣ ଅଟନ୍ତି । ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ନପାଇ ଏହି ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର କଥା ଅଭିଯୋଗ କରୁଛନ୍ତି । ଖବର ନେବାରୁ କେବଳ ହିରା ସିଂ ଙ୍କୁ ଛାଡ଼ିଦେଲେ ପରିବାରର ଅନ୍ୟ କୌଣସି ସଦସ୍ୟଙ୍କର ଆଧାର କାର୍ଡ଼ ନାହିଁ । ଆଧାର ପାଇଁ ପରିବାରର ସମସ୍ତ ସଦସ୍ୟ ବାରମ୍ବାର ଫଟୋ ଉଠାଉଥିଲେ ମଧ କାର୍ଡ଼ କାହିଁକି ଆସୁନାହିଁ ତାହା ପରିବାର ଲୋକଙ୍କୁ ଜଣା ନଥିବାର କଥା କହିଛନ୍ତି । ସେହିପରି ଆବାସ ଯୋଜନାରେ ଘର ଓ ପାଇଖାନା ମଧ୍ୟ ମିଳିନାହିଁ ବୋଲି ହିରା ସିଂ ଜଣାଇଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

ସୋମବାର, ଜୁଲାଇ ୧୩, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଟାଉନ ହାଇସ୍କୁଲ ଆଲମୁନିର ଦ୍ୱିତୀୟ ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୧୨/୭ (ନି.ପ୍ର): ବାଲେଶ୍ୱର ଟାଉନ ହାଇସ୍କୁଲ ଆଲମୁନିର ଜୁଲାଇ ମାସର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଆଲମୁନି ସଭାପତି ଶ୍ରୀ ସୁବ୍ରତ କରଙ୍କ ସଭାପତିତ୍ୱ ରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଆଲମୁନି ର ବାର୍ଷିକ ଉତ୍ସବ କେଉଁ ଦିନ ହେବ ସେ ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ କଥା ହୋଇ ପରବର୍ତ୍ତୀ ବୈଠକ ରେ ଏହାକୁ ଅନୁମୋଦନ କରାଯିବ। ପିଲାମାନଙ୍କ ଭିତରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ ଆଲମୁନି ବାର୍ଷିକ ଉତ୍ସବ ରେ କରାଯିବ। ଆଲମୁନି ଦ୍ୱାରା ବିଦ୍ୟାଳୟ ପରିସରରେ ଏକ ହେଲଥ କ୍ୟାମ୍ପ କରାଯିବା ପାଇଁ ସ୍ଥିର ହେଲା । ନୂତନ ସଦସ୍ୟ ଭାବେ ଶ୍ରୀ ସତ୍ୟ ସୁନ୍ଦର ମହାପାତ୍ରଙ୍କୁ ସ୍ୱାଗତ କରାହେଲା । ଶେଷରେ ଆଲମୁନି ସମ୍ପାଦକ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଭଦ୍ରକରେ ବରିଷ୍ଠ ନାଗରିକଙ୍କ ପାଇଁ ବିନୋଦନ କେନ୍ଦ୍ରର ଭୂମିପୂଜନ



ଭଦ୍ରକ, ୧୨/୭ (ନି.ପ୍ର): ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ଦ୍ୱାରା ଆୟୋଜିତ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକ ମାନଙ୍କ ପାଇଁ ବରିଷ୍ଠ ବିନୋଦନ କେନ୍ଦ୍ର, ଡଗମୁଣ୍ଡ, ବାଗୁରାଇ ୱାର୍ଡ ନଂ ୮ ନିକଟ ଭଦ୍ରକ ଆନନ୍ଦପୁର ରାଜ୍ୟ ରାଜପଥ ପାର୍ଶ୍ୱରେ ମହାନଦୀ କୋଲ ଫିଲଡ଼ ଲିମିଟେଡ଼ (ଗ. ଉ. ଖ.)ଆର୍ଥିକ ସହାୟତା ରେ ଏକ ନବନିର୍ମିତ ବିନୋଦନ କେନ୍ଦ୍ରର ଶୁଭ ଭୂମିପୂଜନ କାର୍ଯ୍ୟକ୍ରମ ଓ ସାଧାରଣ ସଭା ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି ଓ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଉପସ୍ଥିତ ଅତିଥି ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭଦ୍ରକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଡ଼ଃ ଦିଲୀପ ରାଉତରାଏ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ଦ୍ୱାରା ସଭା ଓ ଭୂମିପୂଜନ କରାଯାଇଥିଲା। ଉକ୍ତ ବିନୋଦନ କେନ୍ଦ୍ର ନିର୍ମାଣ ପାଇଁ ଆବଶ୍ୟକୀୟ ଡ଼ି. ପି. ଆର. ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ସାଧାରଣ ପରିଚାଳକ ଏମ. ସି. ଏଲ. ବୁର୍ଲ୍ଲା ଙ୍କୁ ୧୬/୪/୨୦୨୬ ଚିଠି ଦ୍ୱାରା ଅବଗତ କରାଯାଇଛି ବୋଲି ଆଜିର ସଭାରେ ଜିଲ୍ଲାପାଳ ପ୍ରକାଶ କଲେ ଓ ଖୁବଶୀଘ୍ର ଅନୁଦାନ ରାଶି ମିଳିଗଲେ। ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା। ସାଂସଦ ଆସନ୍ତା ୨୦୨୭ ମସିହାରେ ଆପଣମାନଙ୍କ ଉଦ୍ଦେଶ୍ୟରେ ଏହା ସମ୍ପୂର୍ଣ୍ଣ କରିବାକୁ ସମସ୍ତ ଚେଷ୍ଟା ଜାରି ରଖିବି, ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ତାଙ୍କର ବକ୍ତବ୍ୟ ରଖିଲେ କି ଜିଲ୍ଲାର ସମ୍ମାନସ୍ପଦ ବୟୋଜ୍ୟେଷ୍ଠ ମାନଙ୍କ ପାଇଁ ଆମ ସରକାର ଓ ଆମ ଜିଲ୍ଲାର ମାନନୀୟ ମନ୍ତ୍ରୀ, ରାଜ୍ୟ ସଭା ସାଂସଦଙ୍କ ସହ ମିଶି ଏ ପ୍ରକଳ୍ପଟି ଖୁବ ଶୀଘ୍ର ଆପଣଙ୍କୁ ଜିଲ୍ଲା ପ୍ରଶାସନ ଜରିଆରେ ଉତ୍ସର୍ଗ କରିବୁ। ଆମ ସରକାର ଲୋକଙ୍କ ଆଶୀର୍ବାଦର ସରକାର, ଏହାକୁ ପାଥେୟ କରି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମମାନ ଆଗେଇନେବୁ। ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତ ବରିଷ୍ଠଙ୍କ ସମେତ ମଞ୍ଚାସୀନ ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ବରିଷ୍ଠ କିରାଣୀ ବିଦୁସଙ୍କର ନାୟକ, ମହାସଂଘ କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ଉପସଭାପତି ସଚିକାନ୍ତ ପଣ୍ଡା, ସହସମ୍ପାଦକ ବିଭୁତି ଭୂଷଣ ସେନାପତି, ବିଜୟ ସେନାପତି, ବିଚିତ୍ରାନନ୍ଦ ମହାନ୍ତି, ରାଧାରାଣୀ ମହାପାତ୍ର, ଡା. ଭଗବାନ ପରିଡା, ଭାଗବତ ତ୍ରିପାଠୀ, ଦିଲ୍ଲୀପ ନାୟକ, ଲକ୍ଷ୍ମଣ ନାୟକ, ସୁଧାକର ରାଉତ, ଅଖିଳ ପାଢ଼ୀ, ଶାନ୍ତନୁ ରାଉତ,ରାମଚନ୍ଦ୍ର କର, ଜିଲ୍ଲା ସ୍ତରରୁ ଅତୁଲ ପରିଡା, ଗୋପନାରାୟଣ ଦାସ, ମହେଶ୍ୱର ବେହେରା, ଭାସ୍କର ଚନ୍ଦ୍ର ପାଢ଼ୀ, ଭାଗିରଥି ବେହେରା, ଲକ୍ଷ୍ମୀଧର ସାହୁ, ପିତାମ୍ବର ରାଉତ, ମଦନ ମହାକୁଡ଼ ସମେତ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ସୁସ୍ଥ ହେଲେ ମହାବାହୁ: ଘୋଷଯାତ୍ରା ପାଇଁ ତୃତୀୟ ଶ୍ରୀକ୍ଷେତ୍ର ହେଲା ଚଳଚଂଚଳ



ନୀଳଗିରି, ୧୨/୭ (ନି.ପ୍ର): ସ୍ନାନପୂର୍ଣ୍ଣିମାରେ ୧୦୮ଗରା ଜଳରେ ସ୍ନାନକରି ଜ୍ୱରରେ ପୀଡିତ ହୋଇ ଅଣବସରରେ ଥିଲେ ଚତୁର୍ଦ୍ଧାମୂର୍ତ୍ତୀ। ସେବାୟତଙ୍କ ସେବାଯତ୍ନ ପରେ ଆଜି ସୁସ୍ଥହୋଇଛନ୍ତି ଶ୍ରୀଜୀଉ । ସୁସ୍ଥହେଲା ପରେ ରାଜପ୍ରସାଦ ଯାଇ ନୀଳଗିରିର ରାଜା ଜୟନ୍ତଚନ୍ଦ୍ର ମର୍ଦ୍ଦରାଜ ଏବଂ ରାଣୀ ମନୋଜାମଞ୍ଜରୀ ଦେବୀଙ୍କୁ ଭେଟି ସୁସ୍ଥଖବର ଜଣାଇଛନ୍ତି ଜଗନ୍ନାଥ ମନ୍ଦିରର ସେବାୟତ। ଆଜି ହେଉଛି ଶ୍ରୀଜିଉଙ୍କ ଅଣବସରର ଦ୍ୱାଦଶୀତିଥି। ଏହି ଅବସରରେ ଚାଲିଛି ରାଜପ୍ରସାଦ ବିଜେ ନୀତି। ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୁପ୍ତ ଉପଚାର ପରେ ଜ୍ୱରରେ ପୀଡ଼ିତ ଶ୍ରୀଜିଉ ଏବେ ସମ୍ପୂର୍ଣ୍ଣ ସୁସ୍ଥ। ମହାପ୍ରଭୁଙ୍କ ନବଯୌବନପ୍ରାପ୍ତି ପୂର୍ବରୁ ଅଣସର ପିଣ୍ଡିରେ ଚାଲିଥିଲା ଗୋପନ ସେବା। ଗତକାଲି ମହାପ୍ରଭୁଙ୍କ ଅଣସର ନୀତି ଚକାଉପରେ ସଂପନ୍ନ ହୋଇଥିଲା। ବିଳମ୍ବିତ ରାତିରେ ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନନୀତି ଅନୁଷ୍ଠିତ ହୋଇଯାଇଛି। ଚକାଉପରେ ବିଜେ ଅବସ୍ଥାରେ ମହାପ୍ରଭୁ ନାଲିରଙ୍ଗର ବସ୍ତ୍ର ପରିଧାନ କରିଛନ୍ତି। ଆଜି ସନ୍ଧ୍ୟା ଆରତି ନୀତି ସଂପନ୍ନପରେ ଅସୁସ୍ଥ ମହାପ୍ରଭୁ ସୁସ୍ଥ ଅନୁଭବ କରୁଛନ୍ତି। ମହାପ୍ରଭୁଙ୍କ ପସନ୍ଦର ତୁଳସୀ ବି ଶ୍ରୀଅଙ୍ଗରେ ଲାଗି ହୋଇଥିବା କହିଛନ୍ତି ସେବାୟତ।ଏହି ନୀତି ଅବସରରେ ବ୍ରହ୍ମା ପୁଣ୍ୟଶ୍ଳୋକ ନନ୍ଦ,ବ୍ରହ୍ମା ସରୋଜ କୁମାର ନନ୍ଦ,ବ୍ରହ୍ମା ଦେବେନ୍ଦ୍ର କୁମାର ନନ୍ଦ,ରୂପେଶ ଶତପଥୀ,ପୂର୍ଣ୍ଣଚନ୍ଦ୍ର ପଣ୍ଡା,ରାଜଗୁରୁ ରବୀନ୍ଦ୍ର ମହାପାତ୍ର,ପ୍ରହରାଜ ହରନାରାୟଣ ନନ୍ଦ ,ପୂଜକ ହରିବନ୍ଧୁ କର,ସଙ୍ଗୀତ ଆଚାର୍ଯ୍ୟ ,ଚୂନରାସେବକ ଦେବାଶିଷ ଦାଶ, ଖୁଣ୍ଟିଆସେବକ ଖଗେନ୍ଦ୍ର ବେହେରା,ଦିହୁଡୀ ସେବକ ଉପେନ୍ଦ୍ର ଦାଶ,ଠାକୁରମହଲ କର୍ମଚାରୀ ରମେଶ ଦାସ,ନିରଞ୍ଜନ ମହାପାତ୍ର,ରଶ୍ମିରଞ୍ଜନ ରାଉତ,ରଶ୍ମିରଞ୍ଜନ କର,ନବକିଶୋର ପରିଛା,ଶୁକୁରାଦାସବାବୁ ,ଘଣ୍ଟୁଆ ,କାହାଳିଆ,ଛତ୍ରଧାରୀ ,ତ୍ରାସଧାରୀ, ପାଲିଙ୍କିଆ ,ବାଜାଦାର ଏବଂ ସମସ୍ତ ସେବାନିଯୋଗ ଓ ଅବସରପ୍ରାପ୍ତର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ

ଖୋରଧା , ୧୨/୭ (ନି.ପ୍ର): ଖୋରଧା ରୋଟାରୀ କ୍ଲବ ଦ୍ୱାରା ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ଆୟୋଜିତ ହୋଇଥିଲା। ଅପଥଲୋଜିଷ୍ଟ ଦେବବ୍ରତ ଶ୍ରୀଚନ୍ଦନ ୩୪ ଜଣ ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ଏବଂ ରୋଟାରୀ କ୍ଲବ ତରଫରୁ ଚଷମା ପ୍ରଦାନ କରାଯାଇଥିଲା। ଉଭୟ ଅନୁଷ୍ଠାନର ଉପଦେଷ୍ଟା ଦେବ ପ୍ରସାଦ ମଜୁମଦାର ଶିବିରକୁ ଉଦଘାଟନ କରି ପ୍ରକାଶ କରିଥିଲେ କି ରୋଟାରୀ କ୍ଲବ ଭୁବନେଶ୍ୱରସ୍ଥିତ ହସ୍ପିଟାଲରେ ନିଶୁଳ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ଆୟୋଜନ କରୁଛି ଏବଂ ଆଗ୍ରହୀ ବ୍ୟକ୍ତି ଏଥି ପାଇଁ ଖୋରଧା ରୋଟାରୀ କ୍ଲବ ସହିତ ଯୋଗାଯୋଗ କରନ୍ତୁ । ଚକ୍ଷୁ ଦାନ ଏକ ମହତ କାର୍ଯ୍ୟ । ମୃତ୍ୟୁ ପରେ ଚକ୍ଷୁ ଦାନ କଲେ ମୃତ ବ୍ୟକ୍ତି ତାଙ୍କ ଚକ୍ଷୁ ମାଧ୍ୟମରେ ଅନ୍ୟ ଜଣଙ୍କୁ ବିଶ୍ୱ ଦେଖାଇଥାନ୍ତି ଏବଂ ନିଜେ ଆଉ କିଛି ବର୍ଷ ବଞ୍ଚି ରହିଥାନ୍ତି । ଚକ୍ଷୁ ଦାନ ପାଇଁ ଖୋରଧା ରୋଟାରୀ କ୍ଲବ ଓ ବରିଷ୍ଠ ନାଗରିକ ମଞ୍ଚର ମିଳିତ ଉଦ୍ୟମରେ ଆସନ୍ତା ମାସରେ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ । ଫଳ ସ୍ୱରୂପ ଶହ ଶହ ସଂଖ୍ୟାରେ ଦୃଷ୍ଟି ଶକ୍ତିରୁ ବଞ୍ଚିତ ବ୍ୟକ୍ତି ଉପକୃତ ହୁଅନ୍ତେ । ମଞ୍ଚର ଉପସଭାପତି ରତ୍ନାକର ରଣସିଂହ, ସମ୍ପାଦକ ରାମଶଙ୍କର, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ ଖୋରଧା ରୋଟାରୀ କ୍ଲବର ସଭାପତି ସଞ୍ଜୟ ବର୍ମନ, ସମ୍ପାଦିକା ଶୁଚିସ୍ମିତା ପରିଜା, ଖୋରଧା ପୌର ପରିଷଦ ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ରୋଟାରୀ କ୍ଲବର ବରିଷ୍ଠ ସଦସ୍ୟା ନିରୁପମା ମିତ୍ର ଏବଂ ମଞ୍ଚର କର୍ମକର୍ତ୍ତା ଶିବିରରେ ଯୋଗ ଦେଇଥିଲେ। ମଞ୍ଚର ସହ ସମ୍ପାଦକ କ୍ଷେତ୍ରବାସୀ ସାହୁ, ନବୀନ ସମାନ୍ତସିଂହାର, ଗଦାଧର ଗୋଛିଙ୍କ ସହିତ ରତିକାନ୍ତ ପଟ୍ଟନାୟକ, ମାୟାଧର ପ୍ରଧାନ, ରମେଶ ଚନ୍ଦ୍ର ଦାଶ ପ୍ରମୁଖ ଶୃଙ୍ଖଳିତ ଭାବେ ଶିବିର ପରିଚାଳନା କରିଥିଲେ।

# ବସ୍ତା ବ୍ଲକରେ ବିଜେଡି ତୃଣମୂଳସ୍ତରରୁ ଗୋଟାଉଛି ବଳ



ବସ୍ତା, ୧୨/୭ (ନି.ପ୍ର): ଆଗାମୀ ପଞ୍ଚାୟତ ନିର୍ବାଚନ କୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳ (ବିଜେଡି) ବସ୍ତା ବ୍ଲକରେ ସଙ୍ଗଠନକୁ ତୃଣମୂଳ ସ୍ତରରୁ ଅଧିକ ସୁଦୃଢ଼ କରିବା ପାଇଁ ଅଭିଯାନ ଆରମ୍ଭ କରିଛି। ଏହାର ଅଂଶ ସ୍ୱରୂପ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ ସଭାପତିମାନଙ୍କୁ ନେଇ ବୈଠକ ଆୟୋଜନ କରାଯିବା ସହ ପଞ୍ଚାୟତ ସ୍ତରୀୟ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ରବିବାର ପୂର୍ବାହ୍ନ ୧୧ଟାରେ ବସ୍ତା ବ୍ଲକ ମଥାନୀ କଟିପୋଲସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି ବୈଠକରେ ବସ୍ତା ବ୍ଲକ ସଭାପତି ଓ ନିର୍ବାଚନ ମଣ୍ଡଳୀ ସଂଯୋଜକ ମହାଦେବ ଦାସ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ରାଜ୍ୟ ଉପସଭାପତି ରଘୁନାଥ ମହାନ୍ତି ଏବଂ ୧୪ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବୁଗୁଡ଼ି ପ୍ରମୁଖ ଉପସ୍ଥିତ ରହିଥିଲେ। ସେମାନେ ତୃଣମୂଳ ସ୍ତରରେ ସଂଗଠନକୁ ଆହୁରି ସକ୍ରିୟ ଓ ସୁଦୃଢ଼ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ସଫଳତା ଦେବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଜଣାଇଥିଲେ। ବୈଠକରେ ବସ୍ତା ବ୍ଲକର ୩୧ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ,ପଞ୍ଚାୟତ ସଭାପତି ଓ ବହୁ ବିଜେଡି କର୍ମୀ ଯୋଗଦେଇ ସଂଗଠନକୁ ଅଧିକ ମଜବୁତ କରିବା ଏବଂ ଘରେ ଘରେ ଦଳର ବାର୍ତ୍ତା ପହଞ୍ଚାଇବାକୁ ସଂକଳ୍ପ ନେଇଥିଲେ।

# 'ଯୁଗଶ୍ରୀ ଯୁଗନାରୀ'ର 'ମେଘମହ୍ଲାର' କବିତା ପାଠୋତ୍ସବ ଓ ପତ୍ରିକା ଉନ୍ମୋଚନ



ବାଲେଶ୍ୱର, ୧୨/୭ (ନି.ପ୍ର): ପ୍ରତିବର୍ଷ ପରି ଚଳିତବର୍ଷ ମଲ୍ଲିକାଶପୁର ସ୍ଥିତ ଶାନ୍ତିକାନନଠାରେ ମାସିକ ମହିଳା ସାହିତ୍ୟ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ' ଓ 'ଫକୀରମୋହନ ସାହିତ୍ୟ ପରିଷଦ'ର ମିଳିତ ଆନୁକୂଲ୍ୟରେ 'ମେଘମହ୍ଲାର' ସାରସ୍ୱତ ସମାବେଶ ଓ ମୌସୁମୀ କବିତା ଆସର ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରେଭେନ୍‌ସା ମହାବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କହିଲେ ପରିବେଶ ସବୁବେଳେ ସୃଜନଶୀଳତାକୁ ପ୍ରଭାବିତ କରେ। କବି କବିତା ମାଧ୍ୟମରେ ହିଁ ସମାଜକୁ ଯୋଡ଼ିବାକୁ ଚେଷ୍ଟାକରେ। 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ସମ୍ପାଦିକା ମମତା ମହାପାତ୍ର କାଳଜୟୀ କବିମାନଙ୍କର ବର୍ଷା କବିତାର ଉଦାହରଣ ଦେଇ 'ମେଘମହ୍ଲାର' କବିତା ପାଠୋତ୍ସବର ଆଭିମୁଖ୍ୟ ବର୍ଣ୍ଣନା କରି କହିଲେ ଏହି କବିତା ପାଠୋତ୍ସବ ନୂତନ କବିମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାର ଏକ ମାଧ୍ୟମ। ମୁଖ୍ୟବକ୍ତା ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଲେ ଯେ ହୃଦୟକୁ ଯାହା ଭଲ ଲାଗେ ତାହା ହିଁ ଉତ୍କୃଷ୍ଟ କବିତା। ଅନ୍ୟତମ ସମ୍ମାନିତ ଅତିଥି ଶ୍ରୀମତୀ ଗୀତାଞ୍ଜଳି ମିଶ୍ର କହିଲେ ମନୁଷ୍ୟ ଜୀବନରେ ନୈତିକତା ହିଁ ସବୁଠାରୁ ବଡ଼କଥା। ଫକୀରମୋହନଙ୍କ ଲେଖା ସବୁ ସମୟରେ ସମାଜର ମୂଲ୍ୟବୋଧ ଉପରେ ଆଧାରିତ। ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆହ୍ୱାନ କରିଥିଲେ ଓ 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ସହସମ୍ପାଦିକା ଡ. ପ୍ରଭାବତୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ୍ ସୂଚନା ଦେଇଥିଲେ। ଏହି ଅବସରରେ ପତ୍ରିକାର ଜୁଲାଇ-୨୦୨୬ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପତ୍ରିକାର ପ୍ରଚ୍ଛଦପଟ ମଣ୍ଡନ କରିଥିବା ଶ୍ରୀମତୀ ଗୀତାଞ୍ଜଳି ମିଶ୍ରଙ୍କ ସାକ୍ଷାତକାର ଉପରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ ପତ୍ରିକାର ଉପଦେଷ୍ଟା ସୁଶ୍ରୀ ଗୀତାଞ୍ଜଳି ସିଂହ।ଏହି ସଭାରେ ଆୟୋଜିତ କବିତା ପାଠୋତ୍ସବକୁ କବୀ ଜ୍ୟୋତ୍ସ୍ନା ରାୟ ଓ କବି ମଧୁସୂଦନ ମିଶ୍ର ସଂଯୋଜନା କରିଥିଲେ। କବି ଅଞ୍ଜଳି ପଣ୍ଡା, ଶିରୀଶ ଚନ୍ଦ୍ର ଜେନା, ମିନତି କର, ଡ. ରମାକାନ୍ତ ନାୟକ, ନୀରଦ ସୁନ୍ଦର ଜେନା, ଲକ୍ଷ୍ମଣ ଚରଣ ବିଶ୍ୱାଳ, ଜୁମର ନାଥ ପାତ୍ର, ବିନିତା ସାହୁ, ଦୀନବନ୍ଧୁ ଲେଙ୍କା, ତାମସୀ ପାଣିଗ୍ରାହୀ, ମଧୁସୂଦନ ମାଝୀ, ପିତାମ୍ବର ଦାସ, ପ୍ରଭାକର ସାହୁ (ଖ), ଗୀତାଞ୍ଜଳି ଶତପଥି, ଦିଲ୍ଲୀପ ଚକ୍ରବର୍ତ୍ତୀ, ଗଗନ ସେଠୀ, ପ୍ରତିମା ପଣ୍ଡା, ଅର୍ଚ୍ଚନା ନନ୍ଦୀ, ସୁଷମା ମହାପାତ୍ର ପ୍ରମୁଖ ବହୁ କବି ଯୋଗଦାନ କରି ସ୍ୱରଚିତ କବିତା ପାଠ କରିଥିଲେ। ସଭାପ୍ରାରମ୍ଭରେ ପଣ୍ଡିତ ସଞ୍ଜୟ ପଣ୍ଡା ବେଦପାଠ କରିଥିବାବେଳେ ଅତିଥିମାନେ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପପ୍ରଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ଫକୀରମୋହନ ସାହିତ୍ୟ ପରିଷଦର ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ, ବାସନ୍ତୀ ଦେ, ଅର୍ଚ୍ଚନା କର, ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ପୁଷ୍ପଲତା ଚକ୍ରବର୍ତ୍ତୀ, ଶାନ୍ତି ବିଶି ଓ ପ୍ରିୟାରାଣୀ ମଲ୍ଲିକ ଗାନ କରିଥିଲେ। ସଭା ପରିଚାଳନାରେ କୋଷାଧ୍ୟକ୍ଷ ତପନ ରାୟ, କମଳାକାନ୍ତ ଦାଶ, କ୍ରିଷ୍ଣା ସାହା, ସନ୍ଦୀପ କୁମାର ସିଂହ, ବସନ୍ତ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ। ଏଥିରେ ଶତାଧିକ ସାରସ୍ୱତପ୍ରେମୀ ଯୋଗଦେଇ ଉତ୍ସବକୁ ସାଫଲ୍ୟମଣ୍ଡିତ କରିଥିଲେ। ସ୍ମୃତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ବାଦିକ ସ୍ୱର୍ଗତଃ ଅମରେନ୍ଦ୍ରଲାଲଙ୍କ ସ୍ମୃତିରେ ରକ୍ତଦାନ ଶିବିର : ୫୪ୟୁନିଟ ରକ୍ତ ସଂଗୃହୀତ



ବାରିପଦା, ୧୨/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକଙ୍କ 'ଭୀଷ୍ମ ପିତାମହ' ସ୍ୱର୍ଗତଃ ଅମରେନ୍ଦ୍ରଲାଲ ବୋଷଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଶନିବାର ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଜିଲ୍ଲା ସାମ୍ବାଦିକ ପରିବାର, ମୟୂରଭଞ୍ଜ ପକ୍ଷରୁ ଆୟୋଜିତ ଶିବିରକୁ ଜିଲ୍ଲାପାଳ ହେମକାନ୍ତ ସୟ ଉଦଘାଟନ କରିବା ସହିତ ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ତାଙ୍କ ସହିତ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଯୋଗଦେଇ ନିଜେ ରକ୍ତଦାନ କରି ଦିବଂଗତ ଶ୍ରୀ ବୋଷଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର ମୁନ୍ଦୟାଙ୍କ ଉପସ୍ଥିତିରେ ବରିଷ୍ଠ ସାମ୍ବାଦିକ କଲ୍ୟାଣ କୁମାର ସିହ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, କଳିଙ୍ଗ କେଶରୀ ଜେନା, ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦାସ, ସୁକାନ୍ତ କୁମାର ଜିଉ ଓ ସମାଜସେବୀ ଅମରସେଠୀ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା କୋଣ ଅନୁକୋଣରୁ ସାମ୍ବାଦିକ ଓ ସ୍ୱେଚ୍ଛାକୃତ ରକ୍ତ ଦାତା ରକ୍ତ ଦାନ କରି ସ୍ୱର୍ଗତ ଅମରେନ୍ଦ୍ର ଲାଲଙ୍କ ୬୦ବର୍ଷର ସାମ୍ବାଦିକତା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶିବିରରେ ମୋଟ ୫୪ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଓ ରକ୍ତଦାତା କାର୍ଡ ସହିତ ଉତ୍ତୋରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସୁଜିତ ମହାନ୍ତି, ଦେବାଶିଷ ପାତ୍ର, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଅନନ୍ତ ଦାସ, ପ୍ରଭାତ ମହାନ୍ତି, ସୌମରଞ୍ଜନ ମିଶ୍ର, ରାଜା ଖାନ୍, ବିପ୍ଲବ ଭଞ୍ଜନ ବୁଗୁଡେଇ, ସୁନୀଲ ନାୟକ ପ୍ରମୁଖ ମହତ କାର୍ଯ୍ୟର ପ୍ରଶଂସା କରିଥିଲେ । ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତର ସୌମରଞ୍ଜନ ନାୟକ ଓ ବୈଷୟିକ ଟିମ ରକ୍ତ ସଂଗ୍ରହରେ ସହଯୋଗ କରିଥିବା ବେଳେ ଶିବିର ପରିଚାଳନାରେ ସୋମନାଥ ସିଂ, ନିରୋଜ ଲୋଚନ ପୁଆଳ ଓ ଅସୀମ ଚକ୍ରବର୍ତ୍ତୀ ସହଯୋଗ କରିଥିଲେ । ୨୦୨୭ ଜାନୁଆରୀ ୧୭ତାରିଖରେ ଜିଲ୍ଲାର ଅନ୍ୟତମ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ସ୍ମୃତିରେ ମଧ୍ୟ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହେବ ବୋଲି ସିଦ୍ଧାନ୍ତ ନିଆଯାଇଛି ।

# ମା' ଅମ୍ବିକା ସାହିତ୍ୟ ସଂସଦର ସାହିତ୍ୟ ଆସର: ବର୍ଷା କବିତା ପାଠ କଲେ ୪୦ରୁ ଉର୍ଦ୍ଧ୍ୱ କବି



ଖଇରା, ୧୨/୭ (ନି.ପ୍ର): ମା ଅମ୍ବିକା ବିଶ୍ୱକଲ୍ୟାଣ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡପୋଖରୀ ୟୁପି ସ୍କୁଲ ପରିସରରେ ରବିବାର ସାହିତ୍ୟ ଆସର ଅନୁଷ୍ଠିତ ହୋଇ ଯାଇଛି । । ସଂସଦର କାର୍ଯ୍ୟାକରୀ ସଭାପତି ଭରତ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାହିତ୍ୟ ସମାରୋହରେ ମୁଖ୍ୟଅତିଥି ଭାବେ କୁପାରୀ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଯୁଧିଷ୍ଠିର କୁଅଁର ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ ଯୋଗ ଦେଇ ଧରାପୃଷ୍ଠରେ ବର୍ଷାର ପ୍ରଭାବ ଉପରେ ସୁନ୍ଦର ବର୍ଣ୍ଣନା କରିଥିଲେ । କୁପାରୀ ମହାବିଦ୍ୟାଳୟର ଅଧ୍ୟାପିକା ଡଃ ଆଭାରାଣୀ ବଳ,ଶତ୍ରୁଘ୍ନ ଦାସ,ସୁଦାମ ଚରଣ ରାଉତ, ଅନ୍ତର୍ଯ୍ୟାମୀ ରାଉତ, ଅରୁଣ କୁମାର ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । କବି ଜଳଧର ଦାଶଙ୍କ ଦ୍ୱାରା ରଚିତ ପୁସ୍ତକ ଭାବର ସ୍ୱରର ଚତୁର୍ଦ୍ଦଶ ସଂସ୍କରଣ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ବର୍ଷା ଉପରେ ଆଧାରିତ ୪୦ରୁ ଉର୍ଦ୍ଧ କବିଙ୍କ ସ୍ୱରଚିତ କବିତା ପାଠରେ ସ୍କୁଲ ପରିସର ପ୍ରକମ୍ପିତ ହୋଇଥିଲା । ପୁର୍ବତନ ପ୍ରଧାନଶିକ୍ଷକ ପରେଶ ଚନ୍ଦ୍ର ଦକ୍ଷିଣରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ ଏବଂ ଲକ୍ଷ୍ମଣ ଗାହାଣ ଓ ପ୍ରଫୁଲ୍ଲ ଦାଶ ଯଥାକ୍ରମେ କବିତା ଗୁଡିକର ସଂଯୋଜନା ଓ ସମୀକ୍ଷା କରିଥିଲେ । ଏହି ଅବସରରେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଭରତ ଚନ୍ଦ୍ର ଦାଶ ଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ହରେକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida